Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 49

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 07 ଡିସେମ୍ବର 2017    07 ଫତାହ୍ 1396 ହି.ଶ    18 ରବିଉଲ୍ ଅୱ୍ୱଲ୍ 1439 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ପେଶ୍‌ଗୋଇ ତଖ୍‌ରୁଜୁସ୍ ସଦୁର୍ ଇଲଲ୍ କୁବୁର୍ ର ପ୍ରବୋଧନ ଖୁଦାତାଲାଙ୍କ ତରଫରୁ ଏହା ମିଳିଥିଲା ଯେ ପଞ୍ଜାବର ପ୍ରମୁଖ ମୌଲବୀ ଗଣ ଏହି ଏଲ୍‌ହାମ୍ ଅନୁସାରେ ମରିବେ ।**

**ସୁତରାଂ ଏହାପରେ ସେହି ସମସ୍ତ ମୌଲବୀମାନଙ୍କ ମଧ୍ୟରୁ ଶୈଖୁଲ୍ ମଶାଇଖ୍ (ମୌଲବୀ ମାନଙ୍କର ବୟୋଜ୍ୟେଷ୍ଠ ଗୁରୁ) ମୌଲବୀ ନଜିର୍ ହୁସେନ୍ ଦେହ୍‌ଲୁୱି ଏ ସଂସାରକୁ ଛାଡ଼ି ଚାଲିଗଲେ । ସେ ହିଁ ସର୍ବପ୍ରଥମେ ମୋ ବିରୁଦ୍ଧରେ ଫତ୍‌ୱା ଦେଇଥିଲେ ।**

**ମୌଲବୀ ଗୁଲାମ୍ ଦସ୍ତଗିର୍ କସୁରି ସେହି ବୟୋଜ୍ୟେଷ୍ଠ ବ୍ୟକ୍ତି ଥିଲେ ଯିଏ ମୋ ପାଇଁ ମହାନ୍ ମକ୍‌କା ରୁ କୁଫର୍ (ଅମାନ୍ୟକାରୀ)ର ଫତ୍‌ୱା ମଗାଇଥିଲେ । ସେ ମଧ୍ୟ ତାଙ୍କ ନିଜ ତରଫରୁ କରିଥିବା ମୁବାହିଲା ପରେ ମରିଗଲେ ।**

**ଲୁଧିଆନାର ମୁଫ୍‌ତି ମୌଲବୀ ମହମ୍ମଦ୍, ମୌଲବୀ ଅବ୍‌ଦୁଲ୍ଲାଃ, ମୌଲବୀ ଅବ୍‌ଦୁଲ୍ ଅଜିଜ୍, ଯେଉଁମାନେ ଅନେକଥର ମୁବାହିଲା ଆକାରରେ ଲାନତୁଲ୍‌ଲ୍ଲାହି ଅଲଲ୍ କାଜିବିନ୍ କହିଥିଲେ, ସେମାନେ ମଧ୍ୟ ଏହି ଏଲ୍‌ହାମ୍ ପରେ ଚାଲିଗଲେ (ଅର୍ଥାତ୍ ମରିଗଲେ) ।**

# ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

**୯୭-ଶତାନବେତମ ନିଦର୍ଶନ** - ଏହା ହେଉଛି ଗୋଟିଏ ପେଶ୍‌ଗୋଇ ଯାହା ଅଖ୍‌ବାର୍ ଅଲ୍‌ହକମ୍ ଏବଂ ଅଲ୍‌ବଦର୍‌ରେ ଛପାଯାଇ ପ୍ରକାଶ ହୋଇସାରିଛି ଯେ ତଖରଜୁସ୍ ସଦୁର୍ ଇଲ୍‌ଲ୍ କୁବୁର୍ । ଏହାର ଅର୍ଥ ଓ ପ୍ରବୋଧନ ଖୁଦାତାଲାଙ୍କ ତରଫରୁ ଏହା ଦିଆଯାଇଥିଲା ଯେ ପଞ୍ଜାବର ପ୍ରମୁଖ ମୌଲବୀ ଗଣ ଯେଉଁମାନେ ନିଜ ପରିସରରେ (ଜଣେଜଣେ) ମୁଫ୍‌ତି ବୋଲାଉଛନ୍ତି, ଯେଉଁମାନେ ଅଧିନସ୍ଥ ମୌଲବୀମାନଙ୍କର ଗୁରୁ ଅଟନ୍ତି, ସେମାନେ ଏହି ଏଲ୍‌ହାମ୍ ହେବା ପରେ କବରରେ ଦାଖଲ ହେଲେ । ସୁତରାଂ ସେହି ସମସ୍ତ ମୌଲବୀମାନଙ୍କ ଭିତରୁ ବୟୋଜ୍ୟେଷ୍ଠ ଗୁରୁ ମୌଲବୀ ନଜିର୍ ହୁସେନ୍ ଦେହ୍‌ଲୁୱି ଏ ସଂସାର ଛାଡ଼ି ଚାଲିଗଲେ । ସେ ହିଁ ମୋ ବିରୁଦ୍ଧରେ ସର୍ବପ୍ରଥମେ ଫତ୍‌ୱା ଜାରି କରିଥିଲେ, ଯିଏ ମୋତେ କୁଫର(ଅମାନ୍ୟକାରୀ) ହେବା ଫତ୍‌ୱା ଦେଇଥିଲେ ଓ ସେହି ମୌଲବୀ ମହମ୍ମଦ୍ ହୁସେନ୍ ବଟାଲୁୱିଙ୍କ ଗୁରୁ ଥିଲେ ଓ ସେ ମୌଲବୀ ଅବୁ ସଇଦ ମହମ୍ମଦ୍ ହୁସେନ୍ ବଟାଲୁୱିଙ୍କ ଫତ୍‌ୱା ଉପରେ ମୋ ସମ୍ବନ୍ଧରେ ଲେଖିଥିଲେ କି ଏପରି ବ୍ୟକ୍ତି ପଥଭ୍ରଷ୍ଟ ଓ ଇସ୍‌ଲାମ୍ ପରିସରରୁ ଖାରଜ(ନିଷ୍କାସିତ) ଅଟନ୍ତି । ଓ ଏପରି ଲୋକଙ୍କୁ ମୁସଲ୍‌ମାନଙ୍କ କବର(ସ୍ଥାନରେ) ଦଫନ କରିବା ଉଚିତ୍ ନୁହେଁ । ଓ ଏହି ମୌଲବୀ ଜଣକ ଏହିପରି ଫତ୍‌ୱା ଦେଇ ପୁରା ପଞ୍ଜାବରେ ନିଆଁ ଲଗାଇ ଦେଇଥିଲେ । ଫଳତଃ ଲୋକମାନେ ଏତେ ଡରିଯାଇଥିଲେ ଯେ ଆମ ସହିତ ହାତ ମିଳାଇବା ପାଇଁ କୁଣ୍ଠାବୋଧ ପ୍ରକାଶ କରୁଥିଲେ ଯେ କାଳେ ଏତିକି ମଧ୍ୟ ସମ୍ପର୍କ ସ୍ଥାପନ ହୋଇଗଲେ ଆମେ କାଫିର୍ ହୋଇଯିବୁ । ପୁଣି ମୌଲବୀ ଗୁଲାମ୍ ଦସ୍ତଗିର୍ କସୁରି ସେହି ବୁଜ୍‌ରୁଗ୍(ବୟୋଜ୍ୟେଷ୍ଠ) ବ୍ୟକ୍ତି ଥିଲେ ଯିଏ ମୋ ନିମନ୍ତେ ମହାନ୍ ମକ୍‌କାରୁ କୁଫର(ଅମାନ୍ୟକାରୀ) ହେବାର ଫତ୍‌ୱା ମଗାଇଥିଲେ । ସେ ମଧ୍ୟ ଏକତରଫା ମୋବାହିଲା କରିବା ପରେ ମରିଗଲେ । ଦୁଃଖର ବିଷୟ ମକ୍‌କା ବାସୀଙ୍କୁ ତାଙ୍କର ଏପରି ମୃତ୍ୟୁର ଖବର ମିଳିଲା ନାହିଁ, ଯଦ୍ୱାରା ସେମାନେ ନିଜର ଫତ୍‌ୱା ଫେରାଇନେଇଥାଆନ୍ତେ । ପୁଣି ଲୁଧିଆନାର ମୁଫ୍‌ତି ମୌଲବୀ ମହମ୍ମଦ୍, ମୌଲବୀ ଅବ୍‌ଦୁଲ୍ଲାଃ, ମୌଲବୀ ଅବ୍‌ଦୁଲ୍ ଅଜିଜ୍, ଯେଉଁମାନେ ଅନେକଥର ମୁବାହିଲା ଆକାରରେ ଲାନତୁଲ୍‌ଲ୍ଲାହି ଅଲଲ୍ କାଜିବିନ୍ କହିଥିଲେ, ସେମାନେ ମଧ୍ୟ ଏହି ଏଲ୍‌ହାମ୍ ପରେ ଚାଲିଗଲେ (ଅର୍ଥାତ୍ ମରିଗଲେ) । ପୁଣି ଅମୃତସରର ମୁଫ୍‌ତି ମୌଲବୀ ରୁସୁଲ୍‌ବାବା ମଧ୍ୟ ଆରପାରିକୁ ଚାଲିଗଲେ । ଏହିପରି ପଞ୍ଜାବର ବହୁତ ମୌଲବୀ ଏବଂ ହିନ୍ଦୁସ୍ତାନ୍‌ର କିଛି ମୌଲବୀଗଣ ଏହି ଏଲ୍‌ହାମ୍ ହେବାପରେ ଏ ସଂସାରକୁ ଛାଡ଼ି ଚାଲିଗଲେ । ଯଦି ସେ ସମସ୍ତଙ୍କର ଏଠାରେ ଅନୁସୁଚୀ ଲେଖାଯାଏ ତେବେ ତାହା ମଧ୍ୟ ଗୋଟିଏ ପତ୍ରିକା ହୋଇଯିବ । ବର୍ତମାନ ଯେତିକି ଲେଖାହେଲା ତାହା ପେଶ୍‌ଗୋଇ ସତ୍ୟତା ପାଇଁ ଯଥେଷ୍ଟ । ଯଦି କେହି ଏହାଦ୍ୱାରା ସନ୍ତୁଷ୍ଟ ନହୁଏ ତାହେଲେ ଆମେ ତାକୁ ଗୋଟିଏ ଲମ୍ବା ଅନୁସୁଚୀ ଦେଇପାରିବୁ ।

**୯୮-ଅଠାନବେତମ ନିଦର୍ଶନ** - କିଛି ବର୍ଷ ହୋଇଯିବ ସେଠ୍ ଅବ୍‌ଦୁର୍ ରହେମାନ୍ ସାହେବ ତାଜିର୍ ମଦ୍ରାସ୍, ଯିଏ ପ୍ରଥମ ଶ୍ରେଣୀର ନିଷ୍ଠାବାନ୍ ଯମାତ୍‌ରେ ଅଛନ୍ତି, ସେ କାଦିଆନ୍ ଆସିଥିଲେ । ଏବଂ ତାଙ୍କୁ ବେପାର ବଣିଜ ବାବଦରେ କିଛି ବାଧା ବିଘ୍ନ ଓ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେ ଦୁଆ କରିବା ପାଇଁ ଦରଖାସ୍ତ କଲେ । ତେବେ ଏଲ୍‌ହାମ୍ ହେଲା ଯାହା ନିମ୍ନରେ ଦିଆଯାଉଛି । କାଦିର୍ ହୈ ୱ ବାର୍‌ଗାହ୍ ଟୁଟାକାମ୍ ବନାଦେ, ବନା ବନାୟା ତୋଡ୍‌ଦେ କୋଇ ଉସ୍‌କା ଭେଦ୍ ନା ପାୱେ । (ଅର୍ଥାତ-ସେ ହେଉଛନ୍ତି ଏପରି ଶକ୍ତିଶାଳୀ ଯିଏ ଭାଙ୍ଗି ଯାଇଥିବା କାର୍ଯ୍ୟକୁ ଯୋଡ଼ି ଦିଅନ୍ତି ଏବଂ ଯୋଡ଼ା ହୋଇଥିବା କାର୍ଯ୍ୟକୁ ଭାଙ୍ଗି ଦିଅନ୍ତି । ତାଙ୍କର ଭେଦ କେହି ପାଇପାରିବେ ନାହିଁ) ସୁତରାଂ ଏହି ଏଲ୍‌ହାମ୍‌ଟିକୁ କାଦିଆନ୍‌ରେ ହିଁ ସେଠ୍ ସାହେବ୍‌ଙ୍କୁ ଶୁଣାଇ ଦିଆଗଲା । ଓ ଅଳ୍ପଦିନ ବିତିଥିଲା ଯେ ଖୁଦାତାଲା ତାଙ୍କ ବେପାର ବଣିଜକୁ ସୁଧାରି ଦେଲେ । ଓ ଏପରି ସାଧନ ଗଏବ୍(ଶୂନ୍ୟ) ରୁ ସୃଷ୍ଟି ହେଲା ଯେ ଧନ ସମ୍ପଦର ବିଜୟ ଆରମ୍ଭ ହୋଇଗଲା ଓ ପୁଣି କିଛି ସମୟ ପରେ ସେହି ତିଆରି ହୋଇଥିବା କାର୍ଯ୍ୟ ଭାଙ୍ଗିଗଲା ।

**୯୯-ଅନେଶତତମ ନିଦର୍ଶନ**-ଏକଦା ଫଜର୍ ସମୟରେ ଏଲ୍‌ହାମ୍ ହେଲା ଯେ ଆଜି ହାଜି ଅର୍‌ବାବ୍ ମହମ୍ମଦ୍ ଲଶ୍‌କର୍ ଖାନ୍‌ଙ୍କ ନିକଟ ସମ୍ବନ୍ଧୀୟଙ୍କ ଟଙ୍କା ଆସୁଅଛି । ସୁତରାଂ ମୁଁ ଦୁଇଜଣ ଆର୍ଯ୍ୟ ଶରମ୍‌ପତ୍ ଏବଂ ମଲାୱାମଲ୍ କାଦିଆନ୍ ନିବାସୀଙ୍କୁ ସକାଳ ସମୟରେ ଅର୍ଥାତ୍ ଡାକ ଆସିବା ବହୁତ ପୂର୍ବରୁ ଏହି ପେଶ୍‌ଗୋଇ ବିଷୟରେ ଜଣାଇଦେଲି । କିନ୍ତୁ ଏହି ଦୁଇଜଣ ଆର୍ଯ୍ୟ ଧର୍ମୀୟ ଶତୃ ହୋଇଥିବା ଯୋଗୁ ଏ କଥାରେ ଜିଦି କଲେ ଯେ ଆମେ ସେତେବେଳେ ମାନିବୁ ଯେତେବେଳେ ଆମ ଭିତରୁ କେହି ଡାକ ଖାନା ଯିବ ଏବଂ ସୈଭାଗ୍ୟ ବଶତଃ ଡାକଖାନାର ଉପଅଧିକାରୀ ଜଣେ ହିନ୍ଦୁ ଥିଲେ । ତେଣୁ ମୁଁ ତାଙ୍କର ଏହି ଦରଖାସ୍ତଟିକୁ ମଞ୍ଜୁର୍ କରିଦେଲି । ଏବଂ ଯେତେବେଳେ ଡାକ ଆସିବାର ସମୟ ହେଲା ଉକ୍ତ ଦ୍ୱୟଙ୍କ ମଧ୍ୟରୁ ମଲାୱାମଲ୍ ବ୍ୟକ୍ତି ଜଣକ ଡାକ ନେବାପାଇଁ ଗଲେ । ଏବଂ ଗୋଟିଏ ଚିଠି ଘେନି ଆସିଲେ ଯେଉଁଥିଲେ ଏହା ଲେଖାଯାଇଥିଲା ଯେ ସର୍‌ୱର୍‌ଖାନ୍ ଟ.........ପଠାଇ ଅଛନ୍ତି । ଏବେ ଆଉଗୋଟିଏ ନୁଆ ଦ୍ୱନ୍ଦ ଉପୁଜିଲା ଯେ ସର୍‌ସ୍ୱର୍‌ଖାନ୍ କିଏ । କଣ ସେ ମହମ୍ମଦ୍ ଲଶ୍‌କର୍ ଖାନ୍‌ଙ୍କର କୌଣସି ଆତ୍ମୀୟ ସ୍ୱଜନ ଅଟନ୍ତି ବା ନୁହେଁ । ଏବଂ ଏଠାରେ ପ୍ରକାଶ ଥାଉ ଯେ ଆର୍ଯ୍ୟ ମାନଙ୍କର ଏହା ଅଧିକାର ଥିଲା ଯେ ଉକ୍ତ ବିଷୟଟିର ସମାଧାନ କରାଯାଉ । ଯଦ୍ୱାରା ପ୍ରକୃତ ଘଟଣା ଜଣାପଡ଼ିବ । ତେବେ ମୁନ୍‌ଶି ଏଲାହି ବଖ୍‌ଶ ସାହେବ୍ ଆକାଉଟାଂଟ୍, ପୁସ୍ତକ ଅସାଏମୁସା ର ଲେଖକ ଯିଏ ସେ ସମୟରେ ସ୍ଥାନ ହୁତି ମର୍‌ଦାନ୍ ରେ ଥିଲେ ଓ ସେ ସମୟରେ ବିରୋଧି ନଥିଲେ, ତାଙ୍କ ପାଖକୁ ଲେଖାଗଲା ଯେ ବର୍ତମାନ ଏପରି ସମସ୍ୟା ଉପୁଜିଛି । ଏବେ (ଆମେ) ଜାଣିବାକୁ ଚାହୁଁଛୁ ଯେ ସର୍‌ୱର୍ ଖାନ୍ ଙ୍କ ସହିତ ଲଶ୍‌କର୍ ଖାନ୍‌ଙ୍କର କିଛି ଆତ୍ମୀୟ ସ୍ୱଜନତା ଅଛି ବା ନୁହେଁ । କିଛି ଦିନ ପରେ ମୁନ୍‌ଶି ଏଲାହି ବଖ୍‌ଶ ସାହେବ୍ ଙ୍କର ହୁତି ମର୍‌ଦାନ୍‌ରୁ ଉତର ଆସିଲା ଯେଉଁଥିରେ ଲେଖାଥିଲା କି ସର୍‌ୱର୍ ଖାନ୍ ଅର୍‌ବାବ୍ ଲସ୍‌କର୍ ଖାନ୍‌ଙ୍କର ପୁତ୍ର ଅଟନ୍ତି । ତେବେ ଯାଇ ସେହି ଦୁଇଜଣ ଆର୍ଯ୍ୟ ନିରୁତର ହୋଇଗଲେ । ଏବେ ଦେଖନ୍ତୁ ଏହା ଏଭଳି

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ.......*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ତହିରିକେ ଯଦିଦ୍
# ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ସତ୍ୟତାର ଏକ ମହାନ ନିଦର୍ଶନ

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ସତ୍ୟତାର ନିଦର୍ଶନ ଗୁଡିକେ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଛି । ସେଥିମଧ୍ୟରୁ ଗୋଟିଏ ହେଉଛି ତେହ୍‌ରିକ୍ ଯଦିଦ୍ ଯାହା ଆପଣଙ୍କ ସଦାକତ୍ (ସତ୍ୟତା)ର ଗୋଟିଏ ମହାନ୍ ନିଦର୍ଶନ । ଏହି ସଦାକତ୍‌ର ଘୋଷଣା ପ୍ରତ୍ୟେକ ବର୍ଷ ନଭେମ୍ବର୍ ମାସରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ସ୍ୱଷ୍ଟ ସ୍ୱରରେ କରିଥାନ୍ତି । ଯାହାକୁ ସାରା ଦୁନିଆ ଶୁଣେ । ତା-୩ ନଭେମ୍ବର୍ ୨୦୧୭ ମସିହା ଦିନ ହଜୁର୍ ଅନୁଓ୍ୱର୍ ଆ:ବ:ଅ ତେହ୍‌ରିକ୍ ଯଦିଦ୍‌ର ୮୩ତମ ବର୍ଷର ପରିସମାପ୍ତିରେ ୮୪ତମ ବର୍ଷର ଶୁଭାରମ୍ଭ ଘୋଷଣା କଲେ । ତେହ୍‌ରିକ୍ ଯଦିଦ୍‌ର ୮୩ତମ ବର୍ଷ ଅର୍ଥାତ୍ ବର୍ଷ-୨୦୧୭ ରେ ବିଶ୍ୱବ୍ୟାପୀ ଯମାତ୍ ଅହେମଦୀୟାର ସଦସ୍ୟ ଗଣଙ୍କୁ ଏକକୋଟି ପଚିଶି ଲକ୍ଷ ୮୦ ହଜାର୍ ପାଉଣ୍ଡ୍ ମାଲି କୁର୍‌ବାନୀ (ଧନର ବଳୀଦାନ) ପେଶ୍ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ଅଲ୍‌ହମ୍‌ଦୋଲିଲ୍ଲାଃ । ଏହି କୁର୍‌ବାନୀ ବିଗତ ବର୍ଷ ତୁଳନାରେ ପନ୍ଦର ଲକ୍ଷ ତେୟାଳିଶି ପାଉଣ୍ଡ୍ ଅଧିକା ।

ଐଶ୍ୱରିକ ଯମାତ୍‌ର ନିଦର୍ଶନ ଏପରି ହୋଇଥାଏ ଯେ ସେମାନଙ୍କ ପାଦ କୁର୍‌ବାନୀ କରିବା କ୍ଷେତ୍ରରେ ଆଗକୁ ଆଗ ବଢ଼ିଚାଲେ । ଉଦାହରଣ ସ୍ୱରୂପ ବର୍ଷ-୨୦୦୬ ରେ ତେହ୍‌ରିକ୍ ଯଦିଦ୍‌ରେ ଯମାତ୍‌ର ସଦସ୍ୟମାନେ ୩୬ ଲକ୍ଷ ୧୨ ହଜାର୍ ପାଉଣ୍ଡ୍ କୁର୍‌ବାନୀ କରିଥିଲେ । ଯାହା ବର୍ତମାନ ବଢ଼ିଯାଇ ଅଲ୍ଲାଃଙ୍କ ଦୟାବଳରେ ୧କୋଟି ୨୫ଲକ୍ଷ ୮୦ହଜାର ପାଉଣ୍ଡ୍ ହୋଇଯାଇଛି । ଏହିପରି ୧୦ବର୍ଷରେ ଯମାତ୍‌ର ସଦସ୍ୟମାନଙ୍କୁ ତେହ୍‌ରିକ୍ ଯଦିଦ୍‌ରେ ସାଢ଼େତିନିଗୁଣା ବଢ଼ାଇ କୁର୍‌ବାନୀ କରିବାର ସୌଭାଗ୍ୟ ମିଳିଛି । ଅଲ୍‌ହମ୍‌ଦୋଲିଲ୍ଲାଃ । ଏହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ଆପଣଙ୍କ ଯମାତ୍, ବିଶ୍ୱବ୍ୟାପୀ ଯମାତ୍ ଅହେମଦୀୟା ମୁସ୍‌ଲିମାଙ୍କର ସତ୍ୟତାର ଗୋଟିଏ ବହୁତ ବଡ଼ ଦଲିଲ(ପ୍ରମାଣ) ଅଟେ । ପ୍ରତ୍ୟେକ ବ୍ୟକ୍ତି ଯିଏ ଏହି କୁର୍‌ବାନୀରେ ଭାଗ ନିଏ ସେ ଦୁନିଆକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ଆପଣଙ୍କ ଯମାତ୍‌ର ସତ୍ୟତାର ନିଦର୍ଶନକୁ ଦେଖାଇବା ପାଇଁ ନିଜର ଭାଗ ଅଂଶ ଦିଏ । ତେହ୍‌ରିକ୍ ଯଦିଦ୍‌କୁ ଆରମ୍ଭ ହେବାର ଆଜକୁ ୮୪ ବର୍ଷ ହୋଇଗଲାଣି ଏବଂ ଯମାତ୍‌ର ସଦସ୍ୟମାନେ ଅତ୍ୟନ୍ତ ଖୁସି ଏବଂ ଆନନ୍ଦ ଓ ଧୈର୍ଯ୍ୟର ସହିତ କୁର୍‌ବାନୀ କରିଚାଲିଛନ୍ତି । ୮୪ ବର୍ଷ ପୂର୍ବେ ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଯେଉଁ ଚାରା ଲଗାଇଥିଲେ ତାହା ଆଜି ଶାଖାପୂର୍ଣ୍ଣ ବୃକ୍ଷ ହୋଇଯାଇଛି । ଏହି ଆଧାତ୍ମିକ ବୃକ୍ଷ ପ୍ରସାରିତ ଓ ପ୍ରସାରଣ ହୋଇ ଚାଲିବ । ଇନ୍‌ଶାଅଲ୍ଲାଃ ।

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଏହି ଖୁତ୍‌ବା ୩ ନଭେମ୍ବର୍‌ରୁ କିଛି ଇମାନ୍ ଅଫରୋଜ୍ (ବିଶ୍ୱାସବର୍ଦ୍ଧକ) ନିର୍ଦ୍ଦେଶାବଳୀ ଉପସ୍ଥାପନ କରାଯାଉଛି । ଆପଣ କହୁଛନ୍ତି:-

''ଆଜି ଅଲ୍ଲାଃତାଲାଙ୍କ କୃପା ବଳରୁ ପ୍ରତ୍ୟେକ ପ୍ରକାରର କୁର୍ବାନୀକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସଚ୍ଚା ସେବକଙ୍କୁ ମାନିବା ବାଲା ହିଁ ସବୁଠାରୁ ଅଧିକା ବୁଝିଛନ୍ତି । ଏବଂ ଏହା ଉପରେ ସବୁଠାରୁ ଅଧିକ ଅମଲ ମଧ୍ୟ ଅଲ୍ଲାଃତାଲାଙ୍କ ଫଜଲରୁ ଅହେମଦୀମାନେ ହିଁ କରୁଛନ୍ତି । ଆଜି ସଂସାରରେ ଯେଉଁ ପ୍ରକାର ଧନ ଦୌଲତକୁ ଆବରିବା ପାଇଁ ଦୌଡ ଲାଗିଛି । ଏପରି ପରିସ୍ଥିତିରେ ଅହେମଦୀମାନଙ୍କ ମଧ୍ୟରୁ ବହୁତ ବଡ଼ ସଂଖ୍ୟା ଏପରି, ଯେଉଁମାନେ ଟଙ୍କା ଓ ଧନ ଉପାର୍ଜନ କରୁଛନ୍ତି କିନ୍ତୁ ଯେତେବେଳେ ସେମାନଙ୍କୁ ମାଲି କୁର୍‌ବାନୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି ସେମାନେ ନିଜର ମାଲକୁ ପେଶ୍ କରିଦେଉଛନ୍ତି । ଏବଂ ଏହା ଧାରାବାହିକ ତର୍‌ବିୟତ୍ ର ଫଳ ଅଟେ, ଯାହାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ ଦେଇଛନ୍ତି ।''

ଅହେମଦୀ ଅଲ୍ଲାଃଙ୍କ ଫଜଲରୁ ଏକଥା ଭଲ ଭାବେ ଜାଣିଛନ୍ତି ଯେ ସେମାନଙ୍କ କୁର୍ବାନୀ କରିବା ଫଳରେ ଅଲ୍ଲାଃତାଲା ସେମାନଙ୍କୁ ନିଜ ପ୍ରତିଶ୍ରୁତି ମୁତାବକ ପରକାଳରେ ଉତମ ପ୍ରତିଫଳ ପ୍ରଦାନ କରିବେ । ଏବଂ କେବଳ ପରକାଳରେ ନୁହେଁ ବରଂ ଦୁନିଆରେ ମଧ୍ୟ ସେ ବହୁତ ଗୁଡିଏ ବର୍‌କାତ୍ ପ୍ରଦାନ କରିଥାନ୍ତି । ହିଁ ଜଣେ ଅହେମଦୀଙ୍କୁ ଅଧିକା ହାସଲ କରିବା ନିୟତରେ କୁର୍‌ବାନୀ କରିବା ଉଚିତ୍ ନୁହେଁ । ଏହାର ଫଳ ଏପରି ହେବ ଯେ ଅଲ୍ଲାଃତାଲା ଦୁଇଗୁଣା ଫଳ ଦେବେ । ଅର୍ଥାତ୍ ଦୁନିଆ ଓ ଆଖିରତ୍(ପରକାଳ) ଏହି ଦୁଇଟି ଯାଗାରେ ତାକୁ ଫଳ ପ୍ରଦାନ କରିବେ । ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହୁଛନ୍ତି:-

''ବହୁତ ଅହେମଦୀ ଅଛନ୍ତି ଯେଉଁମାନେ କୁର୍‌ବାନୀର ଉଚ୍ଚତମ ସ୍ତର ହାସଲ କରିବା ପାଇଁ ଚେଷ୍ଟା କରୁଛନ୍ତି । ଯେତେବେଳେ ସେମାନେ କୁରୁଆନ୍ ଏବଂ ହଦିସ୍ ଓ ସେହିପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ନିତୀବାଣୀକୁ ପଢୁଛନ୍ତି, ତେବେ ଏକଥାରେ ସେମାନେ ବିଶ୍ୱାସ ମଧ୍ୟ କରିଥାନ୍ତି ଯେ ଅଲ୍ଲାଃତାଲା ଖର୍ଚ୍ଚ କରୁଥିବା ଲୋକମାନଙ୍କ ଧନ ଓ ଜନରେ ବର୍‌କତ୍ ମଧ୍ୟ ପ୍ରଦାନ କରିଥାଏ । ଯେତେବେଳେ ମନୁଷ୍ୟ ନିଜର ପ୍ରିୟତମ ଜିନିଷକୁ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରେ ତେବେ ଅଲ୍ଲାଃତାଲା ମଧ୍ୟ କହୁଛନ୍ତି ଯେ ମୁଁ ତାକୁ ଅଧିକା କରିଦିଏ ଓ ସାତଶହ ଗୁଣା ପର୍ଯ୍ୟନ୍ତ ମଧ୍ୟ ବଢ଼ାଇ ଦେଇପାରିବି । ଏବଂ ଏହାଠାରୁ ଅଧିକା ମଧ୍ୟ ଦେଇପାରିବି । ଯେତେବେଳେ ଅହେମଦୀ ଏହି କୁର୍‌ବାନୀ କରୁଛନ୍ତି ସେମାନଙ୍କୁ ମଧ୍ୟ ଏ ବିଶ୍ୱାସ ଅଛି ଯେ ଅଲ୍ଲାଃତାଲା ବଢ଼ାଇ କରିଦେବ ଓ ଆମ ସହିତ ମଧ୍ୟ ଏପରି ବ୍ୟବହାର କରିବ ।'' ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହୁଛନ୍ତି:-

ଅହେମଦୀମାନଙ୍କ ଭିତରୁ ଅଧିକାଂଶ ଏକଥାକୁ ଜାଣିଛନ୍ତି ଯେ ବର୍ତମାନ ଯେଉଁ ଯୁଗ ଅଛି ତାହା ଇସ୍‌ଲାମ୍‌ର ସମ୍ପୂର୍ଣ୍ଣ ପ୍ରସାରଣ କରିବାର ଯୁଗ ଅଟେ । ଯେଉଁଥିପାଇଁ ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ପ୍ରେରଣ କରିଛନ୍ତି ।..... ସେଥିପାଇଁ ମାଲି କୁର୍‌ବାନୀର ମଧ୍ୟ ଆବଶ୍ୟକତା ଅଛି । ଏହି କାରଣରୁ ସେମାନେ ମାଲି କୁର୍‌ବାନୀ କରୁଛନ୍ତି । ଯମାତ୍‌ରେ ଏହା ସବୁକିଛି (ମାନବସେବା ନିମନ୍ତେ କାର୍ଯ୍ୟ-ନାକିଲ) ନିଷ୍ଠାବାନ୍ ବ୍ୟକ୍ତିମାନଙ୍କ କୁର୍‌ବାନୀ ଜରିଆରେ ହିଁ ହେଉଅଛି । ସେମାନଙ୍କର ଅଲ୍ଲାଃତାଲାଙ୍କ ଉପରେ ଏହି ବିଶ୍ୱାସ ଅଛି ଯେ ଅଲ୍ଲାଃତାଲା ତାଙ୍କ କୁର୍‌ବାନୀର ଫଳ ଏ ଦୁନିଆରେ ମଧ୍ୟ ଦେଇଥାଏ ଏବଂ ପରକାଳରେ ମଧ୍ୟ ଫଳ ପ୍ରଦାନ କରିବ । ଇନ୍‌ଶାଅଲ୍ଲାଃ ।

ପାକିସ୍ତାନ୍‌କୁ ବାଦ ଦେବା ପରେ ଦୁନିଆର ସବୁଠାରୁ ଅଧିକା କୁର୍‌ବାନୀ କରିଥିବା ଦଶଟି ଦେଶର ପୋଜିସନ୍ ଏପରି । (୧)ଜର୍ମାନୀ (୨)ବ୍ରିଟେନ୍ (୩)ଆମେରିକା (୪)କାନାଡ଼ା (୫)ଭାରତ (୬)ଅଷ୍ଟ୍ରେଲିଆ (୭)ଇଣ୍ଡୋନେସିଆ (୮)ମିଡିଲ୍ ଇଷ୍ଟ୍‌ର ଗୋଟିଏ ଯମାତ୍ (୯)ମିଡିଲ୍ ଇଷ୍ଟ୍‌ର ଆଉ ଗୋଟିଏ ଯମାତ୍ (୧୦)ଘାନା

ଏଠାରେ ଏକଥା କହିବା ଆବଶ୍ୟକ ପଡୁଛି ଯେ ଜର୍ମାନୀର ଅହେମଦୀମାନଙ୍କ କୁର୍‌ବାନୀ ବିଷୟରେ ହଜୁର୍ ଅନୁଓ୍ୱର୍ ବିଶେଷ ରୂପେ ଚର୍ଚ୍ଚା କଲେ ଏବଂ ସେମାନଙ୍କୁ ଦୁଆ ପ୍ରଦାନ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:-

''ଜର୍ମାନୀରେ ୧୦୦ଟି ମସ୍‌ଜିଦ୍ ନିର୍ମାଣ କରିବାରେ ମଧ୍ୟ (ଜର୍ମାନୀର) ଅହେମଦୀମାନେ ବଡ଼ କୁର୍‌ବାନୀ କରୁଛନ୍ତି । ଖୁଦାମ୍, ଅନ୍‌ସାର୍ ଓ ଲଜ୍‌ନା ନିଜ ନିଜ ଜିମାରେ ବଡ଼ ବଡ଼ ରାଶି ନେଇଛନ୍ତି । ପାଖାପାଖି ତିନି ମିଲିୟନ୍ ୟୁରୋ ଏଥିପାଇଁ ଏକାଠି କରୁଛନ୍ତି । ଏତେ ଧନୀ ଲୋକ ମଧ୍ୟ ସେଠାରେ ନାହାଁନ୍ତି କିନ୍ତୁ ଅଲ୍ଲାଃତାଲାଙ୍କ ଫଜଲରୁ କୁର୍‌ବାନୀ କରିବାର ଉତ୍ସାହ ବହୁତ ଅଛି । ଅଲ୍ଲାଃତାଲା ସେମାନଙ୍କର ଧନକୁ ବୃଦ୍ଧି କରନ୍ତୁ ଏବଂ ସେମାନଙ୍କର କୁର୍‌ବାନୀକୁ ଗ୍ରହଣ କରନ୍ତୁ'' ।

ହିନ୍ଦୁସ୍ତାନ୍‌ରେ ସବୁଠାରୁ ଅଧିକା କୁର୍‌ବାନୀ କରିଥିବା ୧୦ଟି ପ୍ରଦେଶ ହେଉଛନ୍ତି ଏପରି ଯଥା- (୧)କେରଳ (୨)କର୍ଣ୍ଣାଟକ (୩)ଜମ୍ମୁକାଶ୍ମୀର୍ (୪)ତେଲେଙ୍ଗାନା (୫)ତାମିଲ୍‌ନାଡୁ (୬)ଓଡ଼ିଶା (୭)ପଞ୍ଜାବ (୮)ବେଙ୍ଗଲ୍ (୯)ଦିଲ୍ଲୀ (୧୦)ମହାରାଷ୍ଟ୍ର ।

କୁର୍‌ବାନୀ ଦୃଷ୍ଟିକୋଣରୁ ଭାରତର ୧୦ଟି ବଡ଼ ଯମାତ୍‌ର ନାମ ହେଉଛି ଏପରି ଯଥା- (୧)କାଲିକଟ୍ କେରଳପ୍ରଦେଶ (୨)ପିଥାପୁରମ୍ କେରଳପ୍ରଦେଶ (୩)କାଦିଆନ୍ (୪)ହାଇଦ୍ରାବାଦ୍ ପ୍ରଦେଶ ତେଲେଙ୍ଗାନା (୫)କୋଲ୍‌କାତା ପ୍ରଦେଶ ବେଙ୍ଗଲ୍ (୬)ବାଙ୍ଗାଲୁରୁ ପ୍ରଦେଶ କର୍ଣ୍ଣାଟକ (୭)କେନାନୁର୍ ଟାଉନ୍ ପ୍ରଦେଶ କେରଳ (୮)ପେଙ୍ଗାଡ଼ି ପ୍ରଦେଶ କେରଳ (୯)ମାଟ୍ଟୁଟମ୍ ପ୍ରଦେଶ କେରଳ (୧୦)କରୋଲାଇ ପ୍ରଦେଶ କେରଳ ।

ମୁଣ୍ଡପିଛା ସବୁଠାରୁ ଅଧିକା ପଇଠ କରିଥିବା ଦୃଷ୍ଟିକୋଣରୁ ଦୁନିଆର ୧୦ଟି ଦେଶର ନାମ ହେଉଛି ଏହିପରି ଯଥା- (୧)ମିଡିଲ୍ ଇଷ୍ଟ୍‌ର ଗୋଟିଏ ଯମାତ୍ (୨)ମିଡିଲ୍ ଇଷ୍ଟ୍‌ର ଆଉ ଗୋଟିଏ ଯମାତ୍ (୩)ସୁଇଜରଲାଣ୍ଡ୍ (୪)ୟୁ.କେ (୫)ଆମେରିକା (୬)ଅଷ୍ଟ୍ରେଲିଆ (୭)ଜର୍ମାନୀ (୮)ସ୍ୱୀଡେନ୍ (୯)ନରଓ୍ୱେ (୧୦)କାନାଡ଼ା ।

ପରିଶେଷରେ ଆମେ ଯମାତ୍ ଅହେମଦୀୟା ଭାରତର ସଦସ୍ୟଙ୍କ ସେବାରେ ଅନୁରୋଧ କରୁଛୁ ଯେ ତେହ୍‌ରିକ୍ ଯଦିଦ୍‌ର ନୂତନ ବର୍ଷ ୨୦୧୮ ନିମନ୍ତେ ବଢ଼ି ଚଢ଼ି କରି ନିଜର ଓ୍ୱାଦା ଲେଖାନ୍ତୁ । ଏହା ବିଲ୍‌କୁଲ୍ ସତକଥା ଅଟେ ଯେ ଅଲ୍ଲାଃତାଲାଙ୍କ ମାର୍ଗରେ କରାଯାଉଥିବା କୁର୍‌ବାନୀ ଦ୍ୱାରା କଦାପି କୌଣସି ପ୍ରକାର କ୍ଷତି ବା ନିଅଂଟ ହୁଏନାହିଁ । ବରଂ ଅଲ୍ଲାଃତାଲା ଏହା ଫଳରେ ଇହକାଳ ଓ ପରକାଳରେ ପୁରସ୍କାର ପ୍ରଦାନ କରିଥାଏ । ଆମକୁ ଚେଷ୍ଟା କରିବା ଉଚିତ୍ ଯେ ଆମେ ସମ୍ପୂର୍ଣ୍ଣ ରୂପେ କୁର୍‌ବାନୀ ପେଶ୍ କରି ଭାରତକୁ, ଯାହା ପାକିସ୍ତାନ୍‌କୁ ବାଦ୍ ଦେଲା ପରେ ୧୦ଟି ଦେଶର ସୂଚୀପତ୍ରରେ ୫ନମ୍ବର ରେ ଅଛି, ତାକୁ ୪ନମ୍ବର୍‌ରେ ଆଣିବା ପାଇଁ ଚେଷ୍ଟା କରିବା । ଅଲ୍ଲାଃତାଲା ଆମକୁ ଫସ୍‌ତବେକୁଲ୍ ଖୈରାତ୍‌ର ନିର୍ଦ୍ଦେଶ ଦେଉଛି ଯେ ନେକି(ପୁଣ୍ୟ) ଏବଂ ତକ୍‌ଓ୍ୱା(ନିଷ୍ଠା) ଓ ମାଲି କୁର୍‌ବାନୀ କରିବାରେ ଜଣେ ଅନ୍ୟଜଣଙ୍କ ଠାରୁ ଆଗକୁ ବଢ଼ାଇବା ପାଇଁ ଚେଷ୍ଟା କରନ୍ତୁ । ନିମ୍ନରେ ଆମେ ପୋଜିସନ୍ ହିସାବରେ ଭାରତର ଯମାତ୍ ଏବଂ ପ୍ରଦେଶଗୁଡିକର ୫ବର୍ଷର ସାରଣୀ ଉପସ୍ଥାପନ କରୁଅଛୁ । ଯାହାଫଳରେ ଲୋକମାନେ ତାକୁ ଅନୁଧ୍ୟାନ କରନ୍ତୁ ଓ ନିଜ ନିଜ ଯମାତ୍ ଓ ପ୍ରଦେଶ ଗୁଡିକର ପୋଜିସନ୍‌କୁ ଦେଖି ଆଗକୁ ବଢ଼ିବା ପାଇଁ ଚେଷ୍ଟା କରନ୍ତୁ ।

**ପ୍ରଥମସ୍ଥାନ ଅଧିକାର କରିଥିବା ୧୦ଗୋଟି ଯମାତ୍‌ର ୫ବର୍ଷୀୟ ପର୍ଯ୍ୟାୟ ସାରଣୀ**

| | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
|---|---|---|---|---|---|---|---|---|---|---|
| ୨୦୧୭ | କାଲିକଟ୍ | ପିଥାପ୍ରେମ୍ | କାଦିଆନ୍ | ହାଇଦ୍ରାବାଦ୍ | କୋଲ୍‌କାତା | ବାଙ୍ଗାଲୁରୁ | କେନାନୁର | ପେଙ୍ଗାଡ଼ି | ମାଥୁଟମ୍ | କରୋଲାଇ |
| ୨୦୧୬ | କରୋଲାଇ | କାଲିକଟ୍ | ହାଇଦ୍ରାବାଦ୍ | ପିଥାପ୍ରେମ୍ | କାଦିଆନ୍ | କେନାନୁର | ପେଙ୍ଗାଡ଼ି | ଦିଲ୍ଲୀ | କୋଲ୍‌କାତା | ସଲୁର୍ |
| ୨୦୧୫ | କରୋଲାଇ | ହାଇଦ୍ରାବାଦ୍ | କାଲିକଟ୍ | କାଦିଆନ୍ | ପିଥାପ୍ରେମ୍ | କେନାନୁର | ପେଙ୍ଗାଡ଼ି | କୋଲ୍‌କାତା | ବାଙ୍ଗାଲୁରୁ | ସଲୁର୍ |
| ୨୦୧୪ | କରୋଲାଇ | କାଲିକଟ୍ | ହାଇଦ୍ରାବାଦ୍ | କାଦିଆନ୍ | କେନାନୁର | ପେଙ୍ଗାଡ଼ି | ସଲୁର୍ | କୋଲ୍‌କାତା | ଚେନାଇ | ବାଙ୍ଗାଲୁରୁ |
| ୨୦୧୩ | କରୋଲାଇ | କାଲିକଟ୍ | ହାଇଦ୍ରାବାଦ୍ | କେନାନୁର | ପେଙ୍ଗାଡ଼ି | କାଦିଆନ୍ | କୋଲ୍‌କାତା | ୟାଦ୍‌ଗିର୍ | ଚେନାଇ | ମାଥୁଟମ୍ |

**ପ୍ରଥମସ୍ଥାନ ଅଧିକାର କରିଥିବା ୧୦ଗୋଟି ପ୍ରଦେଶର ୫ବର୍ଷୀୟ ପର୍ଯ୍ୟାୟ ସାରଣୀ**

| | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
|---|---|---|---|---|---|---|---|---|---|---|
| ୨୦୧୭ | କେରଳ | କର୍ଣ୍ଣାଟକ | J & K | ତେଲେଙ୍ଗାନା | ତାମିଲ୍‌ନାଡୁ | ଓଡ଼ିଶା | ପଞ୍ଜାବ | ବଙ୍ଗାଲ୍ | ଦିଲ୍ଲୀ | ମହାରାଷ୍ଟ୍ର |
| ୨୦୧୬ | କେରଳ | କର୍ଣ୍ଣାଟକ | A.P | ତାମିଲ୍‌ନାଡୁ | J & K | ଓଡ଼ିଶା | ପଞ୍ଜାବ | ବଙ୍ଗାଲ୍ | ଦିଲ୍ଲୀ | ମହାରାଷ୍ଟ୍ର |
| ୨୦୧୫ | କେରଳ | ତାମିଲ୍‌ନାଡୁ | କର୍ଣ୍ଣାଟକ | A.P | J & K | ଓଡ଼ିଶା | ପଞ୍ଜାବ | ବଙ୍ଗାଲ୍ | ଦିଲ୍ଲୀ | ମହାରାଷ୍ଟ୍ର |
| ୨୦୧୪ | କେରଳ | ତାମିଲ୍‌ନାଡୁ | କର୍ଣ୍ଣାଟକ | A.P | J & K | ଓଡ଼ିଶା | ବଙ୍ଗାଲ | ପଞ୍ଜାବ୍ | ଦିଲ୍ଲୀ | ଲକ୍ଷଦୀପ |
| ୨୦୧୩ | କେରଳ | A.P | J & K | କର୍ଣ୍ଣାଟକ | ବଙ୍ଗାଲ୍ | ଓଡ଼ିଶା | ପଞ୍ଜାବ | UP | ମହାରାଷ୍ଟ୍ର | ଦିଲ୍ଲୀ |

ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ......

# ଖୁତ୍‌ବା ଜୁମା

★ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ ନିମ୍ନୋକ୍ତ ପକ୍ତିଂ ପାଠ କରି କହିଲେ- **ଲନ୍ ତନାଲୁଲ୍ ବିର୍‌ରା ହତ୍‌ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ । ଓ୍ୱମା ତୁନ୍‌ଫିକୁ ମିନ୍ ଶୈଇନ୍ ଫଇନ୍ନଲ୍ ଲାହାବିହି ଅଲିମ୍** ଅର୍ଥାତ ତୁମେମାନେ କଦାପି ପୁଣ୍ୟ ଲାଭ କରିପାରିବ ନାହିଁ ଯେପର୍ଯ୍ୟନ୍ତ ତୁମେମାନେ ନିଜ ପ୍ରିୟ ବସ୍ତୁମାନଙ୍କ ମଧ୍ୟରୁ ବ୍ୟୟ କରି ନାହଁ ଏବଂ ତୁମେମାନେ ଯାହା କିଛି ବ୍ୟୟକର ଅଲ୍ଲାଃ ତାହାକୁ ଭଲରୂପେ ଜାଣନ୍ତି ।

★ଅଲ୍ଲାଃତାଲା ସେହି ବିଷୟର ଚର୍ଚ୍ଚା କରିଛନ୍ତି ଯାହାକୁ ସର୍ବଦା ଅଲ୍ଲାଃଙ୍କ ମାର୍ଗରେ କୁର୍ବାନୀ କରୁଥିବା ମୋମିନ୍‌ମାନେ ଭଲ ରୂପେ ବୁଝିସାରିଛନ୍ତି ଏବଂ ଏହାର ପ୍ରକାଶ ସବୁଠାରୁ ଅଧିକା ହଜରତ ମହମ୍ମଦ ସ.ଆଙ୍କ ସାହାବାମାନେ ଅକ୍ଷର ଅକ୍ଷରେ ନିଜ ବାସ୍ତବ ଜୀବନରେ ଅମଳ କରି ଦେଖାଇଲେ । ଯେ ନିଜ ଧନ, ଜୀବନ ଓ ସମୟ ଧର୍ମ ପାଇଁ ଉତ୍ସର୍ଗ କରିଦେଇଥିଲେ । ଏମାନେ ଥିଲେ ସେହି ବ୍ୟକ୍ତିଗଣ ଯେ **ଅଲବିର୍**ର ପ୍ରକୃତ ମର୍ମ ବୁଝିଥିଲେ ଅର୍ଥାତ ପୁଣ୍ୟର ସେହି ସ୍ତରକୁ ବୁଝିଥିଲେ ଏବଂ ହାସଲ କରିବାକୁ ଚେଷ୍ଟା କରିଥିଲେ ଯାହାକି ପୁଣ୍ୟ, ଉତମ ଚରିତ୍ର, ଆର୍ଥିକ ବଳିଦାନ, ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ହାସଲ କରିବା ତଥା ଧର୍ମନିଷ୍ଠାର ସର୍ବୋଚ୍ଚ ସ୍ତର ଥିଲା ।

★ତେବେ ଏପରି ଅବସ୍ଥା ଓ ପଦ ଥିଲା ସାହାବାମାନଙ୍କର ଏବଂ ଆଜି ଅଲ୍ଲାଃଙ୍କ କୃପାରୁ ସମସ୍ତ ପ୍ରକାରର ବଳିଦାନ ଓ ସର୍ବୋଚ୍ଚ ସ୍ତରର ଜ୍ଞାନ ହଜରତ ମହମ୍ମଦ ସ.ଆଙ୍କ ନିଷ୍ଠାପର ଦାସଙ୍କ ଅନୁଯାୟୀଙ୍କର ଅଟେ ଏବଂ ଅଲ୍ଲାଃଙ୍କ କୃପାରୁ ଅହେମଦିମାନେ ଏସବୁ ବାସ୍ତବରେ କରି ଦେଖାଉଛନ୍ତି । ଆଜି ସଂସାରବାସୀ ଧନସମ୍ପତି ଅଭିବୃଦ୍ଧି କରିବାର ଦୌଡ଼ରେ ମାତିଥିବାବେଳେ ଅହେମଦିମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଏପରି ଅଟନ୍ତି ଯେଉଁମାନେ ଟଙ୍କା ପଇସା ଓ ଧନସମ୍ପତି ଅର୍ଜନ କରୁଛନ୍ତି ଓ ସେମାନଙ୍କୁ ଧର୍ମ ମାର୍ଗରେ ଅର୍ଥ ବ୍ୟୟ କରିବା ପ୍ରତି ଧ୍ୟାନ ଆକର୍ଷିତ କଲେ ସେମାନେ ତାହା ମୁକ୍ତହସ୍ତରେ ପ୍ରଦାନ କରିଥାନ୍ତି ଏବଂ ଏସବୁ ସେହି ପ୍ରଶିକ୍ଷଣର ପରିଣାମ ଅଟେ ଯାହାକି ହଜରତ ମସିହ ମଉଦ ଆ.ସ ଆମର କଲେ ।

**ତେହ୍‌ରିକ୍ ଯଦିଦ୍‌ର ୮୪ତମ ବର୍ଷ ଶୁଭାରମ୍ଭର ଘୋଷଣା**

**ଏ ବର୍ଷ ତେହ୍‌ରିକ୍ ଯଦିଦ୍‌ର ମାଲି ନିଜାମ୍ ରେ ଯମାତ୍ ଅହେମଦୀୟା ଏକକୋଟି ପଚିଶି ଲକ୍ଷ ଅଶୀ ହଜାର୍ ପାଉଣ୍ଡ୍ ମାଲି କୁର୍ବାନୀ ପେଶ୍ କରିଛି**

★ଅହେମଦୀ ଅଲ୍ଲାଃଙ୍କ ଫଜଲ୍‌ରୁ ଏକଥା ଭଲ ଭାବେ ଜାଣିଛନ୍ତି ଯେ ସେମାନଙ୍କ କୁର୍ବାନୀ କରିବା ଫଳରେ ଅଲ୍ଲାଃତାଲା ସେମାନଙ୍କୁ ନିଜ ପ୍ରତିଶୃତି ମୁତାବକ ପରକାଳରେ ଉତମ ପ୍ରତିଫଳ ପ୍ରଦାନ କରିବେ । ଏବଂ କେବଳ ପରକାଳରେ ନୁହେଁ ବରଂ ଦୁନିଆରେ ମଧ୍ୟ ସେ ବହୁତ ଗୁଡିଏ ବର୍‌କାତ୍ ପ୍ରଦାନ କରିଥାନ୍ତି । ହଁ ଜଣେ ଅହେମଦୀଙ୍କୁ ଅଧିକା ହାସଲ କରିବା ନିୟତରେ କୁର୍‌ବାନୀ କରିବା ଉଚିତ୍ ନୁହେଁ । ଏହାର ଫଳ ଏପରି ହେବ ଯେ ଅଲ୍ଲାଃତାଲା ଦୁଇଗୁଣା ଫଳ ଦେବେ । ଅର୍ଥାତ୍ ଦୁନିଆ ଓ ଆଖିରତ୍(ପରକାଳ) ଏହି ଦୁଇଟି ଯାଗାରେ ତାକୁ ଫଳ ପ୍ରଦାନ କରିବେ ।

★କିଛି ବର୍ଷ ପୂର୍ବେ ମସ୍‌ଜିଦ୍ ବଇତୁଲ୍ ଫତୁହ୍ କମ୍ପ୍ଲେକ୍‌ସ୍‌ରେ ନିଆଁ ଲାଗିଯିବା ଯୋଗୁଁ ଯେଉଁ କ୍ଷତି ହୋଇଥିଲା ୟୁ.କେ ଯମାତ୍‌ର ସଦସ୍ୟମାନେ ଓ ସାରା ଦୁନିଆର ଆର୍ଥିକ ସ୍ୱଚ୍ଛଳ ରଖିଥିବା ଅହେମଦୀ ମାନଙ୍କୁ ମାଲି କୁର୍ବାନୀ କରିବା ପାଇଁ ତେହ୍‌ରିକ୍ ।

★ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ଯେଉଁମାନେ ପ୍ରଥମେ ଏହି କୁରବାନୀରେ ଭାଗନେଇପାରି ନାହାନ୍ତି ସେମାନଙ୍କୁ ନିଶ୍ଚିତ ରୂପେ ଏଥିରେ ଭାଗ ନେବା ଉଚିତ୍ । ଯାହା ଦେବାର ପ୍ରତିଶୃତି କରିବେ ତାହାକୁ ତିନି ବର୍ଷ ମଧ୍ୟରେ ପୂରଣ କରିବାକୁ ଚେଷ୍ଟା କରିବେ । କିନ୍ତୁ ପ୍ରଥମ ବର୍ଷରେ ହିଁ (ଉକ୍ତ ରାଶିର) ୧/୩ ଅଂଶ ପ୍ରଦାନ କରିବାକୁ ଚେଷ୍ଟା କରିବେ ।

★ମୋକରମ୍ ଆଦିଲ୍ ହମୁଦୁନା ଖୋଜା ସାହେବ୍ ଅପ୍ ୟମ୍‌ନ୍‌ଙ୍କର ମୃତ୍ୟୁ ମର୍‌ହୁମ୍‌ଙ୍କର ଉତମ ଗୁଣର ଚର୍ଚ୍ଚା ଓ ତାଙ୍କର ନମାଜ ଯନାଜାଃ ଗାଏବ୍ ପାଠ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ

## (ପ୍ରଦତ୍ତ: ୦୩ ନଭେମ୍ବର ୨୦୧୭ ଅନୁଯାୟୀ ୦୩ ନବୁଓ୍ୱତ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ ନିମ୍ନୋକ୍ତ ପକ୍ତିଂ ପାଠ କରି କହିଲେ- **ଲନ୍ ତନାଲୁଲ୍ ବିର୍‌ରା ହତ୍‌ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ । ଓ୍ୱମା ତୁନ୍‌ଫିକୁ ମିନ୍ ଶୈଇନ୍ ଫଇନ୍ନଲ୍ ଲାହାବିହି ଅଲିମ୍** ଅର୍ଥାତ ତୁମେମାନେ କଦାପି ପୁଣ୍ୟ ଲାଭ କରିପାରିବ ନାହିଁ ଯେପର୍ଯ୍ୟନ୍ତ ତୁମେମାନେ ନିଜ ପ୍ରିୟ ବସ୍ତୁମାନଙ୍କ ମଧ୍ୟରୁ ବ୍ୟୟ କରି ନାହଁ ଏବଂ ତୁମେମାନେ ଯାହା କିଛି ବ୍ୟୟକର ଅଲ୍ଲାଃ ତାହାକୁ ଭଲରୂପେ ଜାଣନ୍ତି ।

ଏହି ପକ୍ତିଂରେ ଅଲ୍ଲାଃତାଲା ସେହି ବିଷୟର ଚର୍ଚ୍ଚା କରିଛନ୍ତି ଯାହାକୁ ସର୍ବଦା ଅଲ୍ଲାଃଙ୍କ ମାର୍ଗରେ କୁର୍ବାନୀ କରୁଥିବା ମୋମିନ୍‌ମାନେ ଭଲ ରୂପେ ବୁଝିସାରିଛନ୍ତି ଏବଂ ଏହାର ପ୍ରକାଶ ସବୁଠାରୁ ଅଧିକା ହଜରତ ମହମ୍ମଦ ସ.ଆଙ୍କ ସାହାବାମାନେ ଅକ୍ଷର ଅକ୍ଷରେ ନିଜ ବାସ୍ତବ ଜୀବନରେ ଅମଳ କରି ଦେଖାଇଲେ । ଯେ ନିଜ ଧନ, ଜୀବନ ଓ ସମୟ ଧର୍ମ ପାଇଁ ଉତ୍ସର୍ଗ କରିଦେଇଥିଲେ । ଏମାନେ ଥିଲେ ସେହି ବ୍ୟକ୍ତିଗଣ ଯେ **ଅଲବିର୍**ର ପ୍ରକୃତ ମର୍ମ ବୁଝିଥିଲେ ଅର୍ଥାତ ପୁଣ୍ୟର ସେହି ସ୍ତରକୁ ବୁଝିଥିଲେ ଏବଂ ହାସଲ କରିବାକୁ ଚେଷ୍ଟା କରିଥିଲେ ଯାହାକି ପୁଣ୍ୟ, ଉତମ ଚରିତ୍ର, ଆର୍ଥିକ ବଳିଦାନ, ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ହାସଲ କରିବା ତଥା ଧର୍ମନିଷ୍ଠାର ସର୍ବୋଚ୍ଚ ସ୍ତର ଥିଲା । ସୁତରାଂ ଲେଖାଅଛି ଯେତେବେଳେ ଏହି ପକ୍ତିଂ ଅବତୀର୍ଣ୍ଣ ହେଲା ସେତେବେଳେ ହ. ଅବୁ ତଲ୍‌ହା ର.ଅ ହଜରତ ମହମ୍ମଦ ସ.ଆଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ମୋର ଗୋଟିଏ ବଗିଚା ଅଛି ଯାହାର୍ ନାମ ବୌହା ଅଟେ ଓ ତାହା ମସ୍‌ଜିଦ୍ ନବଓ୍ୱି ନିକଟରେ ଅବସ୍ଥିତ ଯେଉଁଟି ମୋର ସମ୍ପତି ମଧ୍ୟରୁ ଅତ୍ୟନ୍ତ ପ୍ରିୟ ଅଟେ କିନ୍ତୁ ଆଜି ତାହାକୁ ମୁଁ ଅଲ୍ଲାଃଙ୍କ ମାର୍ଗରେ ସଦ୍‌କା ଦେଉଛି ।

(ସହି ବୁଖାରି କିତାବ ତବ୍‌ଶିରୁଲ୍ କୁରୁଆନ୍ ବାବ୍ ଲନ୍ ତନାଲୁଲ୍ ବିର୍...ହଦିସ୍ ନଂ-୪୫୫୪)

ତେବେ ଏପରି ଅବସ୍ଥା ଓ ପଦ ଥିଲା ସାହାବାମାନଙ୍କର ଏବଂ ଆଜି ଅଲ୍ଲାଃଙ୍କ କୃପାରୁ ସମସ୍ତ ପ୍ରକାରର ବଳିଦାନ ଓ ସର୍ବୋଚ୍ଚ ସ୍ତରର ଜ୍ଞାନ ହଜରତ ମହମ୍ମଦ ସ.ଆଙ୍କ ନିଷ୍ଠାପର ଦାସଙ୍କ ଅନୁଯାୟୀଙ୍କର ଅଟେ ଏବଂ ଅଲ୍ଲାଃଙ୍କ କୃପାରୁ ଅହେମଦିମାନେ ଏସବୁ ବାସ୍ତବରେ କରି ଦେଖାଉଛନ୍ତି । ଆଜି ସଂସାରବାସୀ ଧନସମ୍ପତି ଅଭିବୃଦ୍ଧି କରିବାର ଦୌଡ଼ରେ ମାତିଥିବାବେଳେ ଅହେମଦିମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଏପରି ଅଟନ୍ତି ଯେଉଁମାନେ ଟଙ୍କା ପଇସା ଓ ଧନସମ୍ପତି ଅର୍ଜନ କରୁଛନ୍ତି ଓ ସେମାନଙ୍କୁ ଧର୍ମ ମାର୍ଗରେ ଅର୍ଥ ବ୍ୟୟ କରିବା ପ୍ରତି ଧ୍ୟାନ ଆକର୍ଷିତ କଲେ ସେମାନେ ତାହା ମୁକ୍ତହସ୍ତରେ ପ୍ରଦାନ କରିଥାନ୍ତି ଏବଂ ଏସବୁ ସେହି ପ୍ରଶିକ୍ଷଣର ପରିଣାମ ଅଟେ ଯାହାକି ହଜରତ ମସିହ ମଉଦ ଆ.ସ ଆମର କଲେ । ବିଭିନ୍ନ ମୌକାରେ, ବିଭିନ୍ନ ରଙ୍ଗରେ ଆପଣ କୁର୍ବାନୀ ସମ୍ବନ୍ଧୀୟ ଆମକୁ ଉପଦେଶାବଳୀ ଦେଇଛନ୍ତି ସୁତରାଂ ଗୋଟିଏ ଅବସରରେ ମାଲି କୁର୍ବାନୀ ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି- ସଂସାରରେ ମଣିଷ ଧନସମ୍ପତିକୁ ସବୁଠାରୁ ଅଧିକ ଭଲପାଇଥାଏ । ଏଥିପାଇଁ ଇଲମ୍ ତାବିରୁର୍ ରୋୟା (ସ୍ୱପ୍ନ ବ୍ୟାଖ୍ୟାକାରୀମାନେ) ଲେଖାଯାଇଛି ଯେ ଯଦି କେହି ସ୍ୱପ୍ନରେ ଦେଖେ କି ନିଜର କଲିଜା କାଢି କାହାରିକୁ ଦେଉଅଛି ତେବେ ତାହାର ଅର୍ଥ ଧନ ଅଟେ । ତେଣୁକରି ପ୍ରକୃତ ଧର୍ମନିଷ୍ଠତା ଓ ବିଶ୍ୱାସ ଲାଭ କରିବା ନିମନ୍ତେ କହିଲେ- **ଲନ୍ ତନାଲୁଲ୍ ବିର୍‌ରା ହତ୍‌ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍** ଅର୍ଥାତ ତୁମେମାନେ କଦାପି ପୁଣ୍ୟ ଲାଭ କରିପାରିବ ନାହିଁ ଯେପର୍ଯ୍ୟନ୍ତ ତୁମେମାନେ ନିଜ ପ୍ରିୟ ବସ୍ତୁମାନଙ୍କ ମଧ୍ୟରୁ ବ୍ୟୟ କରି ନାହଁ କାରଣ ଅଲ୍ଲାଃଙ୍କ ସୃଷ୍ଟି ସହ ସହାନୁଭୂତି ଓ ଉତମ ଆଚରଣ ପ୍ରଦର୍ଶନ କରିବାର ଏକ ବଡ଼ ମାଧ୍ୟମ ଅର୍ଥ ଖର୍ଚ୍ଚ କରିବାରେ ସମ୍ପାଦିତ ହୋଇଥାଏ । ଲୋକମାନଙ୍କର ହକ୍‌କୁ ପ୍ରଦାନ କରିବା ପାଇଁ ହେଲେ ସବୁଠାରୁ ଅଧିକ ଆବଶ୍ୟକ ହେଉଛି ଧନର ଆବଶ୍ୟକ । ସେଥିଯୋଗୁ ହକ୍‌କୁଲ୍ ଇବାଦ୍ ନିମନ୍ତେ କହୁଛନ୍ତି ଯେ ମାନବ ଜାତି ଏବଂ ଅଲ୍ଲାଃଙ୍କ ସୃଷ୍ଟି ସହ ସହାନୁଭୂତି ପ୍ରଦର୍ଶନ କରିବା ଏପରି କାର୍ଯ୍ୟ ଅଟେ ଯାହାକି ବିଶ୍ୱାସର ଦ୍ୱିତୀୟ ଶ୍ରେଣୀ ଅଟେ ଏବଂ ଯାହା ବ୍ୟତୀତ ବିଶ୍ୱାସ ପୂର୍ଣ୍ଣତାର ସ୍ତରରେ ପହଂଚିନଥାଏ ଏବଂ (ମଣିଷର) ଅନ୍ତରରେ ପ୍ରବେଶ କରିନଥାଏ । ହକୁକୁଲ୍ ଇବାଦ (ସୃଷ୍ଟିର କର୍ତବ୍ୟ) ସମ୍ପାଦନ କରିବା ମଧ୍ୟ ବିଶ୍ୱାସର ଏକ ଅଂଶ ଅଟେ । ଏହାକୁ ବାଦ ଦେଇ ବିଶ୍ୱାସ ସମ୍ପୂର୍ଣ୍ଣ ହୋଇନଥାଏ ଯେପର୍ଯ୍ୟନ୍ତ ମଣିଷ ବଳିଦାନ (କୁରବାନୀ) କରିନାହିଁ ଅନ୍ୟର ଉପକାର କିଭଳି ସାଧିତ କରିପାରିବ । ଅନ୍ୟର ଉପକାର ଓ ସହାନୁଭୂତି ପ୍ରଦର୍ଶନ କରିବା ନିମନ୍ତେ କୁରବାନୀ କରିବା ଅତ୍ୟନ୍ତ ଜରୁରୀ ଏବଂ ଉକ୍ତ ପକ୍ତିଂରେ ଏହି କୁରବାନୀର ଶିକ୍ଷା ଓ ନିର୍ଦ୍ଦେଶ ଦିଆଯାଇଛି । ସୁତରାଂ ଅଲ୍ଲାଃଙ୍କ ମାର୍ଗରେ ଅର୍ଥ ବ୍ୟୟ କରିବା ମଧ୍ୟ ମଣିଷର ସୌଭାଗ୍ୟ ଓ ଧର୍ମପରାୟଣତାର ସ୍ତର ଓ ମହକ ଅଟେ । ଅର୍ଥାତ୍ ଏପରି ଘଷା ପଥର ଯାହାଦ୍ୱାରା ତକ୍‌ଓ୍ୱା(ନିଷ୍ଠା)କୁ ପରଖି ଦେଖାଯାଇଥାଏ । ଦେଖନ୍ତୁ ହ. ଅବୁବକର ର.ଅଙ୍କ ଜୀବନ ଅଲ୍ଲାଃଙ୍କ ମାର୍ଗରେ ଉତ୍ସର୍ଗ ହେବାର ସ୍ତର ଓ ମହକ ଏଭଳି ଥିଲା କି ଏକଦା ହଜରତ ମହମ୍ମଦ ସ.ଆ ଧର୍ମର ଆବଶ୍ୟକତା ପୂରଣ ନିମନ୍ତେ ଅର୍ଥ ବ୍ୟୟ କରିବାର ଆହ୍ୱାନ ଦେଲେ ସେତେବେଳେ ଆପଣ ନିଜ ଘରର ସମସ୍ତ ଆସବାବପତ୍ର ନେଇ (ହଜୁର ସ.ଆଙ୍କ ନିକଟରେ) ହାଜର ହୋଇଗଲେ ।

ସୁତରାଂ ଏହା ସେହି ଉତମ ସ୍ତର ଅଟେ ଯାହାକୁ ହଜ୍‌ରତ୍ ଅବୁବକର୍ ର:ଅ କାଏମ୍ କରିଛନ୍ତି । ଏବଂ ସେହିପରି ତାଙ୍କ ପରେ ହଜ୍‌ରତ୍ ଉମର ର:ଅ କାଏମ୍ କଲେ । ଏଠାରେ ହଜ୍‌ରତ୍ ଅବୁ ବକ୍‌ର ତ ଯେପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ କହିଲେ ଯେ ଘରର ସମସ୍ତ ଆସବାବ ନେଇ ଆସିଥିଲେ । ହଜ୍‌ରତ୍ ଉମର ର:ଅ ଘରର ଅଧା ସାମାନ ନେଇଆସିଲେ ଏବଂ ସେହିପରି ବାକି ଅନ୍ୟ ସାହାବାମାନେ ମଧ୍ୟ ନିଜ ନିଜ ସାମର୍ଥ୍ୟ ଓ ମୁତାବକ କୁର୍ବାନୀ ଦେଇଥିଲେ ।

ସୁତରାଂ ଏହା ସେହି ଆତ୍ମା ଓ ସ୍ତର ଯାହାକି ହଜରତ ମସିହ ମଉଦ ଆ.ସ ଆମ ମଧ୍ୟରେ ଉତ୍ପନ୍ନ

କରିବାକୁ ଚାହୁଁଥିଲେ । ଏବଂ ଯେପରି ମୁଁ କହିଲି ଯେ ବହୁତ ଅହେମଦୀ ଏପରି ଅଛନ୍ତି ଯେଉଁମାନେ କୁର୍ବାନୀର ଉଚ୍ଚ ସ୍ତରକୁ ହାସଲ କରିବା ପାଇଁ ଚେଷ୍ଟା କରି ଚାଲିଛନ୍ତି । ଯେତେବେଳେ ସେମାନେ କୋରାନ୍ ଓ ହଦିସ୍‌ରେ ଏବଂ ସେହିପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଉପଦେଶାବଳୀଗୁଡ଼ିକୁ ପଢୁଛନ୍ତି ସେମାନଙ୍କୁ ଏ କଥାରେ ବିଶ୍ୱାସ ମଧ୍ୟ ହେଉଛି ଯେ ଅଲ୍ଲାଃଙ୍କ ମାର୍ଗରେ ଧନ ସମ୍ପତି ଖର୍ଚ୍ଚ କରୁଥିବା ଲୋକମାନଙ୍କର ଧନ ଓ ଜନରେ ଅଲ୍ଲାଃତାଲା ବର୍‌କତ୍ ମଧ୍ୟ ଦେଇଥାନ୍ତି । ଯେତେବେଳେ ମଣିଷ ନିଜର ଅତି ପ୍ରିୟ ଜିନିଷ ଅଲ୍ଲାଃଙ୍କ ମାର୍ଗରେ ଉତ୍ସର୍ଗ କରେ ସେତେବେଳେ ଅଲ୍ଲାଃ ମଧ୍ୟ କହିଛନ୍ତି କି ମୁଁ ତାହାକୁ (ଆହୁରି ଅଧିକ) ବଢାଇ ଫେରସ୍ତ କରିବି । ଏପରିକି ୭୦୦ଗୁଣ ବଢାଇ ଦେଇପାରେ ଏବଂ ତାଠାରୁ ଅଧିକ ମଧ୍ୟ ତେବେ ଯେତେବେଳେ ଅହେମଦି ଏଭଳି କୁରବାନୀ କରିଥାନ୍ତି ସେତେବେଳେ ସେମାନଙ୍କର ବିଶ୍ୱାସ ରହିଥାଏ କି ଅଲ୍ଲାଃ ଆମକୁ ଅଧିକ ଫେରସ୍ତ କରିବେ । ଅହେମଦି ଯେତେବେଳେ ହଜୁର ସ.ଆଙ୍କ ଏହି ନିର୍ଦ୍ଦେଶ ମୁତାବକ ଖର୍ଚ୍ଚ କରିଥାନ୍ତି କି ଯେମିତି ଆପଣ କୁହନ୍ତି ଯେ ଗୋଟିଏ ଖଜୁରୁ ମଧ୍ୟ ନିଜ ପବିତ୍ର ରୋଜଗାରରୁ ଅଲ୍ଲାଃଙ୍କ ମାର୍ଗରେ ଦିଏ ଅଲ୍ଲାଃତାଲା ସେହି ପବିତ୍ର ଜିନିଷକୁ ହିଁ ଗ୍ରହଣ କରିଥାଏ । ଏହା ବହୁତ ଜରୁରୀ ଜିନିଷ ଯାହାକୁ ମନେ ରଖିବା ଉଚିତ୍ ଯେ ଧୋକାଦେଇ ଅର୍ଜନ କରାଯାଇଥିବା ଧନକୁ ଅଲ୍ଲାଃ ଗ୍ରହଣ କରିନଥାନ୍ତି । ଅଲ୍ଲାଃତାଲା କେବଳ ପବିତ୍ର ଧନକୁ ଗ୍ରହଣ କରିଥାନ୍ତି । ସେଥିଯୋଗୁ କହିଲେ ଯେ ଯିଏ ତାର ପବିତ୍ର ଧନକୁ ଅଲ୍ଲାଃତାଲାର ମାର୍ଗରେ ଦେଇଥାଏ ତେବେ ଅଲ୍ଲାଃ ତାହାକୁ ନିଜ ଦକ୍ଷିଣ ହସ୍ତରେ ସ୍ୱୀକାର କରିଥାନ୍ତି । ଯଦିଓ ତାହା ଖଜୁରୁ ସମତୁଲ୍ୟ ରାଶି ହେଉ ନା କାହିଁକି ଏବଂ ଅଲ୍ଲାଃତାଲା ତାହାକୁ ବଢାଇ ଚାଲନ୍ତି ଏପରିକି ତାହା ପର୍ବତ ପରି (ବୃହତକାୟ) ହୋଇଯାଏ । ଆପଣ କୁହନ୍ତି ଯେପରି ତୁମେ ନିଜର ଛୋଟ ବାଛୁରୀର ଲାଳନପାଳନ କରି ତାହାକୁ ବଡ଼ ଜନ୍ତୁ କରିଦେଇଥାଅ ।

ହଜୁର ଅନଓ୍ୱର ଅ.ବ କହିଲେ- ଏହି ଯୁଗରେ ଆମେ ହଜରତ ମହମ୍ମଦ ସ.ଆଙ୍କ ଏହି କଥା ପଢିଥାଉ, ଶୁଣିଥାଉ ଯାହାକି କୌଣସି କଥା କିମ୍ବା କାହାଣୀ ନୁହେଁ ବରଂ ଆଜି ମଧ୍ୟ ଅଲ୍ଲାଃଙ୍କ ମାର୍ଗରେ କୁରବାନୀ କରୁଥିବା ଲୋକମାନଙ୍କର ବ୍ୟକ୍ତିଗତ ଅଭିଜ୍ଞତା ରହିଛି ଏବଂ ଏହା ପୁଣି ସେମାନଙ୍କ ସାଧନ ଓ ବ୍ୟବସାୟକୁ ଆହୁରି ଅଧିକ ପ୍ରସସ୍ତ କରିବା ସହିତ ସେମାନଙ୍କ ବିଶ୍ୱାସରେ ମଧ୍ୟ ଅଭିବୃଦ୍ଧି ଘଟାଇଥାଏ । ସୁତରାଂ ଏଠାରେ ସେଥିସମ୍ବନ୍ଧୀୟ କିଛି ଘଟଣାବଳୀର ବର୍ଣ୍ଣନା କରିଦେଉଛି ।

ଆଫ୍ରିକାରେ କେମରୁନ୍ ଏକ ଦେଶ ରହିଛି, ସେଠାକାର ମୁବଲିଗ୍ ଇନ୍‌ଚାର୍ଜ ସାହେବ ଲେଖିଛନ୍ତି କି ଆମର ଜଣେ ମୌଲିମ୍ ଶ୍ରୀମାନ ଅବୁବକର୍ ସାହେବ କହିଲେ- ଜଣେ ଅହେମଦି ଶ୍ରୀମାନ ଅବଦୁଲ୍ଲାଃ ସାହେବ ଯେ ଗତ ବର୍ଷ ବେରୋଜଗାର ଥିଲେ ଏବଂ ତାଙ୍କର ଅବସ୍ଥା ଏଭଳି ଶୋଚନୀୟ ଥିଲା କି ନିଜ ପରିବାରର ଭରଣପୋଷଣ କରିବା ମଧ୍ୟ ତାଙ୍କ ପକ୍ଷେ କଷ୍ଟକର ହେଉଥିଲା । ଏକଦା ସେ ଜୁମା ନମାଜ ପାଠ କରିବାକୁ ଆସିଲେ, ନମାଜ ପରେ ସେକ୍ରେଟାରୀ ସାହେବ ତହ୍‌ରିକେ ଜଦିଦ୍ ଚାନ୍ଦାର ଘୋଷଣା କଲେ ସେତେବେଳେ ତାଙ୍କ ନିକଟରେ ୧୦,୦୦୦ ଫ୍ରାଙ୍କ ସିଫା ଥିଲା । ଘୋଷଣା ଶୁଣି ସେ ସମୁଦାୟ ଅର୍ଥ ତହ୍‌ରିକେ ଜଦିଦ୍‌ଦରେ ପ୍ରଦାନ କରିଦେଲେ । କିଛିଦିନ ପରେ ସେ (ଆମ) ସେଣ୍ଟରକୁ ଆସି କହିଲେ ଅଲ୍ଲାଃତାଲା ମୋର ଚାନ୍ଦା ସ୍ୱୀକାର କରିନେଲେ ଏବଂ ଗୋଟିଏ ସପ୍ତାହରେ ଏକ ପ୍ରାଇଭେଟ୍ କମ୍ପାନୀରେ ମୋତେ ଚାକିରୀ ମିଳିଯାଇଛି ଏବଂ ମୋର ବେତନ ଏକ ଲକ୍ଷ ଫ୍ରାଙ୍କ ସିଫା ଧାର୍ଯ୍ୟ କରାଯାଇଛି । ଯାହାକି ମୋର ଚାନ୍ଦାର ଦଶ ଗୁଣ ଅଧିକ ଅଟେ, ଯାହାକି ପ୍ରତି ମାସରେ ମୋତେ ମିଳିବ । ସେ କୁହନ୍ତି ଏହା ଅଲ୍ଲାଃଙ୍କର ବିଶେଷ କୃପା ସୁତରାଂ ପ୍ରଥମ ମାସର ବେତନ ମୁଁ ଜମାଅତର ଚାନ୍ଦା (ପାଣ୍ଠି)ରେ ପ୍ରଦାନ କରୁଛି । ହଜୁର ଅନଓ୍ୱର ଅ.ବ କହିଲେ- ଏମାନେ ଗରିବ ଲୋକ କିନ୍ତୁ ଦେଖ ଅଲ୍ଲାଃତାଲା ସେମାନଙ୍କୁ କିଭଳି ପରିସ୍ଥିତିରେ କିଭଳି ବରକତ୍ ପ୍ରଦାନ କରୁଛନ୍ତି । ଆଉ ଏକ ଉଦାହରଣ ଶୁଣନ୍ତୁ-

ଜଣେ ନୂତନ ଅହେମଦି ଶ୍ରୀମାନ ଦାଉଦ୍ ସାହେବ ଯେ କି ଆଫ୍ରିକା ମହାଦେଶର କଙ୍ଗୋ ବ୍ରାଜୁଭିଲ୍‌ର ଅଧିବାସୀ ଅଟନ୍ତି । ତାଙ୍କର ଆର୍ଥିକ ଅବସ୍ଥା ମଧ୍ୟ ଏଭଳି ଶୋଚନୀୟ ଥିଲା କି ତାଙ୍କୁ କୁହାଗଲା କି ଆପଣ ଅତିକମ୍‌ରେ ପ୍ରତ୍ୟେକ ଜୁମା ନମାଜ ଆସି ଅହେମଦୀୟା ମସଜିଦ୍‌ରେ ଜୁମା ନମାଜ ପାଠ କରନ୍ତୁ । ଅତଏବ ସେ ନିୟମିତ ଭାବରେ ଜୁମା ପାଠ କରିବାକୁ ଆସିଲେ ଏକଦା ମୁଗଲିଗ୍ ସାହେବ ତାଙ୍କୁ ଏକାନ୍ତରେ ସାକ୍ଷାତ କରି ଅଲ୍ଲାଃଙ୍କ ମାର୍ଗରେ ଅର୍ଥ ବ୍ୟୟ କରିବାର ଗୁରୁତ୍ୱ ସମ୍ବନ୍ଧରେ ବୁଝାଇ କହିଲେ କି ଅଲ୍ଲାଃ ଆପଣଙ୍କୁ ଯାହା କିଛି ପ୍ରଦାନ କରୁଛନ୍ତି ସେଥି ମଧ୍ୟରୁ ନିଶ୍ଚିତ କିଛି ତାଙ୍କ ମାର୍ଗରେ ଦିଅ ଯଦ୍ୱାରା ଅଲ୍ଲାଃ ତୁମକୁ ଅଧିକ ବଢ଼ାଇ ଫେରସ୍ତ କରିବେ । ଅଲ୍ଲାଃତାଲାର ପ୍ରତିଶୃତି ଅଛି ଯଦି ତୁମେ ପବିତ୍ର ମାର୍ଗରେ ଅର୍ଜନ କରିଥିବା ଧନକୁ ଖର୍ଚ୍ଚ କରିବ ସେ ତୁମକୁ ନିଶ୍ଚିତ ରୂପେ ଅଧିକା କରି ଫେରସ୍ତ କରିବ । ପୁଣି କହିଲେ ଯେ ଏହିପରି ଆପଣମାନଙ୍କର ନିର୍ଧନ ଅବସ୍ଥାକୁ ସମ୍ପନ୍ନତାରେ ପରିବର୍ତନ କରିଦେବେ । ମୁବଲିଗ୍ ସାହେବ କୁହନ୍ତି ତାପରେ ମୁଁ ତାଙ୍କୁ ଫେରିବାର ବାଟ ଖର୍ଚ୍ଚ ଦେଇ ବିଦାୟଦେଲି । ଗୋଟିଏ ସପ୍ତାହ ପରେ ସେ ମସଜିଦ୍ ଆସିଲେ ସେତେବେଳେ ସେ ଅତ୍ୟନ୍ତ ଆନନ୍ଦିତ ଥିଲେ । କାରଣ ପଚାରିବାରୁ କହିଲେ ଗତ ସପ୍ତାହରେ ଆପଣ ମୋତେ ଚାନ୍ଦା ଦେବାପାଇଁ କହିଥିଲେ ଏବଂ ମୁଁ ମସ୍‌ଜିଦ୍‌ରୁ ବିଦାୟ ନେବା ପୂର୍ବରୁ ୧୦୦ ଫ୍ରାଙ୍କ ସିଫା ଚାନ୍ଦା ଦେଇଥିଲି । ଚାନ୍ଦା ଦେଇ ଯେତେବେଳେ ମୁଁ ଘରେ ପହଂଚିଲି ଜଣେ ପଡ଼ୋଶୀ ଆମ ଘରେ ପଡ଼ିଥିବା କିଛି କାଠ ନେବାକୁ ହଠାତ୍ ଆସିଲେ ଏବଂ ପ୍ରତିବଦଳରେ ୪୦୦୦ ଫ୍ରାଙ୍କ ସିଫା ମୋ ହାତରେ ଦେଇଗଲେ । ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହେଲି କି ବର୍ତମାନ ଚାନ୍ଦା ଦେଇ ଘରେ ପହଂଚି ହିଁ ଥିଲି କି ଅଲ୍ଲାଃ ମୋତେ ୪୦ଗୁଣ ବଢାଇ ଫେରସ୍ତ କରିଦେଲେ ।

ଏହିପରି Tanzaniaର ଅମିର୍ ସାହେବ ଲେଖିଛନ୍ତି ଜଣେ ନୂତନ ଅହେମଦି ଶ୍ରୀମାନ ଆବିଦ୍ ସାହେବ କୁହନ୍ତି- ରାଜମିସ୍ତ୍ରୀ କାର୍ଯ୍ୟ ମୋର ବୃତି ଅଟେ ଏବଂ ବିଗତ ପାଂଚ ମାସ ହେଲା ମୋତେ କୌଣସି କାମ ମିଳୁନଥିଲା । ମୋ ଅବସ୍ଥା ଅତ୍ୟନ୍ତ ଅସୁବିଧାଜନକ ଥିଲା, ପିଲାମାନେ ମଧ୍ୟ ବହୁ ଅସୁବିଧାରେ ରହୁଥିଲେ । ଏକଦା ମୌଲିମ୍ ସାହେବ ଚାନ୍ଦା ଦେବା ପାଇଁ କହିଲେ ସେତେବେଳେ ମୋ ନିକଟରେ ଯେତେ ଟଙ୍କା ଥିଲା ସେଥିରେ ମୁଁ ନିଜ ପିଲାମାନଙ୍କର ମାତ୍ର ଦିନକର ଆବଶ୍ୟକତା ପୂରଣ କରିପାରିଥାନ୍ତି । ଯେତେବେଳେ ମୌଲିମ୍ ସାହେବ କହିଲେ କି ଅଲ୍ଲାଃଙ୍କ ମାର୍ଗରେ ଅର୍ଥ ବ୍ୟୟ କଲେ ଅଲ୍ଲାଃ ବରକତ୍ ପ୍ରଦାନ କରିବେ ସୁତରାଂ ମୁଁ ଏହି ନିଷ୍ପତି ନେଲି କି ଏହି ଅର୍ଥ ଚାନ୍ଦାରେ ପ୍ରଦାନ କରିଦେଉଛି ଏବଂ ମୁଁ ସେହିପରି କଲି ତାପରେ ମନରେ ଭାବନା ଆସିଲା ଆଜି ମୋ ପିଲାମାନେ କ'ଣ ଖାଇବେ ଏହି ଚିନ୍ତାରେ କିଛି କ୍ଷଣ ହିଁ ଅତିବାହିତ ହୋଇଥିବ କି ମୋତେ ଖବର ମିଳିଲା କି ଅମକ ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲିଛି ତୁମେ ଯାଇ ସେଠାରେ (କାମ କରିବା ପାଇଁ) ଆବେଦନ କର । ସୁତରାଂ ମୁଁ ସେଠାକୁ ଚାଲିଗଲି ଏବଂ ସେମାନେ ମୋତେ Advanceରେ କିଛି ଟଙ୍କା ମଧ୍ୟ ପ୍ରଦାନ କଲେ । ମୁଁ ଆଚମ୍ବିତ ହୋଇଗଲି କି ପାଂଚ ମାସ ହେଲା ମୁଁ ଅସୁବିଧାରେ ଚଲୁଥିଲି କିନ୍ତୁ ଯେମିତି ଅଲ୍ଲାଃଙ୍କ ମାର୍ଗରେ ଦେଇଛି ସଙ୍ଗେସଙ୍ଗେ ମୋ ପାଇଁ ତାଙ୍କ ବରକତ୍‌ର ଦ୍ୱାର ଉନ୍ମୁକ୍ତ ହୋଇଗଲା । ଅତଏବ ସେହିଦିନଠାରୁ ଯେତେବେଳେ ମୁଁ ଅଲ୍ଲାଃଙ୍କ ମାର୍ଗରେ ଦେଇଛି ମୋର ଅବସ୍ଥାରେ ପରିବର୍ତନ ପରିଲକ୍ଷିତ ହୋଇଚାଲିଛି । ଆସନ୍ତାରେ ମୁଁ ଚାନ୍ଦା ଦେବାକୁ କଦାପି ଭୁଲିବି ନାହିଁ । ହଜୁର ଅନଓ୍ୱର ଅ.ବ କହିଲେ- ଅଲ୍ଲାଃତାଲା ନୂତନ ଅହେମଦିମାନଙ୍କୁ ମଧ୍ୟ ଏଭଳି ଅନୁଭୂତି ପ୍ରଦାନ କରୁଛନ୍ତି ।

ଆଫ୍ରିକାର ଗୋଟିଏ ଦେଶ ମାଲି ଅଟେ । ସେଠାକାର ଜଣେ ବ୍ୟକ୍ତି ଶ୍ରୀମାନ ଲାସିନା ସାହେବ ୩/୪ବର୍ଷ ପୂର୍ବେ ବୟତ କରିବାର ସୌଭାଗ୍ୟ ପାଇଲେ । ସେ ନିଜ ସାମାନ୍ୟ ରୋଜଗାରରୁ ୫୦୦ ଫ୍ରାଙ୍କ ସିଫା ଚାନ୍ଦାରେ ଦେଲେ ଏବଂ କହିଲେ ଜମଆତ ଅହେମଦିୟାରେ ଅନ୍ତର୍ଭୁକ୍ତ ହେବା ଓ ଚାନ୍ଦା ଦେବା ପୂର୍ବରୁ ମୋର ଆର୍ଥିକ ଆବସ୍ଥା ଭଲ ନଥିଲା କିନ୍ତୁ ଚାନ୍ଦା ଦେବା ଫଳରେ ମୋ କାରବାରରେ ଅଲ୍ଲାଃତାଲା ଅସାଧାରଣ ବରକତ୍ ପ୍ରଦାନ କଲେ । ବର୍ତମାନ ସେ ମୁସି ହୋଇଯାଇଛନ୍ତି ଏବଂ ୫୦୦ ଫ୍ରାଙ୍କ ଚାନ୍ଦା ଦେଉଥିବା ବ୍ୟକ୍ତି ଏବେ ମାସିକ ୩୫୦୦୦ ଫ୍ରାଙ୍କ ସିଫା ଚାନ୍ଦା ଦେଉଛନ୍ତି ଏବଂ ତାଙ୍କ ଅଣଅହେମଦି ସାଥି ତାଙ୍କ କାରବାରରେ ଏଭଳି ଅଭିବୃଦ୍ଧି ଦେଖି ମନେକରୁଛନ୍ତି କି ସମ୍ଭବତଃ ଜମାଅତ ତାଙ୍କୁ ଆର୍ଥିକ ସାହାର୍ଯ୍ୟ ପ୍ରଦାନ କରୁଅଛି ।

ଫ୍ରାନସ୍‌ର ଜଣେ ନୂତନ ଅହେମଦି ଶ୍ରୀମାନ ହମ୍‌ଜା ସାହେବ ଲେଖିଛନ୍ତି ବୟତ କରିବାପରେ ଯେତେବେଳେ ମୁଁ ଚାନ୍ଦା ବ୍ୟବସ୍ଥା ସମ୍ବନ୍ଧରେ ଅବଗତ ହେଲି ସେତେବେଳେ ମୋର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୁର୍ବଳ ଥିଲା । ମୋତେ କେତେକ ଅହେମଦି ବନ୍ଧୁ କହିଲେ ଚାନ୍ଦା ଦେଲେ ଅଲ୍ଲାଃତାଲା ବରକତ୍ ପ୍ରଦାନ କରିଥାନ୍ତି ଏବଂ ଯାହା ଦେବ ତାହାର ପ୍ରତିବଦଳରେ ଅଲ୍ଲାଃ ବହୁଗୁଣ ବଢାଇ ଫେରସ୍ତ କରିଥାନ୍ତି । ସେ କୁହନ୍ତି ସେତେବେଳେ ମୋ ନିକଟରେ ୬୦ ୟୁରୋ ଥିଲା । ମୁଁ ଚିନ୍ତା କଲି ଅଲ୍ଲାଃଙ୍କ ମାର୍ଗରେ ଏହି ଅର୍ଥ ପ୍ରଦାନ କରିଦେଉଛି ଯାହାହେବ ଦେଖାଯିବ । ସେ କୁହନ୍ତି ଚାନ୍ଦା ଦେବାକୁ ମାତ୍ର କିଛି ଦିନ ହୋଇଥିଲା ଯେ, ମୋ ବ୍ୟାଙ୍କର ସୂଚିପତ୍ର (Statement) ଘରକୁ ଆସିଲା ମୁଁ ଦେଖିଲି ମୋ ଜମାଖାତାରେ ୬୦୦ ୟୁରୋ କେଉଁଆଡୁ ଜମା ହୋଇଯାଇଛି । ଅନୁସନ୍ଧାନ କରିବାରୁ ଜଣାପଡ଼ିଲା ସରକାର ସେହି ଅର୍ଥକୁ ମୋତେ ଦେବାର ଥିଲା ଯାହାକି ସେମାନଙ୍କ ରେକଡ଼୍‌ରେ (ଭୂଲ୍‌ବଶତଃ) ନଥିଲା । ଏପରି ଯେଉଁ ଅର୍ଥ ମୁଁ ଚାନ୍ଦାରେ ପ୍ରଦାନ କରିଥିଲି ଅଲ୍ଲାଃ ତାହାକୁ ବହୁଗୁଣ ବଢାଇ ଫେରସ୍ତ କରିଦେଲେ ଯାହାର ମୋତେ କୌଣସି ଧାରଣା କିମ୍ବା ଆଶା ହିଁ ନଥିଲା ।

ତାନ୍‌ଜାନିଆର ଅମୀର୍ ସାହେବ୍ ଲେଖୁଛନ୍ତି ଯେ ଅହେମଦ୍ ସାନି ସାହେବ୍ ଯିଏ ମୁସି ଅଟନ୍ତି ସେ ତାଙ୍କର ଓ୍ୱାଦା ପଚାଶ ହଜାର ଶିଲଙ୍ଗ୍ ଲେଖାଇଥିଲେ । ଯାହାକୁ ବହୁତ ପୂର୍ବରୁ ସେ ପ୍ରଦାନ ମଧ୍ୟ କରିଦେଇଥିଲେ । ପୁଣି ସେ ପଛମାସରେ ଗୋଟିଏ ସ୍ୱପ୍ନ ଦେଖିଲେ । ସେଥିରେ ସେ ମୋତେ ଦେଖିଲେ ଯେ ମୁଁ ତାଙ୍କ ଘରକୁ ଯାଇଛି ଏବଂ ତାଙ୍କୁ ପଚାରୁଛି ଯେ ଆପଣ ମାଟିରୁ ସୁନା ବାହାର କରିବା କାମ କରୁଛନ୍ତି । ସେ ଉତର ଦେଲେ ଜି ହଜୁର୍ ! (ହଁ ଆଜ୍ଞା) କିନ୍ତୁ ଏହି କାମଟି ସଠିକ ରୂପେ ଚାଲୁନାହିଁ । ପୁଣି ସେ କହୁଛନ୍ତି ଯେ ଯେତେବେଳେ ମୁଁ ତାଙ୍କ ଆଡକୁ ଅନାଇ ଏପରି କହିଲି ସଙ୍ଗେସଙ୍ଗେ କେଉଁଆଡୁ ଏପରି ଆଓ୍ୱାଜ୍ ଆସିଲା ଯେ ତହ୍‌ରିକ୍ ଯଦିଦ୍‌ର ଚାନ୍ଦା ବଢ଼ାଅ । ସେ କହୁଛନ୍ତି ସାନି ସାହେବ୍ ହିକ୍‌ମତ୍(ବୈଦ୍ୟ)ର କାମ କରନ୍ତି । ଦେଶୀ ଔଷଧ ବିଷୟରେ ବହତୁ ଜ୍ଞାନ ଅଛି । ତେବେ ଏହି ସ୍ୱପ୍ନ ପରେ ଅଲ୍ଲାଃତାଲା ତାଙ୍କ ହାତରେ ଅସାଧାରଣ ବର୍‌କତ୍ ଦେଲେ ଏବଂ ବିଗତ ଏକମାସ ହେବ ଦୂରଦୁରାନ୍ତରୁ ରୋଗୀମାନେ ତାଙ୍କ ପାଖକୁ ଆସିବାକୁ ଲାଗିଲେ । ଏବଂ ତାଙ୍କର ଆମଦାନୀ ମଧ୍ୟ ଅସାଧାରଣ ଭାବେ ବଢ଼ିଗଲା । ସେ କହୁଛନ୍ତି ଏହି ସ୍ୱପ୍ନ ଦେଖିବା ପରେ ପଛମାସରେ ସେ ଆହୁରି ୪ଲକ୍ଷ ୨୭ହଜାରରୁ ଅଧିକା ଶିଲଙ୍ଗ୍ ତେହ୍‌ରିକ୍ ଯଦିଦ୍‌ର ଚାନ୍ଦାରେ ପ୍ରଦାନ କରିଛନ୍ତି । ଏବଂ ନିଜେ ରିଜିଅନ୍‌ରେ ସେ ସବୁଠାରୁ ଅଧିକା ଚାନ୍ଦା ପ୍ରଦାନକାରୀ ଅଟନ୍ତି ।

ଭାରତ ବର୍ଷର ବାଙ୍ଗାଲୋର ସହରରେ ରହୁଥିବା ଜଣେ ବେରୋଜଗାର ଯୁବକ ଯାହାଙ୍କ ନିକଟରେ ଚାକିରୀ ନଥିବା ଯୋଗୁଁ (ନିଜ) ଘରର କିସ୍ତି ମଧ୍ୟ ପରିସୋଧ କରିପାରୁନଥିଲେ । ଇନସ୍‌ପେକ୍ଟର ସାହେବ ଲେଖିଛନ୍ତି ମୁଁ ତାଙ୍କ ଘରକୁ ଗଲି କିନ୍ତୁ ସେକ୍ରେଟାରୀ ସାହେବଙ୍କଠାରୁ ତାଙ୍କ ଅବସ୍ଥା କଥା ଶୁଣି ନିରବ ରହିଲି କିନ୍ତୁ ସେ ନିଜେ ମୋତେ ପଚାରିଲେ ସମ୍ଭବତଃ ଆପଣ କିଛି କହିବାକୁ ଚାହୁଁଥିଲେ । ଇନସ୍‌ପେକ୍ଟର ସାହେବ କହିଲେ ମୋତେ ଆପଣଙ୍କ ଅବସ୍ଥା ବିଷୟରେ ଜଣାନଥିଲା ତେଣୁ ମୁଁ ଆପଣଙ୍କଠାରୁ ତହ୍‌ରିକେ ଜଦିଦରେ ଏକ ଲକ୍ଷ ଟଙ୍କା ଦେବାର ମନସ୍ଥ କରିଥିଲି କିନ୍ତୁ ବର୍ତମାନ ସବୁକିଛି ଜାଣିବା ପରେ ମୁଁ ନିରବ ହୋଇଗଲି । ଆପଣ ନିଜର ସାମର୍ଥ୍ୟ ଅନୁଯାୟୀ ଯାହା ଇଚ୍ଛା କରୁଛନ୍ତି ଲେଖିଦିଅନ୍ତୁ । ଏଥିରେ ସେ କହିଲେ ଆପଣ ମୋର ଏକ ଲକ୍ଷ ଟଙ୍କା ଲେଖିଦିଅନ୍ତୁ, ଅଲ୍ଲାଃଙ୍କ ଉପରେ ଆସ୍ଥା ରଖୁଛି **ଇନ୍ନଶା ଅଲ୍ଲାଃ** ଉକ୍ତ ରାଶି ପରିଶୋଧ କରିଦେବି । ସୁତରାଂ ଅଲ୍ଲାଃଙ୍କ କୃପା ତାଙ୍କୁ ପ୍ରାପ୍ତ ହେଲା, ପୁନର୍ବାର ତାଙ୍କୁ ଚାକିରୀ ମିଳିଗଲା ଏବଂ ବେଶ୍ ଉଚ୍ଚ ପଦରେ ମିଳିବାରୁ ସେ ନିଜ ବିଗତ ଓ ଚଳିତ ଉଭୟ ବର୍ଷର ଚାନ୍ଦା ପ୍ରଦାନ କରିଦେଲେ ।

ମାୟୁଟି ଗୋଟିଏ ଆଇଲାଣ୍ଡ୍ ଅଟେ । ସେଠିକାର ଜଣେ ମୁବଲିଗ୍ ଲେଖୁଛନ୍ତି ଯେ ଏହା ବହୁତ ଗରୀବ ଦେଶ । ଏଠିକାର ଲୋକମାନେ ନିଜ ଘର ବାଡ଼ିରେ ପରିବା ଇତ୍ୟାଦି ଲଗାଇ ତାକୁ ବିକ୍ରି କରି ଚଳନ୍ତି । ଜଣେ ଅହେମଦୀ ବନ୍ଧୁ ରବିଉଁ ସାହେବ୍ ଗୋଟିଏ ମୋଟର୍ ସାଇକେଲ୍ ଦୋକାନରେ କାମ କରନ୍ତି ଓ ସେ ସମସ୍ତଙ୍କଠାରୁ ଅଧିକ ଚାନ୍ଦା ଦିଅନ୍ତି । ସେ କହୁଛନ୍ତି ଯେ ଏହା ଗୋଟିଏ ଅନୁପମ ସିଲ୍‌ସିଲା ଅଟେ । ମୁଁ ଯେତେ ଚାନ୍ଦା ଦେଉଛି ମାସ ଶେଷରେ ଦୁଇଗୁଣା ତାର ଫେରସ୍ତ ମୋତେ ମିଳିଯାଉଛି । ପୁଣି ସେ କହୁଛନ୍ତି ଯେ ଦିନେ ତାଙ୍କର ସ୍ତ୍ରୀ କହିଲେ ଆପଣ ଏତେ ଚାନ୍ଦା କାହିଁକି ଦେଉଛନ୍ତି । କହିଲେ ମୋତେ ଅଲ୍ଲାଃତାଲା ଏହି ଚାନ୍ଦାକୁ ଦୁଇଗୁଣା ବଢ଼ାଇ ଫେରସ୍ତ କରୁଛନ୍ତି । ସେଥିଯୋଗୁ ମୁଁ ଦେଉଛି । ପୁଣି ସେ ନିଜ ସ୍ତ୍ରୀ ସମ୍ମୁଖରେ କିଛି ଅର୍ଥ ଚାନ୍ଦା ଆକାରରେ ଦେଲେ ଓ କହିଲେ ଯେ ଦେଖିନେବ ଅଲ୍ଲାଃତାଲା ଏହି ଅର୍ଥକୁ ମୋତେ ନିଶ୍ଚିତ ରୂପେ ଫେରସ୍ତ କରିଦେବେ । ସୁତରାଂ ଏପରି ହିଁ ହେଲା ଓ ମାସ ଶେଷରେ ଦୋକାନ୍‌ର ମାଲିକ୍ ନିଜର ସମସ୍ତ କର୍ମୀମାନଙ୍କୁ ବୋନସ୍ ଦେଲେ ଏବଂ ଯେଉଁ ଅର୍ଥ ତାଙ୍କୁ ବୋନସ୍‌ରେ ମିଳିଲା ତାହା ଚାନ୍ଦା ଦେଇଥିବା ଅର୍ଥଠାରୁ ଅଧିକ ଥିଲା ।

ସେ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ମାଲି କୁର୍ବାନୀରେ ଦିନକୁ ଦିନ ବଢ଼ି ଚାଲିଛନ୍ତି ।

କାନାଡ଼ାରୁ ଅମୀର ସାହେବ୍ ଲେଖୁଛନ୍ତି ଯେ ସେକ୍ରେଟାରୀ ତେହ୍‌ରିକେ ଯଦିଦ୍ ଲଜ୍‌ନା ଜଣକୁ କହିଥିଲେ ତୁମ ଦରମାର ଅଧା ବା ପୁରା ଅର୍ଥକୁ ତେହ୍‌ରିକେ ଯଦିଦ୍‌ରେ ପେଶ୍ କର । ଯେତେବେଳେ ସେ ତାଙ୍କ ଭଉଣୀକୁ ଏକଥା କହିଲେ ସେ ପାର୍ଟ ଟାଇମ୍ ଜବ୍ କରୁଥିଲେ କିନ୍ତୁ ତାଙ୍କର ବହୁତ ଇଛା ଥିଲା ଯେ ମୋତେ ଯଦି ଫୁଲ୍ ଟାଇମ୍ ଜବ୍ ମିଳିଯିବ ତେବେ ମୁଁ ପୁରା ମାସର ଦରମା ପ୍ରଦାନ କରିବି । ସୁତରାଂ ତାଙ୍କୁ ଫୁଲ୍ ଟାଇମ୍ ଜବ୍ ମିଳିଗଲା । ତାଙ୍କର ଦରମା ୫ହଜାର ଡଲାର୍ ଥିଲା, ଯାହାକୁ ସେ ପୁରାପୁରି ତେହ୍‌ରିକ୍ ଯଦିଦ୍‌ରେ ଦେଇଦେଲେ । ଏହିପରି ବହୁତ ଗୁଡିଏ ଦୃଷ୍ଟାନ୍ତ ଅଛି ।

ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଯମାତ୍‌ର ନିଷ୍ଠାପର ବ୍ୟକ୍ତିମାନଙ୍କ ସହିତ ଅଲ୍ଲାଃତାଲାଙ୍କର ବ୍ୟବହାର ଓ ପ୍ରତିଶୃତି ପୂରଣ ହୋଇ ଚାଲିଛି । ପୁରୁଣା ଅହେମଦୀ ମାନେ ମଧ୍ୟ, ନୁଆ ଅହେମଦୀମାନେ ମଧ୍ୟ ବହୁତ ନୌମୁବାଇନ୍‌ଙ୍କର କୁର୍ବାନୀ କରିଥିବା ଘଟଣା ମୁଁ ଶୁଣାଇଲି । ଏ ଯୁଗରେ ବିଶେଷ କରି ମାଲି କୁର୍ବାନୀ କରିବା ମଧ୍ୟ ଯମାତ୍ ଅହେମଦୀୟାର ଗୋଟିଏ ବିଶେଷ ଗୁଣ । ଅଲ୍ଲାଃଙ୍କ କୃପାରୁ ଅଧିକାଂଶ ଅହେମଦି ଏକଥା ଜାଣନ୍ତି କି ଏହି ଯୁଗ ଯାହାକି ଇସଲାମ ଧର୍ମର ପୂର୍ଣ୍ଣ ପ୍ରଚାରର ଯୁଗ ଅଟେ ଯେଉଁଥିପାଇଁ ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କୁ ପ୍ରେରଣ କରିଛନ୍ତି । ଯାହାକି ପବିତ୍ର କୋରାନର ପ୍ରକାଶନ ଓ ଅନୁବାଦ ମାଧ୍ୟମରେ ହେଉଅଛି ଏବଂ ବିଭିନ୍ନ ଭାଷାରେ ହଜରତ ମସିହ ମଉଦ ଆ.ସଙ୍କ ପୁସ୍ତକର ପ୍ରକାଶନ ଏବଂ ଜମାଅତର ପତ୍ରିକା, ମସ୍‌ଜିଦ୍, ମିଶନ ହାଉସ୍ ନିର୍ମାଣ ମାଧ୍ୟମରେ ତଥା ଜମାଅତର ପ୍ରତିଷ୍ଠା ଦ୍ୱାରା ହେଉଅଛି । ବର୍ତମାନ ଏସିଆ, ଆଫ୍ରିକା, ୟୁରୋପ, ନର୍ଥ ଆମେରିକା ଓ ଇଣ୍ଡୋନେସିୟାରେ ମଧ୍ୟ ଯାମିଆ ପ୍ରତିଷ୍ଠିତ ହୋଇସାରିଛି ଯେଉଁଠାରୁ ମୁରବୀ ଓ ମୁବଲିଗ୍‌ମାନେ ଶକ୍ଷା ପୁରଣ କରି ତବ୍‌ଲିଗ୍ ଇସ୍‌ଲାମ୍ (ଇସ୍‌ଲାମ୍‌ର ପ୍ରଚାର) କରୁଛନ୍ତି । ପୁଣି ଯେତେବେଳେ ଅହେମଦିମାନେ ଏଥିସମ୍ବନ୍ଧରେ ଅବଗତ ହୋଇଥାନ୍ତି ଏବଂ ସେମାନେ ଅନୁଭବ କରନ୍ତି ଯେ ଏଥିପାଇଁ ଅର୍ଥର ଆବଶ୍ୟକତା ରହିଛି ସେତେବେଳେ ସେମାନେ କୁରବାନୀ ମଧ୍ୟ କରିଥାନ୍ତି । ସେହିପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେପରି କହିଛନ୍ତି ଯେ ସୃଷ୍ଟି ସହିତ ସହାନୁଭୁତି ଦେଖାଇବା ମଧ୍ୟ ଇମାନ୍‌ର ଅଂଶ ଅଟେ । ଏହି ସହାନୁଭୁତି ଅନ୍ତର୍ଗତ ହସ୍‌ପିଟାଲ୍ ଓ ସ୍କୁଲ୍ ସ୍ଥାପନ କରିବା ଏବଂ ଏତଦ୍‌ବ୍ୟତୀତ ମଧ୍ୟ ଇମ୍‌ଦାଦ୍(ସାହାଯ୍ୟ) ର ନିଜାମ୍ ମଧ୍ୟ ଯମାତ୍ ଅହେମଦୀୟାରେ ଅଛି । ଏହା ସବୁକିଛି ଯମାତ୍‌ର ନିଷ୍ଠାପର ବ୍ୟକ୍ତିମାନଙ୍କ କୁର୍ବାନୀ ଜରିଆରେ ହିଁ ହୋଇପାରୁଛି । ଯେଉଁମାନେ ଅଲ୍ଲାଃଙ୍କ ଉପରେ ଆସ୍ଥା ରଖନ୍ତି କି ସେ ମଣିଷକୁ ଏହି ଇହକାଳରେ ହିଁ ତାହାକୁ ବହୁଗୁଣ କରି ଫେରସ୍ତ କରିଦେଇଥାନ୍ତି ଏବଂ ପରକାଳରେ ମଧ୍ୟ ତାହାର ସୁଫଳ ପ୍ରଦାନ କରିବେ **ଇନ୍ନଶା ଅଲ୍ଲାଃ** । ଯଦି କୌଣସି ଜମାଅତରେ (ଚାନ୍ଦା) କମ୍ ଆଦାୟ ହୁଏ ତେବେ ତାହା ବ୍ୟବସ୍ଥା ବିଭାଗର ଅବହେଳା ଯୋଗୁଁ ହୋଇଥାଏ । ଯଦି ଏଥିଯୋଗୁଁ ଲୋକମାନଙ୍କର ଧ୍ୟାନ ଆକର୍ଷଣ କରାଇ ଦିଆଯିବ ତେବେ ଲୋକମାନଙ୍କର ଧ୍ୟାନ ମଧ୍ୟ ଏଥିପ୍ରତି ହେବ । ଏକଦା (ଲୋକମାନଙ୍କ) ଧ୍ୟାନ ଆକର୍ଷଣ କରିବା ସଂକ୍ରାନ୍ତରେ ହଜରତ ମସିହ ମଉଦ ଆ.ସ କହିଲେ-

ଏହା ମଧ୍ୟ ସମ୍ଭବପର କି ବର୍ତମାନ ସୁଧା ଅଧିକାଂଶ ଲୋକଙ୍କୁ ଅବଗତ କରାଯାଇ ନାହିଁ କି ଆମ ଯମାତ୍ ନିମନ୍ତେ ଅର୍ଥର ଆବଶ୍ୟକତା ଅଛି । ତାକୁ ପୂରଣ ନିମନ୍ତେ ଅର୍ଥ ପ୍ରଦାନ କରନ୍ତୁ । ଅନେକ ଲୋକ କାନ୍ଦିକାନ୍ଦି ବୟତ କରି ଚାଲିଯାଇଥାନ୍ତି ଯଦି ତାଙ୍କୁ କୁହାଯାଏ ତେବେ ସେ ନିଶ୍ଚୟ ଚାନ୍ଦା ଦେବେ କିନ୍ତୁ ଧ୍ୟାନ ଆକର୍ଷଣ କରାଇବାର ଆବଶ୍ୟକତା ରହିଛି । ଆପଣ କହିଲେ ପ୍ରତ୍ୟେକ (ଆର୍ଥିକ ସ୍ତରରେ) ଦୁର୍ବଳ ଥିବା ଭାଇକୁ ଚାନ୍ଦାରେ ସାମିଲ୍ କର ଏବଂ ଏଥିପାଇଁ ପରସ୍ପରକୁ ଉତ୍ସାହିତ ମଧ୍ୟ କର । ହଜୁର ଅନଓ୍ୱର ଅ.ବ କହିଲେ- ଯେପରିକି ମୁଁ କହିଲି ସେହି କଥା ଆଜି ମଧ୍ୟ ସମ୍ପୂର୍ଣ୍ଣ ରୂପେ ଅପରିବର୍ତୀତ ରହିଛି । ଯେତେବେଳେ ଲୋକମାନଙ୍କର ଧ୍ୟାନ ଆକର୍ଷିତ କରାଯାଏ ସେମାନେ ସଙ୍ଗେସଙ୍ଗେ (ଏଥିପ୍ରତି) ଧ୍ୟାନ ମଧ୍ୟ ଦେଇଥାନ୍ତି । ସୁତରାଂ ଯେତେବେଳେ ମୁଁ ତହ୍‌ରିକେ ଜଦିଦ୍ ଓ ୱକ୍‌ଫେ ଜଦିଦ୍‌ରେ ଲୋକମାନଙ୍କ ସଂଖ୍ୟା ବଢାଇବା ପାଇଁ କହିଥିଲି ସେତେବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ସେଥିରେ ଯୋଗଦାନକାରୀଙ୍କ ସଂଖ୍ୟାରେ ଅଭିବୃଦ୍ଧି ମଧ୍ୟ ହେଲା ତେବେ ଅହେମଦି ପିଲାମାନଙ୍କ ମଧ୍ୟରେ ଚାନ୍ଦା ଦେବାରେ ଏକ ଉତ୍ସାହ ଓ ଆଗ୍ରହ ଦେଖିବାକୁ ମିଳିଥାଏ ।

ସୁତରାଂ ନକୁରୁ କେନିଆରୁ ମୁରବୀ ସାହେବ୍ ଲେଖୁଛନ୍ତି ଯେ ଜୁଅବୁବକର୍ କିବି ସାହେବ୍ ଯିଏ ବର୍ତମାନ ସଦର ଅଛନ୍ତି ଏବଂ କେନିଆ ଡିଫେନ୍‌ସ ଫୋର୍ସରେ ସର୍ଜଂଟ୍ ପୋଷ୍ଟରେ କାର୍ଯ୍ୟରତ, ସେ ବହୁତ ନିଷ୍ଠାବାନ ଅହେମଦୀ ଅଟନ୍ତି । କ୍ୟାଂଟ୍ ଏରିଆଠାରୁ ମସ୍‌ଜିଦ୍ ଦୂର ହେଲେ ମଧ୍ୟ ସେ ବହୁତ ଲମ୍ବା ରାସ୍ତା ଅତିକ୍ରମ କରି ଜୁମା ନମାଜ ପଢ଼ିବାକୁ ନିଶ୍ଚିତ ରୂପେ ହାଜର୍ ହୋଇଥାନ୍ତି ଏବଂ ସାଥିରେ ନିଜର ତିନିଜଣ ଝିଅଙ୍କୁ ମଧ୍ୟ ଆଣିବା ପାଇଁ ଚେଷ୍ଟା କରିଥାନ୍ତି । କ୍ୟାଂଟ୍‌ରେ ନିଜ ଘରେ ବିଶେଷ ରୂପେ ଏମ୍.ଟି.ଏ ଡିସ୍‌କ ଲଗାଇଛନ୍ତି । ନିଜେ ମଧ୍ୟ ଏବଂ ସାଥିରେ କାମ କରୁଥିବା ଫଉଜି ମାନଙ୍କୁ ମଧ୍ୟ ଅଧିକାଂଶ ଏମ୍.ଟି.ଏ ର ପ୍ରୋଗ୍ରାମ୍ ଗୁଡିକୁ ଦେଖାଇଥାନ୍ତି । ସେ କହୁଛନ୍ତି ଯେ ମୁଁ କିଛି ସମୟ ପୂର୍ବେ ଅର୍ଥାତ୍ କିଛି ସମୟ ହେବ ପ୍ରତ୍ୟେକ ଖୁତ୍‌ବାଜୁମାରେ ତେହ୍‌ରିକ୍ ଯଦିଦ୍‌ର ଗୁରୁତ୍ୱକୁ ଉଜାଗର କରିଥିଲି । କିଛି ଦିନ ପୂର୍ବେ ଜୁମା ନମାଜ ପରେ ସେ ମୁରବୀ ସାହେବ୍‌ଙ୍କୁ ପଚାରିଲେ ଯେ ମୋ ଝିଅମାନେ ମଧ୍ୟ ଏ ଖୁତ୍‌ବା ଶୁଣୁଛନ୍ତି । ଏବଂ ଏ ମାସରେ ଜଣେ ଅତିଥି ତାଙ୍କୁ ଘରକୁ ଆସିଥିଲେ ଏବଂ ଯିବାବେଳେ ମୋ ଛୋଟଝିଅ ସମୀରାକୁ, ଯାହାର ବୟସ ବର୍ତମାନ ୫ବର୍ଷ ହେବ, ତା ହାତରେ ୨୫ ଶିଲଙ୍ଗ୍ ଧରାଇଦେଲେ । ଅତିଥି ଜଣକ ଚାଲିଯିବା ପରେ ସେ ଝିଅ ତା ବାପା ପାଖକୁ ଆସି ୨୦ ଶିଲଙ୍ଗ୍ ଦେଇ କହିଲା ଯେ ଯାକୁ ମୋ ତରଫରୁ ତେହ୍‌ରିକ୍ ଯଦିଦ୍‌ରେ ଦେଇଦିଅନ୍ତୁ । ବାକି ୫ଶିଲଙ୍ଗ୍‌ରେ ମୁଁ କିଛି କିଣି ଖାଇନେବି ।

ପୁଣି ଲାଇବେରିଆରୁ ମୋବଲିଗ୍ ସାହେବ୍ ଲେଖୁଛନ୍ତି ଯେ ତେହ୍‌ରିକ୍ ଯଦିଦ୍‌ର ଚାନ୍ଦା ଉସୁଲି ସମୟରେ ଆମେ ଗୋଟିଏ ଯମାତ୍ ଯାହାର ନାମ ନାଇଗିମା ସେଠାରେ ଗୋଟିଏ ଘରେ ପହଂଚିଲୁ ଏବଂ ତାଙ୍କୁ ତେହ୍‌ରିକ୍ ଯଦିଦ୍ ବିଷୟରେ ବତାଇଲୁ । ଏବଂ କହିଲୁ ଯେ ଏଥିରେ ସମସ୍ତେ ସାମିଲ୍ ହୋଇପାରିବେ, ଛୋଟ, ବଡ଼ ମଧ୍ୟ ଯାହା ଆପଣମାନଙ୍କର ସାମର୍ଥ୍ୟ ଅଛି ତା ମୁତାବକ ଭାଗନେଇପାରିବେ । ସେ ଘରେ ଗୋଟିଏ ଛୋଟ ଝିଅ ଥିଲା ଯାହାର ବୟସ ୬-୭ ହେବ, ତାର ନାମ ବିସୁ ସମାଇରା ହିଓ୍ୱା । ସେ ଡାଲାରେ ଛୋଟ ଛୋଟ ଜିନିଷ ବିକ୍ରି କରୁଥିଲା । ଆମ କଥାକୁ ଶୁଣି ସେ କହିଲା-କଣ ପିଲାମାନେ ମଧ୍ୟ ଅଳ୍ପ ପଇସା ଦେଇ ଏଥିରେ ସାମିଲ୍ ହୋଇପାରିବେ । ଆମେ କହିଲୁ ହଁ, ପିଲାମାନେ ମଧ୍ୟ ସାମିଲ୍ ହେଉଛନ୍ତି । ଏହା ଶୁଣି ସେ ଦୌଡ଼ିକରି ଘର ଭିତରକୁ ପଶିଗଲା ଏବଂ କୋଡିଏ ଲାଇବେରିଆନ୍ ଡଲାର ନେଇ ଆସି କହିଲା ଯେ ମୋ ପାଖରେ ତ ଏତିକି ଅଛି ମୋତେ ଏଥିରେ ସାମିଲ୍ କରି ଦିଅନ୍ତୁ । ସୁତରାଂ ତାର ଏହି ନିରୀହ ପଣିଆ କାର୍ଯ୍ୟ ଦେଖି ତା ମା ବାପା ମଧ୍ୟ ଚାନ୍ଦା ପ୍ରଦାନ କରିଦେଲେ ।

ହଜୁର ଅନଓ୍ୱର ଅ.ବ କୁରବାନୀରେ ପିଲାମାନଙ୍କ ବିଶ୍ୱାସବର୍ଦ୍ଧକ ଘଟଣାବଳୀର ମଧ୍ୟ ଚର୍ଚ୍ଚା କରି କହିଲେ- ଅତଏବ କୁରବାନୀର ଏହି ଉଦାହରଣମାନ କେବଳ ଅହେମଦିମାନଙ୍କର ବିଶେଷତ୍ୱ ଅଟେ ସେ ପିଲା ହୁଅନ୍ତୁ ଅବା ବୟସ୍କ ବ୍ୟକ୍ତି ଅବା ବିଶ୍ୱର କୌଣସି କୋଣରେ ବସବାସ କରୁଥିବା ଅହେମଦି । ପିଲାମାନଙ୍କ କୁରବାନୀ ପ୍ରକୃତରେ ଉତମ ଚରିତ୍ରର ଶ୍ୱର ଅଟେ । ଅଲ୍ଲାଃ କରନ୍ତୁ କି ଅନ୍ତିମ ଦିବସ ପର୍ଯ୍ୟନ୍ତ ଜମାଅତରେ ଏଭଳି ପିଲା ଓ ବୟସ୍କ ବ୍ୟକ୍ତିତ୍ୱ ଜନ୍ମ ନେଇଚାଲିଥାନ୍ତୁ ଯେ ଅଲ୍ଲାଃଙ୍କ ପାଇଁ ଅତ୍ୟନ୍ତ ଉତ୍ସାହ ଓ ଆଗ୍ରହର ସହ କୁରବାନୀ କରିବା ସହିତ ନିଜ ପ୍ରତିଶୃତି ସମ୍ପାଦନକାରୀ ସାବ୍ୟସ୍ତ ହୁଅନ୍ତୁ ।

ହଜୁର ଆନଓ୍ୱର ଅ.ବ କହିଲେ- ଯେପରିକି ନଭେମ୍ବରରେ ତହରିକେ ଜଦିଦ୍‌ର ନୂତନ ବର୍ଷର ଘୋଷଣା ହୋଇଥାଏ । ଆଜି ମୁଁ ତହରିକେ୍ ଜଦିଦ୍‌ର ୮୪ତମ ବର୍ଷର ସୁଭାରମ୍ଭ ହେବାର ଘୋଷଣା କରିବା ସହିତ କିଛି ରିପୋର୍ଟ ଉପସ୍ଥାପନ କରୁଅଛି । ବର୍ତମାନ ସୁଧାପ୍ରାପ୍ତ ରିର୍ପୋଟ ମୁତାବକ ଚଳିତ ବର୍ଷ ତହ୍‌ରିକେ ଜଦିଦ୍‌ର ଆର୍ଥିକ ବ୍ୟବସ୍ଥାରେ ଏକ କୋଟି ପଚିସ୍ ଲକ୍ଷ ଅସି ହଜାର ପାଉଣ୍ଡ ଜମାଅତର ସଦସ୍ୟମାନେ ପ୍ରଦାନ କରିଛନ୍ତି **ଅଲ୍‌ହମଦୋ ଲିଲ୍ଲାଃ** । ଏହି ଆଦାୟ ଗତବର୍ଷ ମୁକାବିଲାରେ ୧୫ଲକ୍ଷ ୪୩ହଜାର ପାଉଣ୍ଡ ଅଧିକ ଅଟେ । ସମୁଦାୟ ଆଦାୟ ମଧ୍ୟରେ ପାକିସ୍ତାନକୁ ବାଦ ଦେଲେ ପ୍ରଥମ ଦଶଗୋଟି ଦେଶ ମଧ୍ୟରେ ଜର୍ମାନୀ ପ୍ରଥମ । ଜର୍ମାନୀରେ ଶହେଟି ମସ୍‌ଜିଦ୍ ମଧ୍ୟ ନିର୍ମାଣ କରିବା ପାଇଁ ଅହେମଦୀମାନେ ବହୁତ ବଡ଼ କୁର୍ବାନୀ କରୁଛନ୍ତି । ଖୁଦାମ୍, ଅନ୍‌ସାର୍ ଓ ଲଜ୍‌ନାଙ୍କ ଦାୟିତ୍ୱରେ ବଡ଼ବଡ଼ ଅର୍ଥରାଶି ଜିମା ଅଛି । ପାଖାପାଖି ତିନି ମିଲିୟନ୍ ୟୁରୋ ଏଥିପାଇଁ ସେ ଏକାଠି କରୁଛନ୍ତି । ସେଠାରେ ଏତେ ଧନୀଲୋକ ମଧ୍ୟ ନାହାଁନ୍ତି କିନ୍ତୁ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ କୁର୍ବନୀ ନିମନ୍ତେ ବହୁତ ଜଜ୍‌ବା ଅଛି । ଅଲ୍ଲାଃତାଲା ସେମାନଙ୍କ ଧନସମ୍ପତିକୁ ବଢ଼ାନ୍ତୁ ଏବଂ ସେମାନଙ୍କର କୁର୍ବାନୀକୁ ଗ୍ରହଣ କରନ୍ତୁ । ଇଂଲଣ୍ଡ ଦ୍ୱିତୀୟ, ଆମେରିକା ତୃତୀୟ, କାନେଡ଼ା ଚତୁର୍ଥ, ଭାରତ ପଂଚମ ତାପରେ ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ମଧ୍ୟ ଏସିଆର ଏକ ଜମାଅତ ଏବଂ ମଧ୍ୟ ଏସିଆର ଆଉ ଏକ ଜମାଅତ, ଶେଷରେ ଘାନା କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

ମୁଣ୍ଡପିଛା ଚାନ୍ଦା ପ୍ରଦାନ କରିଥିବା ଦୃଷ୍ଟିକୋଣରୁ ମଧ୍ୟ ପ୍ରଥମ ଦ୍ୱିତୀୟ ସ୍ଥାନରେ ମିଡିଲିଷ୍ଟ୍‌ର ଯମାତ୍ ଅଛନ୍ତି । ପୁଣି ସୁଇଜର୍‌ଲାଣ୍ଡ, ୟୁ.କେ । କିନ୍ତୁ ୟୁ.କେ ରେ ଯେଉଁ ସଂଖ୍ୟା ସାମିଲ୍ ହୋଇଛନ୍ତି ତାହା ଏ ସଂଖ୍ୟାଠାରୁ ବହୁତ କମ୍ । ଯାହା ତାଙ୍କ ଜଲ୍‌ସାରେ ସାମିଲ୍ ହେଉଛନ୍ତି । ଯଦିଚ ଜଲ୍‌ସାରେ ମଧ୍ୟ ସବୁଲୋକ ସାମିଲ୍ ହୋଇପାରୁନାହାଁନ୍ତି । ଏହାର ଅର୍ଥ ହେଉଛି ଏଥିପ୍ରତି ଧ୍ୟାନ ଠିକ୍ ରୂପେ ଦିଆଯାଉନାହିଁ । ପୁଣି ୫ନଂ ରେ ଆମେରିକା, ୬ନଂ ରେ ଅଷ୍ଟ୍ରେଲିଆ, ୭ନଂ ରେ ଜର୍ମାନୀ । ଜର୍ମାନୀରେ ସାମିଲ୍ ହୋଇଥିବା ସଂଖ୍ୟା ତା ପାଖାପାଖି ଅଟେ, ଯାହା ସେମାନଙ୍କ ଜଲ୍‌ସାରେ ଲୋକମାନେ ସାମିଲ୍ ହୋଇଥାନ୍ତି । ଏହାର ଅର୍ଥ ହେଉଛି ସେଠିକାର ସେକ୍ରେଟାରୀ ତେହ୍‌ରିକ୍ ଯଦିଦ୍ ଓ ସମ୍ପର୍କୀୟ ସେକ୍ରେଟାରୀମାନେ ଲୋକମାନଙ୍କୁ ସାମିଲ୍ ହେବାପାଇଁ ବହୁତ ଚେଷ୍ଟା କରିଛନ୍ତି । ପୁଣି ୮ନଂ ରେ ସ୍ୱିଡେନ୍, ୯ନଂ ରେ ନରଓ୍ୱେ ଓ ୧୦ନଂ ରେ କାନାଡ଼ା ।

ଆଫ୍ରିକା ଦେଶ ଗୁଡିକରେ ମୋଟ ଉସୁଲି ଦୃଷ୍ଟିକୋଣରୁ ପ୍ରମୁଖ ଯମାତ ଗୁଡିକ ହେଉଛନ୍ତି କ୍ରମାନୁସାରେ ଘାନା, ନାଇଜେରିଆ, ମାଲି, କାମେରୁନ୍ ଲାଇବେରିଆ ପୁଣି ବେନିନ୍ । ସାମିଲ୍ ହୋଇଥିବା ଲୋକମାନଙ୍କର ସଂଖ୍ୟା ଯାହା ଉପରେ ମୁଁ କିଛିବର୍ଷ ପୂର୍ବେ କହିଥିଲି ଯେ ଅଧିକ ଜୋର୍ ଦିଆଯାଉ । ଟଙ୍କା ତ ଜମା ହୋଇଯିବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରୁ ଚାନ୍ଦା ଅସୁଲ୍ କରାଯିବା ଉଚିତ୍ । ସେ ଏକ ପଇସା ଦିଅନ୍ତୁ ନା କାହିଁକି, ଯେପରି ଠୋପା ଠୋପା ମିଶି ନଦୀ ହୋଇଥାଏ ସେହିପରି ଏକ ଏକ ପଇସା ମଧ୍ୟ ମିଶି ବହୁତ ଗୁଡିଏ ଅର୍ଥ ଠୁଳ ହୋଇଯାଏ । ସେ ଯାହାହେଉ ସାମିଲ୍ ହେଉଥିବା ଲୋକଙ୍କ ସଂଖ୍ୟାକୁ ବଢ଼ାଇବା ପାଇଁ ମୁଁ କହିଥିଲି । ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଏବର୍ଷର ସାମିଲ୍ ହୋଇଥିବା ସଂଖ୍ୟା ୧୬ ଲକ୍ଷରୁ ଅଧିକା ଏବଂ ଦୁଇଲକ୍ଷ ନୁଆ ଲୋକ ସାମିଲ୍ ହୋଇ ଏବର୍ଷ ବଢ଼ିଛନ୍ତି । ଏବଂ ଏଥିରେ ଆଫ୍ରିକା ଦେଶଗୁଡିକରେ ବଢ଼ିଥିବା ଲୋକମାନଙ୍କ ମଧ୍ୟରୁ ନାଇଜେରିଆ ସବୁଠାରୁ ଉପରେ ଯେଉଁଠି ୫୭ ହଜାର ନୁଆ ଲୋକ ଚାନ୍ଦାରେ ସାମିଲ୍ ହୋଇଛନ୍ତି । ତାପରେ କାମେରୁନ୍ ଠାରେ ୨୩ହଜାର ଲୋକ ସାମିଲ୍ ହୋଇଛନ୍ତି । ପୁଣି ବେନିନ୍, ଆଇଭରିକୋଷ୍ଟ, ନାଇଜେରିଆ, ଗିନି କନାକରି, ମାଲି, ଗିନିବସାଓ, ଗାମ୍ବିଆ, ସେନିଗାଲ୍, ବୁର୍କିନାଫାସୋ ଇତ୍ୟାଦି ପ୍ରଶଂସା ଯୋଗ୍ୟ ଅଟନ୍ତି । ଏତଦ୍‌ବ୍ୟତୀତ ବାହାରର ଯମାତ୍ ମାନଙ୍କ ମଧ୍ୟରୁ ଇଣ୍ଡୋନେସିୟା ନଂ-୧, ପୁଣି ଜର୍ମାନୀ, ପୁଣି ବ୍ରିଟେନ୍ ପୁଣି ଭାରତ ପୁଣି ଆମେରିକା ଏବଂ କାନାଡ଼ାରେ ସାମିଲ୍ ହୋଇଥିବା ଲୋକମାନେ ବଢ଼ିଛନ୍ତି । ସେ ଯାହାହେଉ, ସାମିଲ୍ ହୋଇଥିବା ଲୋକମାନଙ୍କୁ ଆହୁରି ବଢ଼ିବା ପାଇଁ ସ୍ଥାନ ଅଛି । ତେଣୁ ଏଥିପ୍ରତି ଯମାତ୍‌କୁ ଧ୍ୟାନ ଦେବା ଆବଶ୍ୟକ ।

ପାକିସ୍ତାନ୍‌ର ଇମାରତ୍‌ର ନେଜାମ୍ ଟିକିଏ ବଦଳିଛି । ସେଥିପାଇଁ ପ୍ରଥମ ତିନୋଟି ଜିଲ୍ଲାକୁ ବାଦ୍ ଦେଲେ ଯମାତ୍‌ରେ ଯେଉଁ କୁର୍ବାନୀ ପେଶ୍ କରିଛନ୍ତି ତାର ଚାଟ୍ ଏପରି ରବ୍‌ୱା ନଂ-୧ରେ ପୁଣି ଇସ୍‌ଲାମ୍‌ବାଦ୍ ପୁଣି ଲାହୋର୍ ଟାଉନ୍‌ସିପ୍ ପୁଣି ଅଜିଜାବାଦ୍ କରାଚି ପୁଣି ଦିଲ୍ଲୀ ଗେଟ୍ ଲାହୋର୍ ପୁଣି ରାଉଲ୍‌ପେଣ୍ଡି ସହର ପୁଣି ମୁଲ୍‌ତାନ ପେଶାଓ୍ୱର୍ କୋଏଟା ଏବଂ ଗୁଜ୍‌ରାଁଓ୍ୱାଲା ।

ଜିଲ୍ଲା ସ୍ତରରେ ଅଧିକା କୁର୍ବାନୀ କରିଥିବା ଯେଉଁ ପାକିସ୍ତାନର ଜିଲ୍ଲାଗୁଡିକ ଅଛି ତାହା ହେଉଛି ୧-ସର୍ଗୋଧା ୨-ଫଏସଲାବାଦ ୩-ଉମରକୋଟ୍ ୪-ଗୁଜରାତ୍ ୫-ରେ ନାରୁଆଲ୍ ୬-ହାଇଦ୍ରାବାଦ୍ ୭-ମିର୍‌ପୁର୍‌ଖାସ୍ ୮-ବାହାଓ୍ୱଲ୍‌ପୁର୍ ଏବଂ ଓକାଡ଼ା ଏହି ଦୁଇଟି ସମାନ ସ୍ଥାନରେ ଅଛନ୍ତି । ୯-ଟୋବାଟିକ୍ ସିଂ ଏବଂ ୧୦-କୋଟ୍‌ଲି ଆଜାଦ୍ କଶ୍ମୀର୍ ।

ଜର୍ମାନୀର ପ୍ରଥମ ଦଶଟି ଯମାତ୍ ହେଉଛି ୧-ନୋଏସ୍ ୨-ରୋଏଡର୍‌ମାର୍କ ୩-ଓ୍ୱାଏନ୍‌କାର୍ଟନ ୪-ଲେଦା ୫-ପିଙ୍ଗ୍‌ବର୍ଗ ୬-ମେହଦିଆବାଦ୍ ୭-ହାଇଡଲ୍‌ବର୍ଗ ୮-ଲମ୍‌ବର୍ଗ ୯-କିଲ୍ ଏବଂ ୧୦-ଫ୍ଲୋରେଞ୍ଜ୍‌ହାଏମ୍ ଏବଂ ସେମାନଙ୍କର ୧୦ଟି ବଡ଼ ବଡ଼ ଇମାରତ୍ ହେଉଛି ହେମ୍‌ବର୍ଗ, ଫ୍ରାଙ୍କ୍‌ଫ୍ରଟ୍, ବୁଆଏଫିଲ୍‌ଡନ୍, ଗ୍ରାସ୍ ଗିରାଓ, ଇଜ୍‌ବାଦନ୍, ଡଟ୍‌ସନ୍‌ବାଖ୍, ମନ୍‌ହାଏମ୍ ଏବଂ ଡଷ୍ଟଡ୍, ଡାମ୍‌ଷ୍ଟେଡ୍ ଓ ଉଖନ୍‌ବାକ୍ । ବ୍ରିଟେନ୍‌ର ବଡ଼ ବଡ଼ ୧୦ଟି ଯମାତ୍ ଯେଉଁମାନେ ସମ୍ପୂର୍ଣ୍ଣ ରୂପେ ପ୍ରଦାନ କରିଛନ୍ତି

ସେଗୁଡିକ ହେଉଛନ୍ତି- ୧-ମସ୍‌ଜିଦ୍ ଫଜଲ୍, ୨-ୱେଷ୍ଟରପାର୍କ, ୩-ବ୍ରିମିଂହମ୍ ସାଉଥ୍, ୪-ବ୍ରେଡ୍‌ଫୋଡ୍ ସାଉଥ୍, ୫-ପଟ୍‌ନି, ୬-ଗ୍ଲାସ୍‌ଗୋ, ୭-ଇସ୍‌ଲାମାବାଦ୍, ୮-ନିଉମୋଲ୍‌ଡନ୍, ୯-ଜଲଂଘମ୍ ଓ ୧୦-ସ୍କାନ୍‌ଥାଓ । ପୁଣି ମୁଣ୍ଡପିଛା ଚାନ୍ଦା ପ୍ରଦାନ କରିଥିବା ହିସାବରେ ରିଜନ୍ ଗୁଡିକ ହେଉଛନ୍ତି ୧-ସାଉଥ ୱେଷ୍ଟ, ୨-ନର୍ଥଇଷ୍ଟ, ୩-ଇସ୍‌ଲାମାବାଦ୍, ୪-ମିଡ୍‌ଲ୍ୟାଣ୍ଡ, ୫-ସ୍କଟ୍‌ଲ୍ୟାଣ୍ଡ ।

ଆମେରିକାର ଯମାତ ଗୁଡିକ କ୍ରମାନୁସାରେ ଏପରି- ୧-ସିଲିକନ୍‌ଭ୍ୟାଲି, ୨-ଆଶ୍‌କାଶ୍, ୩-ସୈଟାଲ୍, ୪-ଡେଟ୍ରାଇଟ୍, ୫-ୟର୍କ୍, ୬-ଲସ୍‌ଏଞ୍ଜେଲେସ୍, ୭-ସିଲ୍‌ଭର୍ ସ୍ପ୍ରିଙ୍ଗ୍, ୮-ସେଂଟ୍ରାଲ୍‌ଜର୍ସି ଶିକାଗୋ ସାଉଥ୍, ୯-ୱେଷ୍ଟ ଆଟ୍‌ଲାଂଟା ଓ ୧୦-ଲସ୍‌ଏଞ୍ଜେଲେସ୍ ଇନ୍‌ଲେଣ୍ଡ ।

ୱସୁଲ୍ ହୋଇଥିବା ହିସାବରେ କାନାଡ଼ାର ଲୋକାଲ୍ ଇମାରତ୍ ୱାନ୍ ନଂ-୧ରେ ପୁଣି ପିସ୍ ଭିଲେଜ୍ ବ୍ରେନ୍‌ଟନ୍ ବ୍ରେଙ୍କୁଅର୍ ଏବଂ ମିସିସାଗା ।

ଭାରତର ଦଶ ଗୋଟି ଜମାଅତ ମଧ୍ୟରେ କେରଳ, କର୍ଣ୍ଣାଟକ, ଜାମ୍ମୁ କାଶ୍ମୀର୍, ତାମିଲ୍‌ନାଡୁ, ଓଡ଼ିଶା, ପଞ୍ଜାବ, ପଶ୍ଚିମ ବଙ୍ଗ, ଦିଲ୍ଲୀ ଏବଂ ମହାରାଷ୍ଟ୍ର ଇତ୍ୟାଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

ଦଶ ଗୋଟି ବଡ଼ ଜମାଅତ ମଧ୍ୟରେ କାଲିକଟ୍ (କେରଳ), ପଥାପୁରମ୍ (କେରଳ), କାଦିଆନ, ହାଇଦ୍ରାବାଦ, କଲିକତା, ବ୍ୟାଙ୍ଗଲୋର୍, କନାନୁର ଟାଉନ୍, ପଙ୍ଗାଡ଼ି, ମାଥୋଟମ୍, କରୋଲାଇ ।

ଅଷ୍ଟ୍ରେଲିଆର ଦଶଟି ଯମାତ୍ କ୍ରମାନୁସାରେ ଏପରି । ୧-କାସିଲ୍‌ହିଲ୍, ୨-ମେଲ୍‌ବର୍ଣ୍ଣ, ୩-ବୋରୁକ୍, ୪-ଏ.ସି.ଟି କେମ୍ବ୍ରା, ୫-ମାଜ୍‌ଡନ୍ ପାର୍କ, ୬-ବ୍ରିଜ୍‌ବେନ୍ ଲୋଗନ୍, ୭-ଏଡିଲେଡ୍ ସାଉଥ୍, ୮-ପକମ୍‌ପଟନ୍ ମେଲ୍‌ବର୍ଣ୍ଣ, ୯-ଲାଂଙ୍ଗ୍ ୱାରନ୍ ଓ ୧୦-ପିଜ୍‌ଥ୍ ମେଲ୍‌ବର୍ଣ୍ଣ ଇଷ୍ଟ ।

ହଜୁର ଅନୱର ଅ.ବ ଦୁଆ କଲେ ଅଲ୍ଲାଃତାଲା ଏହି ସମସ୍ତ କୁରବାନୀକାରୀଙ୍କ ଧନସମ୍ପତିରେ ଅଜସ୍ର ବରକତ୍ ପ୍ରଦାନ କରନ୍ତୁ । ଆପଣ ଆହୁରି କହିଲେ- ଏହାପରେ ମୁଁ ଆଉ ଏକ ଅସ୍ଥାୟୀ ପାଣ୍ଠିର ମଧ୍ୟ ଆଉ ଏକ ତେହ୍‌ରିକର ଘୋଷଣା କରୁଅଛି, ଯାହାକି ଇଂଲଣ୍ଡବାସୀ ତଥା ଧନିକ ଓ ଆର୍ଥିକ ସ୍ତରରେ ସୁଦୃଢ ଅହେମଦିଙ୍କ ପାଇଁ ଅନିର୍ବାର୍ଯ୍ୟ ଅଟେ । ପାଖାପାଖି ଦୁଇ ବର୍ଷ ପୂର୍ବେ ମସଜିଦ୍ ବୟତୁଲ୍ ଫୁତୁହ୍‌ର ଗୋଟିଏ ଭାଗରେ ନିଆଁ ଲାଗିଯାଇଥିଲା । ଏହି ଜଳିଯାଇଥିବା ଅଂଶର ପୁନଃ ନିର୍ମାଣପାଇଁ ଏହି ତେହ୍‌ରିକ୍ ଅଟେ । ୧୯୮୪ ମସିହାରୁ ଏଠାରେ ଖିଲାଫତ୍ କାଏମ୍ ହେବାଯୋଗୁଁ ସାରା ଦୁନିଆର ଲୋକମାନେ ଏଠାକୁ ଆସୁଛନ୍ତି ଏବଂ ରହୁଛନ୍ତି ପୁଣି ଅନେକ ଫଙ୍କ୍‌ସନ୍ ମଧ୍ୟ ଅନୁଷ୍ଠିତ ହେଉଛି । ଏବେ ତ ଦୁନିଆର ବିଭିନ୍ନ ଦେଶର ଜେଲି ତନ୍‌ଜିମ୍ ଗୁଡିକ ମଧ୍ୟ ଓ ଯମାତ୍‌ର ବଡ଼ବଡ଼ ୱଫଦ୍‌ମାନେ ମଧ୍ୟ ବର୍ଷସାରା ଏଠାକୁ ଆସୁଛନ୍ତି ଏବଂ ତାଙ୍କର ରହିବାର ବ୍ୟବସ୍ଥା ଇତ୍ୟାଦି ଏଠାରେ କରାଯାଏ । ବର୍ତମାନ ସେଥିଯୋଗୁଁ ବହୁତ ସମସ୍ୟାର ସମ୍ମୁଖିନ ହେବାକୁ ପଡୁଛି । ପ୍ରଥମେ ମସ୍‌ଜିଦ୍ ସହିତ ସଂଲଗ୍ନ ଗୋଟିଏ ହଲ୍ ଏବଂ କୋଠରୀମାନ ଥିଲା । ସେଠାରେ ଏ ସବୁର ବ୍ୟବସ୍ଥା ହୋଇଯାଉଥିଲା । ଜଳିଯିବା ପରେ ବର୍ତମାନ ଏବେ ଏଠାରେ ବହୁତ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ତାହାର ପୁନଃ ନିର୍ମାଣର ଯୋଜନା ପ୍ରସ୍ତୁତ କରାଯାଇଛି ଯାହାକି ଅତ୍ୟନ୍ତ ବଡ଼ ଧରଣର ଅଟେ । ଯାଗାତ ଟିକିଏ ଅଧିକା ଅଛି କିନ୍ତୁ ଯୋଜନା ବହୁତ ବଡ଼ ଅଟେ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ ଯେତେବେଳେ ଏହି ମସ୍‌ଜିଦ୍ ନିର୍ମାଣ ପାଇଁ ଯୋଜନା କରିଥିଲେ ଆରମ୍ଭରେ ପାଂଚ ମିଲିୟନ୍ ପାଉଣ୍ଡ୍‌ର ତେହ୍‌ରିକ କରିଥିଲେ । ପରେ ମସ୍‌ଜିଦ୍‌ର ଆଉ କିଛି ଅଂଶକୁ ନିର୍ମାଣ କରିବା ପାଇଁ ଆଉ କିଛି ଅର୍ଥର ଆବଶ୍ୟକତା ମିଳିଲା । ପୁଣି ପାଂଚ ମିଲିୟନ୍ ପାଉଣ୍ଡ୍‌ର ତେହ୍‌ରିକ୍ କରିବାକୁ ପଡ଼ିଲା । ଏହାପରେ ମଧ୍ୟ ଆହୁରି ଅନେକ କାର୍ଯ୍ୟ ଧିରେ ଧିରେ ହୋଇଚାଲିଲା ଯାହାକୁ ନିଜେ ଯମାତ୍ ନିଜ ବଜେଟ୍‌ରୁ ଖର୍ଚ୍ଚ କରି ଚାଲିଲା ଏବଂ ସେଗୁଡିକ ଏକ ପ୍ରକାର ସମ୍ପୂର୍ଣ୍ଣ ମଧ୍ୟ ହୋଇଗଲା । ସେ ଯାହାହେଉ ଏହି ଦୁର୍ଘଟଣା ପରେ ଯାହା ଅଲ୍ଲାଃତାଲାଙ୍କର ନିୟତି ଥିଲା ସେଥିରେ ନିଆଁ ଲାଗି ଯିବାରୁ ତାର ବହୁତ ବଡ଼ ଅଂଶ ଜଳିଗଲା । ତେବେ ବର୍ତମାନ ଯେଉଁ ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି ସେଥିରେ ପାଖାପାଖି ସେତିକି ଖର୍ଚ୍ଚ ହେବ ଅର୍ଥାତ୍ ୧୧ ମିଲିଅନ୍ ପାଉଣ୍ଡ୍‌ର ଖର୍ଚ୍ଚ । ତା ଭିତରୁ ପାଖାପାଖି ଅଧା ଆମ ପାଖରେ ଅଛି ଯାହାକୁ ଇନ୍‌ସୁରାନ୍‌ସ ଇତ୍ୟାଦିରୁ ମିଳିଛି ବା ଅନ୍ୟ ଲୋକମାନେ ଚାନ୍ଦା ଆକାରରେ ଦେଇଛନ୍ତି । ବର୍ତମାନ ଅଧାରୁ ଅଧିକା ଆବଶ୍ୟକ ହେବ । ସେଥିଯୋଗୁ ଯମାତ୍‌ର ଲୋକମାନଙ୍କୁ କୁର୍ବାନୀ କରିବାକୁ ପଡ଼ିବ । ଯେପରି ସେମାନେ ସବୁବେଳେ କରିଆସିଛନ୍ତି । ମସ୍‌ଜିଦ୍ ବଇତୁଲ୍ ଫତୁହ୍‌ର ଗଣନା ନିର୍ମାଣ ଶୈଳୀ ଦୃଷ୍ଟିକୋଣରୁ ଏବଂ ସୌନ୍ଦର୍ଯ୍ୟ ଦୃଷ୍ଟିକୋଣରୁ ଓ ବଡ଼ ପ୍ରାସାଦ ଦୃଷ୍ଟିକୋଣରୁ, ଏହା ୟୁରୋପ୍‌ରୁ ୫୦ଟି ବଡ଼ କୋଠୀ ଭିତରେ କରଯାଏ ଅର୍ଥାତ୍ ୫୦ଟି ଲିଷ୍ଟ ଭିତରେ ଗଣନା କରାଯାଏ, ଯେତେବେଳେ ଏହା ସମ୍ପୂର୍ଣ୍ଣ ରୂପେ ଠିକ୍ ଥିଲା । ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେ ଯେତେବେଳେ ତାର ଯୋଜନା କରିଥିଲେ ସେତେବେଳେ ଏହା ମଧ୍ୟ ଘୋଷଣା କରିଥିଲେ ଯେ ମୁଁ ଆଶା କରୁଛି କି ୟୁରୋପ୍‌ର ଏହା ସବୁଠାରୁ ବଡ଼ ମସ୍‌ଜିଦ୍ ହେବ ଅର୍ଥାତ୍ ଆଉ କୌଣସି ମସ୍‌ଜିଦ୍ ଏହାଠାରୁ ବଡ଼ ହେବନାହିଁ । ଜମାଅତର ଚତୁର୍ଥ ଖଲିଫା ଯେତେବେଳେ ଏହି ମସଜିଦ୍ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ ସେତେବେଳେ ୭/୮ ହଜାର ଲୋକ ଏଥିରେ ନମାଜ ପାଠ କଲେ ଆମର ଆବଶ୍ୟକତା ପୂରଣ ହୋଇଯିବ ବୋଲି ଧାରଣା ଥିଲା କିନ୍ତୁ ମସଜିଦ୍ ଓ ହଲ୍‌ଗୁଡ଼ିକୁ ଭରିବା ଫଳରେ ସମୁଦାୟ ୧୦ହଜାର ଲୋକ ଆସୁଥିଲେ । କିନ୍ତୁ ତାହା ମଧ୍ୟ ୨/୩ବର୍ଷ ପରେ ସୀମିତ ହେବାକୁ ଲାଗିଲା ଏବଂ ବ୍ୟବସ୍ଥା ଦାୟିତ୍ୱରେ ଥିବା କର୍ମୀମାନଙ୍କୁ ଘୋଷଣା କରିବାକୁ ପଡ଼ିଲା ଯେ, ଅନ୍ୟ ଜମାଅର ଲୋକେ ଇଦ୍ ନମାଜ ପାଠ କରିବାକୁ ଏଠାକୁ ଆସନ୍ତୁ ନାହିଁ ବରଂ ନିଜ ଅଂଚଳରେ (ଇଦ୍ ନମାଜ) ପାଠ କରନ୍ତୁ । ଏହା ସତ୍ୱେ ମଧ୍ୟ ଯମାତ୍‌ର ଲୋକମାନଙ୍କୁ ପାର୍କ ହୋଇଥିବା ସ୍ଥାନରେ ଅଲଗା ଟେଂଟ୍ ଲଗାଇବାକୁ ପଡୁଥିଲା ଏବଂ ଇଦ୍ ନମାଜ୍‌ର ବ୍ୟବସ୍ଥା ସେଠାରେ କରିବାକୁ ପଡୁଥିଲା ।

ହଜୁର ଅନୱର ଅ.ବ କହିଲେ- ସେ ଯାହା ହେଉ ଆବଶ୍ୟକତା ତ ରହିଛି ଏବଂ ଯେଭିଳି ଆମେ ଏହାକୁ ବଡ଼ ଓ ସୁନ୍ଦର ଭାବରେ ନିର୍ମାଣ କରିପାରିବା ଆମକୁ କରିବାକୁ ଚେଷ୍ଟା କରିବା ଉଚିତ୍ ସେହିମାନେ ଯେ ପ୍ରଥମେ ଏହାର (ନିର୍ମାଣ)ରେ ଭାଗ ନେବାରୁ ବଂଚିତ ରହିଯାଇଥିଲେ । ସେମାନଙ୍କୁ ଚେଷ୍ଟା କରି ନିଶ୍ଚିତ ଭାବରେ ଏଥିରେ ଅଂଶଗ୍ରହଣ କରିବା ଉଚିତ୍ । ଯେହେତୁ ଏହା ଇଂଲଣ୍ଡ ଜମାଅତର ଯୋଜନା ଅଟେ ସୁତରାଂ ସ୍ଥାନୀୟ ଅହେମଦିଙ୍କର କର୍ତବ୍ୟ କି ସେମାନେ ଏଥିରେ ଅଂଶଗ୍ରହଣ କରନ୍ତୁ ଏବଂ ବାହର ଜମାଅତ ମଧ୍ୟରେ ଧନିକ ଶ୍ରେଣୀ ଏଥିରେ ଅଂଶଗ୍ରହଣ କରନ୍ତୁ । ଜମାଅତର ଅନ୍ତଃ ବିଭାଗ ତଥା ବଡ଼ ବଡ଼ ଜମାଅତମାନଙ୍କୁ ଏଥିରେ ଭାଗ ନେବା ଉଚିତ୍ କାରଣ ଏଠାକୁ ବର୍ଷସାରା ଅତିଥି ଆସୁଛନ୍ତି ଏବଂ ଇଂଲଣ୍ଡର ଜମାଅତ ସେମାନଙ୍କ ସତ୍କାରର ଭାର ବହନ କରୁଅଛି, ଏପରିକି ତାହା ସହସ୍ରରେ ପହଂଚିଗଲାଣି । ହଜରତ ମସିହ ମଉଦ ଆ.ସ ଗୋଟିଏ ଅବସରରେ କୁହନ୍ତି-

ଆଲ୍‌ମଗୀର ସମୟରେ ମୁଖ୍ୟ ମସଜିଦ୍‌ରେ ନିଆଁ ଲାଗିଗଲା, ଲୋକେ ଦୌଡ଼ି ଦୌଡ଼ି ରାଜାଙ୍କ ନିକଟରେ ପହଁଚିଲେ ଏବଂ କହିଲେ ମସଜିଦ୍‌ରେ ନିଆଁ ଲାଗିଯାଇଛି ଏହି ଖବର ଶୁଣି ରାଜା ସଙ୍ଗେସଙ୍ଗେ ସଜ୍‌ଦାରେ ଯାଇ (ଅଲ୍ଲାଃଙ୍କୁ) କୃତଜ୍ଞତା ଜ୍ଞାପନ କଲେ । ନିକଟରେ ବସିଥିବା ଲୋକେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଚାରିଲେ ହଜୁର କୃତଜ୍ଞତାର ଏହା କେଉଁ ସମୟ ? ଅଲ୍ଲାଃର ଘରେ ନିଆଁ ଲାଗିଗଲା ଏବଂ ଏହି ଘଟଣାରେ ମୁସଲମାନମାନେ ମ୍ରିୟମାଣ ଓ ବ୍ୟଥିତ । ଏଥିରେ ରାଜା କହିଲେ- ମୁଁ ଦିର୍ଘ ଦିନ ହେଲା ଚିନ୍ତା କରୁଥିଲି ଏବଂ ମୃଦୁ ଦୁଃଖରେ ପିଡ଼ିତ ଥିଲି କି ଏଭଳି ବିଶାଳ ମସଜିଦ୍ ତିଆରି ହୋଇଛି ଏବଂ ଏତତ୍ ଦ୍ୱାରା ସହସ୍ର ଲୋକେ ଉପକୃତ ହେଉଛନ୍ତି । ଅଲ୍ଲାଃ କରନ୍ତେ କି ଏହି ମାନବ ସେବା କାର୍ଯ୍ୟରେ ମୋର ମଧ୍ୟ କିଛି ଯୋଗଦାନ ଥାନ୍ତା କି କିନ୍ତୁ ଚତୁର୍ପାଶ୍ୱରୁ ମୁଁ ଏହାକୁ ଏଭଳି ସମ୍ପୂର୍ଣ୍ଣ ଓ ତୃଟିହୀନ ଦେଖୁଥିଲି କି ମୋତେ କୌଣସି ରାସ୍ତା ଦିଶୁନଥିଲା କି ମୁଁ କିଭଳି ଏଥିରୁ ପୁଣ୍ୟ ଅର୍ଜନ କରିବି । ସୁତରାଂ ଆଜି ଅଲ୍ଲାଃତାଲା ମୋ ପାଇଁ ପୁଣ୍ୟ ଅର୍ଜନ କରିବାର ଏକ ମାର୍ଗ ଖୋଲିଦେଲେ **ୱଲ୍ଲାହୁ ସମିଉନ୍ ଅଲିମ୍ ।**

ହଜୁର ଅନୱର ଅ.ବ କହିଲେ- ସୁତରାଂ ଯେଉଁମାନେ ପ୍ରଥମେ ଏହି କୁରବାନୀରେ ଭାଗନେଇପାରି ନାହାନ୍ତି ସେମାନଙ୍କୁ ନିଶ୍ଚିତ ରୂପେ ଏଥିରେ ଭାଗ ନେବା ଉଚିତ୍ । ଯାହା ଦେବାର ପ୍ରତିଶୃତି କରିବେ ତାହାକୁ ତିନି ବର୍ଷ ମଧ୍ୟରେ ପୂରଣ କରିବାକୁ ଚେଷ୍ଟା କରିବେ । କିନ୍ତୁ ପ୍ରଥମ ବର୍ଷରେ ହିଁ (ଉକ୍ତ ରାଶିର)୧/୩ ଅଂଶ ପ୍ରଦାନ କରିବାକୁ ଚେଷ୍ଟା କରିବେ । ଏହି ଯୋଜନାର ଯେଉଁ ତଥ୍ୟ ତିଆରି କରାଯାଇଛି ତାହା ପ୍ରଥମେ କଭରଡ ଏରିଆ ୪୭୦୦ ସ୍କୋୟାରମିଟର୍ ଥିଲା । ବର୍ତମାନ ଏହାର ଯେଉଁ ନୂଆ ଯୋଜନା ତିଆରି କରାଯାଇଛି ତା ଅନୁସାରେ ପାଂଚ ହଜାର୍ ଆଠଶହ ସ୍କୋୟାର୍ ମିଟର୍ ହେବ । ତା ସହିତ ନାସେର୍ ହଲ୍‌ର ଛାତ ମଧ୍ୟ ଅଳ୍ପ ଉପରକୁ ଉଠିବ । ଏତଦ୍‌ବ୍ୟତୀତ ପ୍ରଥମ ଫ୍ଲୋର୍ ନୁର୍ ହଲ୍ ନିର୍ମାଣ କରାଯିବ । ଏହାର ଛାତ ମଧ୍ୟ ଉପରକୁ ଉଠା ହେବ । ପୁଣି ଦ୍ୱିତୀୟ ଫ୍ଲୋର୍‌ରେ କାର୍ଯ୍ୟାଳୟ ନିର୍ମାଣ ହେବ ପୁଣି ତୃତୀୟ ଏବଂ ଚତୁର୍ଥ ଫ୍ଲୋର୍‌ରେ ଦଫ୍‌ତର୍ ଓ ପ୍ରଦର୍ଶନୀ ହଲ୍ ନିର୍ମାଣ କରାଯିବ । ଏହିପରି ଅତିଥିମାନଙ୍କ ନିମନ୍ତେ ରହିବା ପାଇଁ ଗେଷ୍ଟ ହାଉସ୍ ନିର୍ମାଣ କରାଯିବ । ପୁଣି ଏ ଯୋଜନା ଅଛି ଯେ ଯାହାକୁ ଗେଟ୍‌ରୁ ଟିକିଏ ଅଲଗା କରି ତିଆରି କରାଯାଉଛି ଯଦ୍ୱାରା ପାର୍କିଂ ପାଇଁ କିଛି ଯାଗା ମିଳିଯିବ । ଗାଡ଼ିର ଯିବା ଆସିବା ପାଇଁ ସୁବିଧା ହେବ । ସେହିପରି ପାଦଚଲା ଲୋକଙ୍କ ପାଇଁ ମଧ୍ୟ ସୁବିଧା ହେବ । ମହିଳା ଓ ପୁରୁଷ ମାନଙ୍କ ରାସ୍ତା ଅଲଗା ଅଲଗା ହେବ । ଅଲ୍ଲାଃତାଲା ଇଂଲଣ୍ଡ ଜମାଅତକୁ ଏହି ଯୋଜନାକୁ ବାସ୍ତବରେ ପରିଣତ କରିବାର ଶକ୍ତି ପ୍ରଦାନ କରନ୍ତୁ ।

ନମାଜ ପରେ ମୁଁ ଗୋଟିଏ ଯନାଜାଃ ଗାଏବ୍ ପଢ଼ାଇବି ଯାହା ମୋକରମ୍ ଆଦିଲ୍ ହମୁଦ୍‌ନାଖୁଜା ସାହେବ୍ ୟମନଙ୍କ ର ଅଟେ । ୧୪ ଅକ୍ଟୋବର ଦିନ ତାଙ୍କ ହୃଦୟର ସ୍ପନ୍ଦନ ବନ୍ଦ୍ ହୋଇଯିବା ଯୋଗୁ ୪୦ ବର୍ଷ ବୟସରେ ସେ ମୃତ୍ୟୁବରଣ କଲେ । ଇନ୍ନାଲିଲ୍ଲା ହେ ୱ ଇନ୍ନା ଇଲୈହେ ରାଜେଉନ୍ । ଆପଣଙ୍କର ପୁତ୍ର ତାରିକ୍ ସାହେବ୍ କହୁଛନ୍ତି ଯେ ବୟତ ପୂର୍ବରୁ ମୋ ବାପା ନମାଜକୁ ସଠିକ୍ ରୂପେ ପଢୁନଥିଲେ କିନ୍ତୁ ବୟତ୍ କରିବା ପରେ ନା କେବଳ ସଠିକ୍ ସମୟରେ ନମାଜ୍ ପଢ଼ିଲେ ବରଂ ଆମକୁ ଦୀନ୍‌ର ଗୁରୁତ୍ୱ ବିଷୟରେ ଏବଂ ଯମାତ୍ ସହିତ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ମଧ୍ୟ ସବୁବେଳେ ଉପଦେଶ ଦେଉଥିଲେ । ଆମକୁ ସାଥିରେ ନେଇ ଘରେ ବାଯମାତ୍ ନମାଜ ସବୁବେଳେ ପଢୁଥିଲେ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକଗୁଡିକୁ ପଢ଼ି ଶୁଣାଉଥିଲେ । ଏମ୍.ଟି.ଏ ର ଫ୍ରିକୁଏନ୍‌ସି ବାଲା କାର୍ଡକୁ ସବୁବେଳେ ନିଜ ପାଖରେ ରଖୁଥିଲେ । ଯେଉଁଠି ବି ଯାଉଥିଲେ ସେଠାରେ ଏହି କାର୍ଡକୁ ବାଂଟିଥିଲେ ଓ ତବ୍‌ଲିଗ୍ କରୁଥିଲେ । ଅହେମଦୀୟତ୍‌ରେ ସାମିଲ୍ ହେବା ଫଳରେ ତାଙ୍କର ଜୀବନ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା । ସଦାବେଳେ ସେ ଆନନ୍ଦିତ ଜଣାପଡୁଥିଲେ । ଜଣେ ଅହେମଦୀ ବନ୍ଧୁ ଅଲୀ ଅର୍‌ଗାମୀ ବର୍ଣ୍ଣନା କରୁଛନ୍ତି ଯେ ବୟତ୍ ପୂର୍ବରୁ ମର୍‌ହୁମ୍ ମୋତେ ଏବଂ ଆଉକିଛି ବନ୍ଧୁଙ୍କୁ ନିଜ ଘରକୁ ଡାକି ଅହେମଦୀୟତ୍ ବିଷୟରେ ପଚାରି ବୁଝୁଥିଲେ । ସୁତରାଂ ଆମେ ତାଙ୍କୁ ବିଭିନ୍ନ ପ୍ରକାର ଏଖ୍‌ତିଲାଫି ମସାଏଲ(ବିଭିନ୍ନ ସମସ୍ୟା) ଯେପରି ଦଜାଲ୍‌ର ଆବିର୍ଭାବ ଜୀବିତ ଓ ମୃତ୍ୟୁ ମସିହ୍ ଏବଂ ଇମାମ୍ ମେହ୍‌ଦୀ ଆ:ସ ଙ୍କ ପ୍ରକଟ ହେବା ବିଷୟ ଇତ୍ୟାଦି ବୁଝାଉଥିଲୁ । ମର୍‌ହୁମ୍‌ଙ୍କୁ ଆମ କଥା ଏବଂ ଆମ ପ୍ରଥା ଗୁଡିକ ବହୁତ ଭଲ ଲାଗେ । ଯମାତ୍‌ର ବିରୋଧରେ ଯଦି କିଛି ଶୁଣନ୍ତି ତେବେ ତା ଉପରେ ଗବେଷଣା କରନ୍ତି । ତାଙ୍କ ବୟତ କରିବା ପୂର୍ବରୁ ଥରେ ଆମ ଉପରେ ମିଥ୍ୟା ଦୋଷାରୋପ ଲଗାଯାଇ ଜେଲ୍‌ରେ ଭର୍ତି କରାଯାଇଥିଲା । କିନ୍ତୁ ମର୍‌ହୁମ୍ ସେ ସମୟରେ ଗଏର୍ ଅହେମଦୀ ହୋଇଥିଲେ ମଧ୍ୟ ବହୁତ ସାହସର ସହିତ ଆମକୁ ସାହାଯ୍ୟ କରିଥିଲେ ଏବଂ ପ୍ରତିରକ୍ଷା କରିଥିଲେ ।

ଆପଣଙ୍କର ବନ୍ଧୁବାନ୍ଧବମାନେ ମଧ୍ୟ ଏହା ଲେଖିଛନ୍ତି ଯେ ବୟତ କରିବା ପରେ ଆପଣଙ୍କର ଜୀବନ ଚରିତ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା । ଯେତେବେଳେ ଦୀନୀ ବିଷୟ ଚର୍ଚ୍ଚା କରୁଥିଲେ ସେତେବେଳେ ଆପଣ କେରାନ୍ ଓ ହଦିସ୍‌ର ଆୟତଗୁଡିକୁ ଉପସ୍ଥାପନ କରୁଥିଲେ । ଆମେ ବହୁତ ଆଶ୍ଚର୍ଯ୍ୟ ହେଉଥିଲୁ ଯେ ଆପଣ ଏତେ କମ୍ ସମୟରେ ଏତେ ମାତ୍ରାରେ ଦୀନ୍‌ର ଶିକ୍ଷା କେଉଁଠାରୁ ଶିଖିଲେ । ଯେତେବେଳେ ଆମେ ପଚାରିଲୁ ସେତେବେଳେ ସେ ଆମକୁ ବତାଇଲେ ଯେ ଏହି ସବୁ ଜ୍ଞାନକୁ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଠାରୁ ଶିଖିଛନ୍ତି କାରଣ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ଜ୍ୟୋତି ହାସଲ କରୁଥିଲେ । ମର୍‌ହୁମ୍‌ଙ୍କ ପଛରେ ତାଙ୍କର ସ୍ତ୍ରୀ ଙ୍କ ବ୍ୟତୀତ ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି ଏବଂ ତାଙ୍କ ଫ୍ୟାମିଲିର ଅଧିକାଂଶ ଲୋକେ ଅହେମଦୀ ଅଟନ୍ତି । ଅଲ୍ଲାଃତାଲା ମର୍‌ହୁମ୍‌ଙ୍କ ଦରଜାକୁ ଉଚ୍ଚ କରନ୍ତୁ । ମଗଫିରତ୍ ଓ କରୁଣାର ସହିତ ବ୍ୟବହାର କରି ନିଜ ପ୍ରିୟତମଙ୍କ ଗୋଚରେ ସ୍ଥାନ ଦିଅନ୍ତୁ । ଏବଂ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କର ମଧ୍ୟ ସୁରକ୍ଷା ଓ ସାହାଯ୍ୟକାରୀ ହୁଅନ୍ତୁ । ଏବଂ ସେମାନଙ୍କର ଆବଶ୍ୟକତାକୁ ପୁରଣ କରନ୍ତୁ । ଏବଂ ସେମାନଙ୍କୁ ପୁଣ୍ୟବାନ୍ ଏବଂ ନିଷ୍ଠାବାନ୍ ବନାନ୍ତୁ । ଏବଂ ତାଙ୍କ ପିଲାମାନଙ୍କୁ ତାଙ୍କ ବାପାଙ୍କ ଅନୁଶରଣରେ ଚାଲିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

*ପୃଷ୍ଠା-୧ ର ଅବଶିଷ୍ଟାଂଶ.......*

ଦିବ୍ୟଜ୍ଞାନ ଯେ ଯାହାକୁ ସାଧାରଣ ବୁଦ୍ଧି ନିର୍ଦ୍ଧାରିତ କରିପାରିବ ନାହିଁ କେବଳ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଏଥିପ୍ରତି ସାମର୍ଥ୍ୟବାନ୍ ନୁହେଁ । ଏହି ପେଶ୍‌ଗୋଇରେ ଦୁଇପଟୁ ବିରୋଧିମାନଙ୍କର ସାକ୍ଷୀ ଅଛି । ଅର୍ଥାତ୍ ଗୋଟିଏ ପଟେ ଦୁଇଜଣ ଆର୍ଯ୍ୟ ଅଛନ୍ତି ଯାହାଙ୍କ ବିଷୟରେ ମୋର ମନ୍ତବ୍ୟ ଯେ ତାଙ୍କୁ ଏହି ପେଶ୍‌ଗୋଇ ମୁଁ ଶୁଣାଇଥିଲି । ଏବଂ ତାଙ୍କ ଭିତରୁ ଜଣେ ଚିଠି ଆଣିବ ପାଇଁ ଡାକ ଘରକୁ ଯାଇଥିଲା ଓ ଅନ୍ୟପଟେ ମୁନ୍‌ସି ଏଲାହି ବଖ୍‌ଶ ସାହେବ୍ ଆକାଉଟାଂଟ୍ ଯିଏ ବର୍ତମାନ ଲାହୋର୍‌ରେ ଅଛନ୍ତି ଓ ଯିଏ ମୋ ବିରୋଧରେ ନିଜର ପୁସ୍ତକ ଅସାଏମୁସା ପ୍ରକାଶ କରିଛନ୍ତି ଏବଂ (ସେଥିରେ) ମୋ ବିଷୟରେ ଯାହା ଇଚ୍ଛାକଲେ ଲେଖିଛନ୍ତି । ହଁ ମୁଁ ଏତିକି କହୁଛି ଯେ ଏହି ପେଶ୍‌ଗୋଇକୁ ସତ୍ୟସିଦ୍ଧ କରିବା ପାଇଁ ଏହି ଦୁଇପକ୍ଷ ବିଶିଷ୍ଟ ସାକ୍ଷୀମାନଙ୍କୁ ସାଧାସିଧା ଭାବେ ନପଚାରି ରାଣ ଦେଇ ପଚାରିବା ଉଚିତ୍ ହେବ କାରଣ ମଲାଓ୍ୱାମଲ୍ ଏବଂ ଶରମ୍‌ପତ୍ ଏପରି ଇର୍ଷାଳୁ ଆର୍ଯ୍ୟ ଅଟନ୍ତି ଯେଉଁମାନେ ମୋ ବିରୁଦ୍ଧରେ ଇସ୍ତେହାର୍ ଦେଇଛନ୍ତି ଏବଂ ମୁନ୍‌ଶି ଏଲାହି ବଖ୍‌ଶ ସାହେବ୍ ହେଉଛନ୍ତି ସେହି ମୁନ୍‌ଶି ସାହେବ୍ ଯିଏ ମୋ ବିରୁଦ୍ଧରେ ପୁସ୍ତକ ଅସାଏମୁସା ଲେଖି ବହୁତ ଲୋକଙ୍କୁ ଧୋକା ଦେଇଛନ୍ତି । ତେଣୁ ରାଣ ଛଡ଼ା ଆଉ କିଛି ଉପାୟ ନାହିଁ । ଏବଂ ଏହି ପେଶ୍‌ଗୋଇକୁ ଅନ୍ୟାନ୍ୟ ବହୁତ ଲୋକ ମଧ୍ୟ ଜାଣିଛନ୍ତି । ଏବଂ ଏହା ମଧ୍ୟ ଜାଣିଛନ୍ତି ଯେ ମୁନ୍‌ଶି ସାହେବ୍ ଙ୍କ ନିକଟକୁ ଚିଠି ପ୍ରେରଣ କରାଯାଇଥିଲା । ଏବଂ ତାଙ୍କର ଉକ୍ତ ଉତର ଆସିଥିଲା । ସେଥିପାଇଁ କୌଣସି ପ୍ରକାର ସମ୍ଭବ ନୁହେଁ ଯେ ସେହି ଦୁଇଜଣ ଆର୍ଯ୍ୟ ଏହି ପେଶ୍‌ଗୋଇକୁ ଅସ୍ୱୀକାର କରିବେ ବା ମୁନ୍‌ଶି ଏଲାହି ବଖ୍‌ଶ ସାହେବ୍ ଚିଠି ପଠାଇଥିବା ବିଷୟକୁ ଅସ୍ୱୀକାର କରିବେ ଏବଂ ଯଦି ଅସ୍ୱୀକାର କରିଦିଅନ୍ତି ତେବେ ଏକଥା ତ ବର୍ତମାନ ମଧ୍ୟ ନିଷ୍ପତି ହୋଇପାରିବ ଯେ ସର୍‌ଓ୍ୱର୍‌ଖାନ୍‌ଙ୍କର ଅର୍‌ବାବ୍ ଲଶ୍‌କର୍ ଖାନ୍‌ଙ୍କ ସହିତ କୌଣସି ସମ୍ପର୍କ ଅଛି ବା ନୁହେଁ । (ହକିକତୁଲ୍ ଓ୍ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୨୬୦)

---

*ପୃଷ୍ଠା-୨ ର ଅବଶିଷ୍ଟାଂଶ.......*

ସବୁଠାରୁ ଅଧିକା ଚାନ୍ଦା ଦେଉଥିବା ଯମାତ୍ ମାନଙ୍କ ମଧ୍ୟରୁ ଅଧିକାଂଶ ଯମାତ୍ କେରଳ ପ୍ରଦେଶର ଅଟନ୍ତି । ଏହି କାରଣ ଯୋଗୁଁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ୮ ନଭେମ୍ବର୍ ୨୦୧୩ ଖୁତ୍‌ବା ଜୁମାରେ କହିଥିଲେ- ''କେରଳ ପ୍ରଦେଶର ଯମାତ୍ ଗୁଡିକ ମାଶାଅଲ୍ଲାଃ ବହୁତ ଆକ୍ଟିଭ୍ ଅଛନ୍ତି'' । ହଜୁର୍‌ଙ୍କ ଶ୍ରୀମୁଖରୁ ବାହାରିଥିବା ଏହି ଶବ୍ଦଗୁଡିକ ନିଶ୍ଚିତ ରୂପେ କେରଳ ପ୍ରଦେଶର ଯମାତ୍ ମାନଙ୍କ ନିମନ୍ତେ ଏକ ପ୍ରକାର ସମ୍ମାନ ଅଟେ । ଆଶ୍ଚର୍ଯ୍ୟର କଥା କରୋଲାଇ ଯମାତ୍ ଯିଏ ଅନେକ ବର୍ଷରୁ ପ୍ରଥମ ହୋଇ ଆସୁଥିଲା ଏବର୍ଷ ୧୦ ନମ୍ବର୍‌ରେ ପହଂଚି ଯାଇଛି । କରୋଲାଇ ର ନମ୍ବର୍ ୧ ରୁ ଅଚାନକ ୧୦ ନମ୍ବର୍‌ରେ ପହଂଚିଯିବା ନିଶ୍ଚିତ ରୂପେ ଆମପାଇଁ ଆଶ୍ଚର୍ଯ୍ୟଜନକ । କାଦିଆନ୍ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଏବର୍ଷ ତୃତୀୟ ନମ୍ବର୍‌ରେ ଅଛି । ଯେଉଁଥିପାଇଁ ଆମେ ଓ କାଦିଆନ୍ ବାସୀ ବହୁତ ଖୁସି ଅଛୁ । ପଛ ବର୍ଷ ଆମେ ଯମାତ୍ ଗୁଡିକୁ ନିଜ ଭିତରେ ମୁକାବିଲା କରିବା ଏବଂ ଜଣେ ଅନ୍ୟଜଣକ ଠାରୁ ଆଗକୁ ବଢ଼ିଯିବା ବିଷୟରେ ଲେଖି ଏ ଇଚ୍ଛାର ପ୍ରକାଶ କରିଥିଲୁ ଯେ ''କାଦିଆନ୍‌କୁ ଉଚିତ୍ ଯେ ସେ ମସିହ୍ ମଉଦ୍‌ର ବସ୍ତି ହୋଇଥିବା ଯୋଗୁ ସମସ୍ତଙ୍କଠାରୁ ଆଗକୁ ବଳିଯିବା ପାଇଁ ଚେଷ୍ଟା କରୁ ।'' ଅଲ୍ଲାଃଙ୍କ ଫଜଲ୍‌ରୁ କାଦିଆନ୍‌କୁ ୫ନମ୍ବର୍‌ରୁ ୩ନମ୍ବର୍‌କୁ ଆସିବା ପାଇଁ ସୌଭାଗ୍ୟ ମିଳିଛି । ଆମେ ପୁଣି ଏହା କହିବୁ ଯେ କାଦିଆନ୍‌କୁ ମସିହ୍ ମଉଦ୍‌ଙ୍କ ବସ୍ତି ହୋଇଥିବା ଯୋଗୁ ୧ନମ୍ବର୍‌ରେ ଆସିବା ପାଇଁ ଚେଷ୍ଟା କରିବା ଉଚିତ୍ । ପିଥାପ୍ରେମ୍ ଯମାତ୍ ବହୁତ ପ୍ରଶଂସାର ଯୋଗ୍ୟ ଯେ ପଛବର୍ଷ ଏହା ଚତୁର୍ଥ ନମ୍ବର୍‌ରେ ଥିଲା ଏବଂ ଏବର୍ଷ ଦ୍ୱିତୀୟ ନମ୍ବର୍‌ରେ ପହଂଚିଗଲା । ଏବଂ ଏହିପରି କାଲିକଟ ଯମାତ୍ ମଧ୍ୟ ସୌଭାଗ୍ୟଶାଳୀ ଅଟେ ଯିଏ ଦ୍ୱିତୀୟ ଏବଂ ତୃତୀୟ ନମ୍ବର୍‌ରେ ରହୁଥିଲା ଆଜି ସେ ପ୍ରଥମ ପୋଜିସନ୍ ହାସଲ୍ କରିଛି । ଏବଂ ହାଇଦ୍ରାବାଦ୍ ପାଇଁ ଭାବିବାର ବେଳ ଯେ ବର୍ଷ-୨୦୧୫ରେ ସେ ଦ୍ୱିତୀୟ ନମ୍ବର୍‌ରେ ଥିଲା । ୨୦୧୬ରେ ତୃତୀୟ ନମ୍ବର୍‌କୁ ଆସିଗଲା ଏବଂ ୨୦୧୭ରେ ଚତୁର୍ଥ ନମ୍ବର୍‌ରେ ପହଂଚିଛି ।

ଆମର ଆନ୍ତରିକ ଇଛା ଯେ ଏବଂ ନିଶ୍ଚିତ ରୂପେ ସମସ୍ତଙ୍କର ଏ ଇଛା ଥିବ ଯେ ପ୍ରତ୍ୟେକ ଯମାତ୍ ଓ ପ୍ରତ୍ୟେକ ପ୍ରଦେଶ କେବଳ ଅଲ୍ଲାଃତାଲାଙ୍କ ସାନିଧ ହାସଲ କରିବା ପାଇଁ ମାଲି କୁର୍‌ବାନୀରେ ଜଣେ ଅନ୍ୟଠାରୁ ଆଗକୁ ବଢ଼ିବା ପାଇଁ ଚେଷ୍ଟା କରନ୍ତୁ । ଏହା ବହୁତ ମନଛୁଆଁ ଓ ଇମାନ୍ ଅଫ୍‌ରୋଜ୍(ବିଶ୍ୱାସବର୍ଦ୍ଧକ) ମୁକାବିଲା ହେବ ଓ ଏହିପରି ତେହ୍‌ରିକ୍ ଯଦିଦ୍‌ର ମୋଟ ଚାନ୍ଦା ମଧ୍ୟ ବଢ଼ିଯିବ ଓ ଭାରତକୁ ଆଗକୁ ବଢ଼ିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହେବ । ଅଲ୍ଲାଃକରନ୍ତୁ ଯେ ଏପରି ହେଉ । ଆମିନ୍ । (ମନ୍‌ସୁର୍ ଅହେମଦ୍ ମସୁରୁର୍)

---

*ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......*

ଚିଫ୍‌ସ, ଜଜେସ୍, ବଳିଷ୍ଠ ଓକିଲମାନେ, ବିଭିନ୍ନ ଦେଶର ଜାତୀୟ ମିଡ଼ିଆ ଓ ପ୍ରେସ୍‌ର ପ୍ରତିନିଧିଗଣ, ସାମ୍ବାଦିକ, ଭିନ୍ନ ଭିନ୍ନ ତନ୍‌ଜିମ୍(ଗୋଷ୍ଠୀମାନେ), ସୋସାଇଟି ଓ କାର୍ଯ୍ୟାଳୟ ଗୁଡିକର କାର୍ଯ୍ୟାଧକ୍ଷ, ବିଭିନ୍ନ ଧର୍ମର ନେତୃସ୍ଥାନୀୟ ବ୍ୟକ୍ତିବିଶେଷ, ୟୁନିଭରସିଟି ଓ କଲେଜ୍‌ର ପ୍ରିନ୍‌ସିପାଲ୍, ଭାଇସ୍ ଚ୍ୟାନ୍‌ସେଲର୍, ପ୍ରଫେସର୍ ଏବଂ ବିଭିନ୍ନ ବିଭାଗ ସହିତ ସମ୍ପର୍କ ରଖିଥିବା ଅତିଥିଗଣ ସାମିଲ୍ ହେଉଛନ୍ତି ।

ଯେଉଁଠି ଏହି ଲୋକମାନେ ଜଲ୍‌ସା ସାଲାନାର ପ୍ରୋଗ୍ରାମ୍ ଗୁଡିକୁ ଏବଂ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଅଭିଭାଷଣକୁ ଶୁଣି ଏହାକୁ ଉପଭୋଗ କରୁଛନ୍ତି ସେଠି ଏହି ସମସ୍ତ ଲୋକମାନେ ଅମିରୁଲ୍ ମୁମିନିନ୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ଗୌରବ ମଧ୍ୟ ହାସଲ୍ କରୁଛନ୍ତି । ଏବଂ ଏହି ସାକ୍ଷାତ୍‌କାର୍ ତାଙ୍କ ଭିତରେ ଏକ ଅସାଧାରଣ ପରିବର୍ତନ ଆଣିଦେଉଛି ଏବଂ ଗଭୀର ପ୍ରଭାବ ପକାଉଛି । ଯାହାକୁ ଏହି ଲୋକମାନେ ପରେ ପ୍ରତ୍ୟକ୍ଷରେ ପ୍ରକାଶ ମଧ୍ୟ କରୁଅଛନ୍ତି ।

ସୁତରାଂ ଏବର୍ଷ ମଧ୍ୟ ଦୁନିଆର ବିଭିନ୍ନ ଦେଶରୁ ଭିନ୍ନ ଭିନ୍ନ ଜାତି ସହିତ ସମ୍ବନ୍ଧ ରଖିଥିବା ଅତିଥିମାନଙ୍କ ଦ୍ୱାରା ପରିବେଷ୍ଟିତ ଓ୍ୱଫୁଦ୍ ଜଲ୍‌ସା ସାଲାନାରେ ସାମିଲ୍ ହୋଇଥିଲେ । ଓ ଜଲ୍‌ସାର ପ୍ରୋଗ୍ରାମ୍ ଗୁଡିକରେ ସାମିଲ୍ ହେବା ସଙ୍ଗେସଙ୍ଗେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର୍‌ର ସୌଭାଗ୍ୟ ମଧ୍ୟ ହାସଲ କଲେ । ଓ୍ୱଫୁଦ୍‌ମାନଙ୍କ ସହିତ ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ଜଲ୍‌ସାସାଲାନାର ଦ୍ୱିତୀୟ ଦିବସ ଶନିବାର ଦିନ ୨୯ ଜୁଲାଇ ସଂଧ୍ୟା ସମୟରେ ହଦିକତୁଲ୍ ମେହ୍‌ଦୀଠାରେ ଆରମ୍ଭ କରାଯାଇଥିଲା । ଏବଂ ଜଲ୍‌ସାର କିଛିଦିନ ପର୍ଯ୍ୟନ୍ତ ମଧ୍ୟ ଏହି ପ୍ରୋଗ୍ରାମ୍ ଜାରି ରହିଲା । ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁଓ୍ୱର୍ ଅ:ବ:ଅ ୭:୪୫ ରେ ନିଜ ଦଫ୍‌ତର୍‌ରେ ପଦାର୍ପଣ କଲେ ।

**ହଜୁର୍ ଅନୁଓ୍ୱର୍‌ଙ୍କ ସହିତ**
**ୟୁନାନ୍ ଓ୍ୱଫଦଙ୍କ ସାକ୍ଷାତ୍‌କାର**

ସର୍ବପ୍ରଥମେ ୟୁନାନ୍ ଦେଶରୁ ଆସିଥିବା ଓ୍ୱଫଦ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ଗୌରବ ହାସଲ କଲେ । ୟୁନାନ୍‌ରୁ ଚାରିଜଣ ବିଶିଷ୍ଟ ଓ୍ୱଫଦ୍ ଆସିଥିଲା ।

ଜଣେ ମହିଳା ଜର୍ନାଲିଷ୍ଟ Sofia Papadopoulou ସାହିବା ପଚାରିଲେ କି ଶାନ୍ତିର ବାର୍ତା ପ୍ରସାର କରିବାରେ କେତେ କଠିନ ?

ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମର କାମ ହେଉଛି ମିଶ୍‌ନାରୀ ଓ୍ୱାର୍କ । ଇସ୍‌ଲାମ୍‌ର ତବ୍‌ଲିଗ୍ (ପ୍ରଚାର) ଏବଂ ଇସ୍‌ଲାମ୍‌ର ଶାନ୍ତିବାର୍ତାକୁ ପ୍ରସାର କରିବା ଓ ଆମେ ଏହି ସବୁ କାମ କରୁଅଛୁ । ଆଜିକାଲି ଦୁନିଆର ଅବସ୍ଥା ଖରାପ ଅଟେ ଓ ସରକାର ନାଗରିକମାନଙ୍କ ଅଧିକାରକୁ ସମାନତା ଓ ନ୍ୟାୟର ସହିତ ପ୍ରଦାନ କରୁନାହାଁନ୍ତି । ଏହି ସବୁ କାରଣ ଯୋଗୁ ଦୁନିଆର ବହୁତ ଦେଶ ଗୁଡିକରେ ଅଶାନ୍ତି ଓ ଅରାଜକତା ଦେଖାଦେଉଛି । କିନ୍ତୁ ଆମେ ଆମର କାର୍ଯ୍ୟକୁ ଜାରି ରଖିବୁ ।

ସେହି ଜର୍ନାଲିଷ୍ଟ୍ ଜଣକ Refugee Crisis ସମ୍ବନ୍ଧରେ ପ୍ରଶ୍ନ କଲେ ଯେ ଯମାତ୍ ଅହେମଦୀୟାର ଏ ବାବଦରେ କଣ ଚିନ୍ତାଧାରା ?

ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଅନେକ ମୁସ୍‌ଲିମ୍ ଦେଶଗୁଡିକର ଅବସ୍ଥା ଏପରି ଅଟେ ଯେ ସେଠାରୁ ଲୋକମାନେ ବାହାରକୁ ଚାଲିଯାଉଛନ୍ତି । ଆପଣଙ୍କ ଦେଶ ଦେଇ ମଧ୍ୟ ଲୋକମାନେ ଯାଉଛନ୍ତି । ଇଟାଲି ଓ ତୁର୍କୀ ଦେଶ ଦେଇ ମଧ୍ୟ ଯାଉଛନ୍ତି । କିଛି ଅହେମଦୀ ମଧ୍ୟ ଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ମଧ୍ୟ ତୁର୍କୀ ଚାଲିଯାଇଥିଲେ । ଏବଂ ପୁଣି ତୁର୍କୀରୁ ସେମାନେ ଆଗକୁ ଅନ୍ୟ ଦେଶକୁ ଯିବା ପାଇଁ ଚେଷ୍ଟା କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ସଦାବେଳେ ଏହା କହିଥାଏ ଯେ ଏପରି ପଡୋଶୀ ଦେଶ ଯେଉଁଠି ଶାନ୍ତି ଅଛି ସେମାନେ ଏହି ରିଫ୍ୟୁଜି ମାନଙ୍କୁ ସମ୍ଭାଳନ୍ତୁ । ଯେପରି ଆଫ୍‌ଗାନିସ୍ତାନ୍ ରିଫ୍ୟୁଜିମାନେ ପାକିସ୍ତାନ୍‌ରେ ପହଂଚିଥିଲେ ଓ ପାକିସ୍ତାନ ସେମାନଙ୍କୁ ସମ୍ଭାଳିଲା ଏବଂ ସେମାନଙ୍କ ପାଇଁ କ୍ୟାମ୍ପସ୍ ମଧ୍ୟ ବନାଇଥିଲା । ପୁଣି ପରେ ଯେତେବେଳେ ଅବସ୍ଥା ସୁଧୁରିଯିବ ସେତେବେଳେ ସେମାନଙ୍କୁ ତାଙ୍କ ଦେଶକୁ ପଠାଇ ଦିଆଯାଉ ।

ସେହି ମହିଳା ଜର୍ନାଲିଷ୍ଟ୍ ଜଣକ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏହି ଜଲ୍‌ସା ମୋ ପାଇଁ ଗୋଟିଏ ଅଲଗା ଅନୁଭବ ଥିଲା । ଅନ୍ୟ ମୁସଲ୍‌ମାନମାନଙ୍କର ଅଧିକା ଜୋର୍ ହଦିସ୍ ବା ପରେ ଆସିଥିବା ଧର୍ମୀୟ ସ୍କଲାର୍‌ଙ୍କ କଥନ ଉପରେ ପର୍ଯ୍ୟବେଶିତ, ଯେଉଁଥିପାଇଁ ବେଳେବେଳେ ସେମାନେ କୋରାନ୍ ଶିକ୍ଷାର ଓଲଟା ଅମଳ କରୁଛନ୍ତି । କିନ୍ତୁ ଯମାତ୍ ଅହେମଦୀୟା ପବିତ୍ର କୋରାନ୍‌ର ଶିକ୍ଷା ପ୍ରତି ଲୋକମାନଙ୍କୁ ଡାକୁଅଛି । ଏହା ମୋତେ ବହୁତ ପ୍ରଭାବିତ କଲା । ଯମାତ୍ ଅହେମଦୀୟାର ଖଲିଫାଙ୍କ ସହିତ ସାକ୍ଷାତ୍‌କାର ମଧ୍ୟ ମୋ ଉପରେ ଗଭୀର ପ୍ରଭାବ ପକାଇଛି । ଦୁନିଆର କଠିନରୁ କଠିନତମ ସମସ୍ୟା ଗୁଡିକର ସମାଧାନ ଖଲିଫା ବହୁତ ସହଜ ଓ ସାଧା ଶବ୍ଦରେ ବର୍ଣ୍ଣନା କରିଦେଉଛନ୍ତି । ଜଲ୍‌ସାର ବ୍ୟବସ୍ଥା ବହୁତ ଉତମ ଥିଲା । ଜଲ୍‌ସା ସମୟରେ ମହିଳାମାନେ ଓ ନୂତନ ମୁସ୍‌ଲିମ୍ ମହିଳାମାନଙ୍କ ସହିତ ମଧ୍ୟ ମିଶିବାର ମୌକା ମିଳିଲା । ସେମାନଙ୍କର ଭାବନା ମୋତେ ବହୁତ ପ୍ରଭାବିତ କଲା ଯେ କିପରି ହଜୁର୍ ଅନୁଓ୍ୱର୍ ସେମାନଙ୍କୁ ନିଜ ଝିଅ ପରି ବ୍ୟବହାର କରୁଛନ୍ତି ।

ଏବର୍ଷ ମୁଁ ନିଜ କାମ ଯୋଗୁ ଅଧକା ସମୟ ରହିପାରିଲି ନାହିଁ କିନ୍ତୁ ଆସନ୍ତା ବର୍ଷ ଏହି ଦିନ ଗୁଡିକରେ ମୁଁ ଛୁଟି ନେବି । ଯଦ୍ୱାରା ଜଲ୍‌ସାସାଲାନାରେ ଅଧିକ ସମୟ ବିତାଇପାରିବି ।

ୟୁନାନ୍‌ର ଜଣେ ନୌମୋବାଏ ଖାଲିଦ୍ କାପିତା ନିଦସ୍ ସାହେବ୍ ଜଲ୍‌ସା ବାବଦରେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ:- ମୋତେ ପ୍ରଥମ ଥର ପାଇଁ ବୟତ ଉତ୍ସବରେ ସାମିଲ୍ ହେବା ପାଇଁ ସୁଯୋଗ ମିଳିଲା । ଏହି ଉତ୍ସବ ସମୟରେ ମୋ ଲୋମ ଟାଙ୍କୁରି ଗଲା । ଏହା ବହୁତ ଭାବ ବିହୋଳରେ ପରିପୁର୍ଣ୍ଣ କ୍ଷଣ ଥିଲା । ମୋତେ ଗର୍ବ ଅନୁଭବ ହେଉଛି ଯେ ମୁଁ ହେଉଛି ଜଣେ ଅହେମଦୀ ମୁସଲ୍‌ମାନ୍ ।

ଏ ଜଲ୍‌ସାରେ ସାମିଲ୍ ହେବା ପରେ ମୋତେ ଏପରି ଲାଗିଲା ଯେପରି ମୁଁ ନିଜ ଘରେ ଅଛି । ବରଂ ଏଠିକାର ମାହୋଲ୍ ମୋ ଘରଠାରୁ ମଧ୍ୟ ଭଲ ଥିଲା । ମୁଁ ଆସନ୍ତା ବର୍ଷର ଜଲ୍‌ସା ସାଲାନାକୁ ବହୁତ ଆଗ୍ରହର ସହିତ ଅପେକ୍ଷା କରିବି ।

ୟୁନାନ୍‌ରୁ ଆସିଥିବା ଓ୍ୱଫଦ୍‌ର ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଏହି ସାକ୍ଷାତ୍‌କାର ୭:୫୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ଓ୍ୱଫଦ୍‌ର ପ୍ରତ୍ୟେକ ସଦସ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ସୁଇଜର୍‌ଲାଣ୍ଡ୍‌ର ଓ୍ୱଫଦ୍‌ଙ୍କ ସାକ୍ଷାତ୍‌କାର**

ଏହାପରେ ସୁଇଜର୍‌ଲାଣ୍ଡ୍‌ରୁ ଆସିଥିବା ଓ୍ୱଫଦ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସୁଇଜର୍‌ଲାଣ୍ଡ୍‌ରୁ ଦୁଇଜଣ ଅଣ ଜମାତର ସଦସ୍ୟ ମଧ୍ୟ ଏଥିରେ ସାମିଲ୍ ଥିଲେ ।

ଏହି ଦୁଇଜଣଯାକ ହେଉଛନ୍ତି ସ୍ୱାମୀ ସ୍ତ୍ରୀ । ତୁର୍କୀ ହେଉଛି ତାଙ୍କର ପୈତୃକ ଦେଶ । ସେମାନେ ସୁଇଜରଲାଣ୍ଡରେ ବସବାସ କରୁଛନ୍ତି । ସେମାନଙ୍କର ସମ୍ବନ୍ଧ ଫିର୍କା ଅହ୍‌ଲେ କୁରଆନ୍‌ଙ୍କ ସହିତ ଅଛି । ସ୍ୱାମୀଙ୍କ ନାମ Kerem Aiguzel । ସେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କୁ ପ୍ରଶ୍ନ କଲେ ଯେ ଆପଣଙ୍କୁ His holiness କୁହାଯାଉଛି । ଏହାର କାରଣ କଣ ?

ଏହାର ଉତ୍ତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ମୁଁ ତ କେବେ କାହାକୁ କହିନାହିଁ ଯେ ମୋତେ His holiness କୁହାଯାଉ । ଏହାତ ଅହେମଦୀମାନଙ୍କର ନିଜ ପସନ୍ଦ ଅଟେ । ସେ ନିଜ ଆଧାତ୍ମିକ ଇମାମ୍‌କୁ କେଉଁ ଟାଇଟେଲ୍ ଦେଇ ସମ୍ବୋଧନ କରିବେ । ଯଦି କିଏ ମୋତେ ମୋ ନାମ ଅର୍ଥାତ 'ମିର୍ଜା ମସ୍‌ରୁର୍ ଅହେମଦ୍' ବୋଲି ଡାକେ ତେବେ ମଧ୍ୟ ମୋତେ କୌଣସି ପ୍ରକାର ଫରକ ପଡ଼ିବ ନାହିଁ । କିନ୍ତୁ ଅହେମଦୀମାନେ ଖଲିଫାଏ ୱକ୍ତ ଙ୍କ ସହିତ ନିଜର ପ୍ରେମ ଓ ସ୍ନେହର ସମ୍ବନ୍ଧ ଯୋଗୁ ହଜୁର୍ ବା His holiness ଇତ୍ୟାଦି କହୁଛନ୍ତି ।

ଏଥିରେ ସେ ପୁଣି କହିଲେ:-ଆପଣ ବହୁତ ସୁନ୍ଦର ଉତ୍ତର ଦେଇଛନ୍ତି । ମୁଁ ଆପଣଙ୍କ ଉତ୍ତରରେ ସନ୍ତୁଷ୍ଟ ହୋଇଛି ।

ସେ ବ୍ୟକ୍ତିଜଣକ ପୁଣି ନିଜର ଭାବନାକୁ ବ୍ୟକ୍ତ କରି କହିଲେ :- ବର୍ଷା ଏବଂ ଖରା ମୌସମ ହେଉଥିବା ସତ୍ତ୍ୱେ ଜଲ୍‌ସାରେ ସାମିଲ୍‌ରେ ହୋଇଥିବା ଲୋକମାନେ ବହୁତ ଖୁସି ଜଣାପଡୁଥିଲେ । ଜଲ୍‌ସା ସାଲାନାର ବ୍ୟବସ୍ଥା ବହୁତ ଉଚ୍ଚକୋଟୀର ଥିଲା । ଏହା ତ ଆପଣମାନେ ବହୁତ ଜଲ୍‌ସା ଅନୁଷ୍ଠିତ କରୁଥିବାରୁ ଟ୍ରେନିଂ ପାଇଯାଇଛନ୍ତି ବା ଆପଣମାନେ ବହୁତ improvise କରିନେଉଛନ୍ତି । ପ୍ରତ୍ୟେକ ବ୍ୟବସ୍ଥା ଉତ୍ତମ ସ୍ତରର ଥିଲା ।

ୱଫଦ୍ ସହିତ ସାମିଲ୍ ହୋଇଥିବା ମୁବଲିଗ୍ ସିଲ୍‌ସିଲା ମୁକରମ୍ ନବିଲ୍ ଅହେମଦ୍ ସାହେବ୍ କହିଲେ:-ଏଠାରେ କହିବା ଯୋଗ୍ୟ କଥା ଏହା କି ଏହି ସ୍ୱାମୀ ସ୍ତ୍ରୀ ଦୁଇଜଣ ଅହ୍‌ଲେ କୋରାନ୍ ଫିର୍କା ସହିତ ସଂଶ୍ଲିଷ୍ଟ । ଏବଂ ସେମାନଙ୍କ ନିକଟରେ ନମାଜ ପଢ଼ିବା ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଶନିବାର ଦିନ ସନ୍ଧ୍ୟାରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବା ପରେ ତାଙ୍କ ସ୍ତ୍ରୀ ରହିବା ସ୍ଥଳୀ ଯାଇ ଆରାମ କରିବାକୁ ଚାହୁଁଥିଲେ । କିନ୍ତୁ ତାଙ୍କ ସ୍ୱାମୀ ତାଙ୍କୁ କହିଲେ କି ମୋର ତ ଇଚ୍ଛା ହେଉଛି ଯେ ମୁଁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ପଛରେ ନମାଜ ପଢ଼ିବି । ତେବେ ଏହା ସେମାନଙ୍କର ବହୁତ ବଡ଼ ପରିବର୍ତ୍ତନ ଥିଲା, ଯାହା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବା ପରେ ସୃଷ୍ଟି ହୋଇଛି । ସୁଇଜରଲାଣ୍ଡର ୱଫଦ୍‌ଙ୍କ ଏହି ସାକ୍ଷାତ୍‌କାର ୮:୦୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଅତିଥିମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

### ୟୁରୁଗୁଏ ୱଫଦ୍‌ଙ୍କ ସହିତ ସାକ୍ଷାତ୍‌କାର

ଏହାପରେ ପ୍ରୋଗ୍ରାମ୍ ମୁତାବକ 'ୟୁରୁଗୁଏ' ଦେଶରୁ ଆସିଥିବା ୱଫଦ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୁଯୋଗ ପାଇଲେ । ୟୁରୁଗୁଏ ରୁ ଆସିଥିବା ୱଫଦ୍ ଭିତରେ ଦୁଇଜଣ ପାର୍ଲିଆମେଂଟ୍ ମେମ୍ବର୍ Mr. Pablo Daniel ଓ Dr. Gerardo Amarilla ସାହେବ୍ ସାମିଲ୍ ଥିଲେ । ଦୁଇଜଣଙ୍କର ସମ୍ବନ୍ଧ ଦେଶର ଜାତିୟ ଦଳ ସହିତ ଅଛି ଏବଂ ଦୁଇଜଣଯାକ ପେଶାରେ ଓକିଲ ମଧ୍ୟ । Dr. Gerardo ସାହେବ୍ Chamber of representation ର ଅଧ୍ୟକ୍ଷ ମଧ୍ୟ ଅଟନ୍ତି ।

ଏହି ଦୁଇଜଣଯାକ ଅତିଥି କହିଲେ ଯେ ଆମେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ଯେ ଆମକୁ ଜଲ୍‌ସା ସାଲାନାରେ ସାମିଲ୍ ହେବା ପାଇଁ ମୌକା ଦିଆଗଲା । ଏହା ଆମର ବହୁତ ବଡ଼ ଅନୁଭବ ଥିଲା । ସେ ପୁଣି କହିଲେ ଯେ ସେହି ଦୁଇଜଣଯାକଙ୍କର ସମ୍ବନ୍ଧ ଇସାଇ ଧର୍ମ ସହିତ ଅଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଆମକୁ ଏହା ଦ୍ୱାରା କୌଣସି ଫରକ୍ ପଡ଼େନାହିଁ ଯେ କିଏ କୌଣସି ଧର୍ମ ସହିତ ସମ୍ପର୍କ ରଖିଛି । ସର୍ବପ୍ରଥମେ ମାନବତା ଏବଂ ମାନବତା ଅନ୍ତର୍ଗତ ଆମେ କହୁଛୁ ଯେ ସମସ୍ତଙ୍କୁ ଏକତ୍ରିତ ମିଳିମିଶି କରି ରହିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଏଠାରେ ଅସ୍ଥାୟୀ ବ୍ୟବସ୍ଥା ଥିଲା । ଜଲ୍‌ସା ଦିନ ଗୁଡିକରେ ବର୍ଷା ହେବା ଯୋଗୁଁ ଯଦି ଆପଣଙ୍କୁ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି ତେବେ ଆମେ ଦୁଃଖିତ । ଏକଥାରେ ଅତିଥିମାନେ କହିଲେ ଆମକୁ ଏଠାରେ କୌଣସି ପ୍ରକାର ଅସୁବିଧା ହୋଇନାହିଁ । ଆମେ ବହୁତ ଖୁସି ଅଛୁ । ସବୁ ବ୍ୟବସ୍ଥା ବହୁତ ଭଲ ଥିଲା ଏବଂ ଆମର ସବୁ ପ୍ରକାରର ଧ୍ୟାନ ରଖାଯାଇଥିଲା । ଆମ ପାଇଁ ପ୍ରତ୍ୟେକ ପ୍ରକାରର ସୁବିଧା ଯୋଗାଇ ଦିଆଗଲା ଏବଂ ଆମର ବହୁତ ସମ୍ମାନ ମଧ୍ୟ କରାଗଲା ।

ଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ କହିଲେ ଯେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଅଭିଭାଷଣ ବହୁତ ଉଚ୍ଚ ସ୍ତରର ଥିଲା । ଆମେ ଏହା ଦ୍ୱାରା ବହୁତ ପ୍ରଭାବିତ ହୋଇଛୁ । ଆମେ ନିଜ ପାର୍ଲିଆମେଂଟ୍‌ରେ ଚେଷ୍ଟା କରୁଛୁ ଯେ କିପରି ଧର୍ମୀୟ ସ୍ୱାଧୀନତାକୁ ପ୍ରମୋଟ୍ କରିବୁ । ବର୍ତ୍ତମାନ୍ ଆମେ ଅପୋଜିସନ୍‌ରେ ଅଛୁ । ଆସନ୍ତାଥର ସରକାରରେ ଥିବୁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ କହିଲେ କି ଯେତେବେଳେ ଆପଣମାନେ ସରକାରରେ ଆସିବେ ସେତେବେଳେ ଆମେ ମଧ୍ୟ ଆପଣଙ୍କ ଦେଶକୁ ଆସିବା ପାଇଁ ଚେଷ୍ଟା କରିବୁ । ଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ କହିଲେ କି ଏହି ଜଲ୍‌ସାକୁ ଆସିବା ପୂର୍ବରୁ ଆମକୁ ଅହେମଦୀୟତ୍ ବିଷୟରେ ଅଧିକ କିଛି ଜ୍ଞାନ ନଥିଲା । ଏବେ ଜାଣିପାରିଲୁ ଯେ ଆପଣମାନେ ବହୁତ ଭଲ ଏବଂ ଶାନ୍ତିପ୍ରିୟ ଲୋକ ଅଟନ୍ତି ।

ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Mr. Pablo Daniel Abdala Shwarz ନିଜର ଭାବନାକୁ ବ୍ୟକ୍ତ କରି କହିଲେ:- ମୋ ପାଇଁ ଏହା ହୃଦୟକୁ ଥରାଇ ଦେଉଥିବା ଜଲ୍‌ସା ଥିଲା । ଯେଉଁଥିରେ ଆପଣ ନିଜର ଇମାନ୍ ଓ ଉତ୍ତମ ଚରିତ୍ରକୁ ପ୍ରକାଶ କଲେ । ବିଶେଷ ରୂପେ ଇମାମ୍ ଜମାତ୍ ଅହେମଦୀୟାଙ୍କ ଅଭିଭାଷଣ ଶୁଣିବା ପରେ ମୋ ଉପରେ ଏହା ସ୍ପଷ୍ଟ ହୋଇଗଲା ଯେ ଇସ୍‌ଲାମ୍ ନିଜର ଅସଲ ରୂପରେ କେବଳ ଶାନ୍ତିର ହିଁ ବାର୍ତ୍ତା ଦେଉଅଛି । ମୁଁ ଜମାତ୍ ଅହେମଦୀୟାକୁ ତବ୍‌ଲିଗ୍ କାର୍ଯ୍ୟ ଓ ମାନବ ସେବା କରିବା ଯୋଗୁ ଓ ଶହ ଶହ ଦେଶରେ ବ୍ୟାପିଯିବା ଯୋଗୁ ମୁବାରକ୍‌ବାଦ୍(ଶୁଭେଚ୍ଛା) ଦେଉଛି ।

ଅନ୍ୟ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Dr. Gerardo Amarilla ସାହେବ୍ ନିଜ ଭାବନାକୁ ବ୍ୟକ୍ତ କରି କହିଲେ ଏ ଜଲ୍‌ସା ସାଲାନାରେ ଯୋଗଦେବା ମୋ ପାଇଁ ଅତ୍ୟନ୍ତ ରୋଚକ ଅଭିଜ୍ଞତା ଥିଲା । ଏହି ଜଲ୍‌ସାରେ ଆମେ ଇସ୍‌ଲାମ୍‌ର ଗୋଟିଏ ଏପରି ଚେହେରା ଦେଖିଲୁ ଯାହାକୁ ଆମେ ଉପେକ୍ଷା କରିଥିଲୁ । ଏକଥା ସ୍ପଷ୍ଟ ହୋଇଗଲା ଯେ ଇସ୍‌ଲାମ୍‌ର ବାର୍ତ୍ତା ହେଉଛି ଶାନ୍ତି, ଭାଇଚାରା, ପ୍ରେମ । ଏବଂ ଏହା ସବୁ ଅନ୍ୟମାନଙ୍କ ପାଇଁ ମଧ୍ୟ । ଧର୍ମୀୟ ତାରତମ୍ୟ ସତ୍ତ୍ୱେ ଆପଣ ମାନଙ୍କର ଆତିଥ୍ୟତା ଓ ପ୍ରେମ କରିବା ଯୋଗୁଁ ଆମେ ବହୁତ କୃତଜ୍ଞ ।

ୟୁରୋଗୁଏର ୱଫଦ୍‌ଙ୍କ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଏହି ସାକ୍ଷାତ୍‌କାର ୮:୧୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ୱଫଦ୍‌ର ପ୍ରତ୍ୟେକ ସଦସ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

### ସ୍ପେନ୍ ଓ ଆର୍ଜେନ୍‌ଟାଇନ୍ ୱଫଦ୍‌ଙ୍କ ସାକ୍ଷାତ୍‌କାର

ଏହାପରେ ସ୍ପେନ୍ ଓ ଆର୍ଜେନ୍‌ଟିନାରୁ ଆସିଥିବା ୱଫଦ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ ।

ସ୍ପେନ୍‌ରୁ ଆସିଥିବା ଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ କହିଲେ ଯେ ମୁଁ ସଂଖ୍ୟାଲଘୁଙ୍କ କଷ୍ଟକୁ ଦୂର କରିବା ପାଇଁ ଚେଷ୍ଟା କରୁଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଅଲ୍ଲାହ୍‌ତାଲା ଆପଣଙ୍କର ସାହାଯ୍ୟ କରନ୍ତୁ ।

ସ୍ପେନ୍‌ରୁ ଆସିଥିବା ଜଣେ ଜର୍ନାଲିଷ୍ଟ୍ ପ୍ରଶ୍ନ କଲେ ଯେ ବିଗତ ଦିନରେ ଏଠି ସନ୍ତ୍ରାସ୍‌ବାଦ୍ କାର୍ଯ୍ୟକଳାପର ଘଟଣା ଘଟିଥିଲା । ଜମାତ୍ ଅହେମଦୀୟା ଏହି ଘଟଣାକୁ କିପରି ନିନ୍ଦା କରୁଛି ?

ଏହାର ଉତ୍ତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଆମେ ତ ସବୁବେଳେ ସନ୍ତ୍ରାସ୍‌ବାଦ କାର୍ଯ୍ୟକଳାପର ନିନ୍ଦା କରୁଅଛୁ । ଆମେ କେବଳ ନିନ୍ଦା କରୁନାହୁଁ ବରଂ ଏହା ମଧ୍ୟ ସ୍ପଷ୍ଟ କରୁଛୁ ଯେ ଯାହା କିଛି ହେଉଛି ଏହା ସବୁ ଇସ୍‌ଲାମ୍ ବିରୋଧି କାର୍ଯ୍ୟକଳାପ ଅଟେ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ବିଭିନ୍ନ ଦେଶର ପାର୍ଲିଆମେଂଟ୍‌ରେ ଓ ଭିନ୍ନ ଭିନ୍ନ ଉତ୍ସବରେ ଏବଂ ପିସ୍ କନ୍‌ଫରେନ୍‌ସରେ ନିଜ ଅଭିଭାଷଣ ଦ୍ୱାରା ନାଁ କେବଳ ସନ୍ତ୍ରାସବାଦକୁ ନିନ୍ଦା କରିଛି ବରଂ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷା ଆଲୋକରେ ଏହାର ସମାଧାନ ମଧ୍ୟ ବତାଇଛି । ଏହିପରି ମୁଁ ଦୁନିଆର ବିଭିନ୍ନ ନେତାମାନଙ୍କୁ ଚିଠି ମଧ୍ୟ ଲେଖିଛି ଯେ ଆମେ କିପରି ଶାନ୍ତି ପ୍ରତିଷ୍ଠା କରିପାରିବା ।

ଆର୍ଜେନ୍‌ଟିନାରୁ ଜଣେ ବୟୋଜ୍ୟେଷ୍ଠ ନୂଆ ଅହେମଦୀ ଆସିଥିଲେ । ସେ କହିଲେ ମୁଁ ବହୁତ ଆନନ୍ଦିତ ଯେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଆମ ଦେଶ ପାଇଁ ଜଣେ ମୁବଲିଗ୍‌କୁ ପଠାଉଛନ୍ତି । ଏବେ ସମୟ ଆସିଯାଇଛି ଯେ ଆମ ଦେଶରେ ମଧ୍ୟ ଇସ୍‌ଲାମେ ଅହେମଦୀୟତ୍‌ର ପ୍ରଚାର ଏବଂ ପ୍ରସାର ହେଉ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସେଥିପାଇଁ ତ ମୁବଲିଗ୍ ପଠାଉଛି ଯେ ସେଠାରେ ଇସ୍‌ଲାମ୍‌ର ବାର୍ତ୍ତା ପ୍ରସାର ଲାଭ କରୁ ।

ସ୍ପେନ୍‌ର ପୂର୍ବତନ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Jose Maria Alonso ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି ଏହି ଜଲ୍‌ସାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ଖଲିଫତୁଲ୍ ମସିହ୍‌ଙ୍କର ବାର୍ତ୍ତା ଥିଲା । ଯେଉଁଥିରେ ଖଲିଫା ବତାଇଲେ ଯେ ଯଦି ମୁସଲମାନ୍ ଦୁନିଆରେ ପରିବର୍ତ୍ତନ ଆଣିବାକୁ ଚାହୁଁଛନ୍ତି ତେବେ ଏହି ପରିବର୍ତ୍ତନ ପ୍ରେମ, ସ୍ନେହ ଓ ଶାନ୍ତି ଜରିଆରେ ହିଁ ଆସିପାରିବ । ଖଲିଫତୁଲ୍ ମସିହ୍ ସ୍ପଷ୍ଟ ରୂପେ ଏହା କହିଲେ ଯେ କେହି କାହାକୁ ଜୋର୍ ଜବର୍‌ଦସ୍ତ କରି ମୁସଲମାନ୍ ବନାଇପାରିବ ନାହିଁ । ଯଦି ଅଲ୍ଲାହ୍‌ତାଲା ସମସ୍ତଙ୍କୁ ଜୋର୍ ଜବ୍‌ର୍‌ଦସ୍ତ କରି ମୁସଲମାନ୍ ବନାଇବାକୁ ଚାହିଁଥାନ୍ତା ତେବେ ସମସ୍ତ ମନୁଷ୍ୟ ଜାତିକୁ ମୁସଲମାନ ରୂପେ ହିଁ ଜନ୍ମ କରାଇଥାଆନ୍ତା । ତେଣୁ ଜୋର୍ ଜବର୍‌ଦସ୍ତ କରି କୌଣସି ଧର୍ମରେ କାହାକୁ ସାମିଲ୍ କରିପାରିବ ନାହିଁ ।

ପେଡ୍ରୋ ଆବାଦ୍, ସ୍ପେନ୍ ସହିତ ସମ୍ପର୍କ ରଖିଥିବା Daily Cordoba ର ରିପୋର୍ଟର Rafael ମଧ୍ୟ ଏହି ୱଫଦ୍‌ରେ ସାମିଲ୍ ଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ଭଲ ଥିଲା । ଏହି ଆନ୍ତର୍ଜାତୀୟ ଜଲ୍‌ସାରେ ଆମକୁ ସ୍ପଷ୍ଟ ରୂପେ ଜଣାପଡ଼ିଗଲା ଯେ ଜମାତ୍ ଅହେମଦୀୟାର ଭାବନା ବହୁତ Moderate ଅଟେ । ଜମାତ୍ ଅହେମଦୀୟା ଯୋଗୁ ଇସ୍‌ଲାମ୍‌ର ଅସଲ ଚେହେରା ଲୋକମାନଙ୍କର ସାମନାକୁ ଆସୁଅଛି । ତାହା ହେଉଛି ଉତ୍ତମ ଚରିତ୍ର, ଭାଇଚାରା ଏବଂ ପ୍ରତ୍ୟେକ ପ୍ରକାରର ସନ୍ତ୍ରାସ୍‌ବାଦ୍ କାର୍ଯ୍ୟକଳାପର ଖିଲାଫ୍‌ରେ ଜିହାଦ୍‌ର ଶିକ୍ଷା ଉପରେ ଆଧାରିତ ।

ଆଉଜଣେ ଖବରକାଗଜ ରିପୋର୍ଟରଙ୍କ ସ୍ତ୍ରୀ Maria Del Carmen ସାହିବା ମଧ୍ୟ ତାଙ୍କ ସହିତ ଆସିଥିଲେ । ସେ କହିଲେ ମୁଁ ପ୍ରଥମେ ମଧ୍ୟ ଏହି ଜଲ୍‌ସାରେ ସାମିଲ୍ ହୋଇସାରିଛି । ଏବର୍ଷ ପୁଣି ଆମେ ଦେଖିଲୁ ଯେ ଏହି ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କ ଭିତରେ ଏକ ପ୍ରକାର ଆଧାତ୍ମିକ ପରିବର୍ତ୍ତନ ସୃଷ୍ଟି ହୋଇଚାଲିଛି । ଆମକୁ ନିଜର ବିଭିନ୍ନତାକୁ ଦେଖିବା ପରିବର୍ତ୍ତେ ନିଜର ଭଲ କର୍ମକୁ ଦେଖିବା ଉଚିତ୍ ଏବଂ ଏହି ଜଲ୍‌ସାରେ ଆମେ ଏହା ସବୁ ଦେଖିଲୁ ।

ଆର୍ଜେନ୍‌ଟିନାରୁ ଆସିଥିବା ଜଣେ ଅତିଥି ଖବର କାଗଜର ରିପୋର୍ଟର Pablo Pla ସାହେବ୍ ମଧ୍ୟ ୱଫଦ୍‌ରେ ସାମିଲ୍ ଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ:- ଏହି ଜଲ୍‌ସାସାଲାନାରେ ସାମିଲ୍ ହେବା ବହୁତ ଉତ୍ତମ ଅଭିଜ୍ଞତା ଥିଲା । ଏହି ଜଲ୍‌ସା ଯୋଗୁ ମୁଁ କଠୋରପନ୍ଥୀ, ଚରମପନ୍ଥୀ, ମହିଳା ମାନଙ୍କ

ବିଷୟରେ ଓ ଅନ୍ୟ ଧର୍ମ ସମ୍ବନ୍ଧରେ ଯମାତ୍ ଅହେମଦୀୟାର ଦୃଷ୍ଟିକୋଣ ବିଷୟରେ ଜାଣିପାରିଲି ।

ମୁଁ ଏହା ଶୁଣି ବହୁତ ଆଶ୍ଚର୍ଯ୍ୟ ହେଲି ଯେ ଯମାତ୍ ଅହେମଦୀୟାର ସଂଖ୍ୟା ମିଲିୟନ୍ ମିଲିୟନ୍ ଅଟେ । ଏବଂ ଏବର୍ଷ ମଧ୍ୟ ୬ଲକ୍ଷରୁ ଅଧିକା ଲୋକେ ଯମାତ୍ ଅହେମଦୀୟାରେ ସାମିଲ୍ ହୋଇଛନ୍ତି ।

ଖଲିଫତୁଲ୍ ମସିହ୍‌ଙ୍କ ସହିତ ଆମର ସାକ୍ଷାତ୍‌କାର ମଧ୍ୟ ବହୁତ ବଢ଼ିଆ ରହିଲା । ଆପଣ ଆମ ସହିତ ବହୁତ ପ୍ରେମ, ସ୍ନେହ ଓ ସମ୍ମାନର ସହିତ ପେଶ୍ ଆସିଲେ । ଯମାତ୍ ଅହେମଦୀୟାର ଏକଥା ମୋତେ ବହୁତ ଭଲ ଲାଗିଲା ଯେ ପ୍ରେମ, ଶାନ୍ତି, ନ୍ୟାୟ, ଧର୍ମୀୟ ଭାଇଚାରା ହେଉଛି ସେମାନଙ୍କର ମୂଳମନ୍ତ୍ର । ଏହି ଜଲସାରେ ସାମିଲ୍ ହେବା ପରେ ମୋ ଉପରେ ଅହେମଦୀମାନଙ୍କର ଭାବନା ସ୍ପଷ୍ଟ ହୋଇଗଲା । ଯମାତ୍ ଅହେମଦୀୟାର ବାର୍ତ୍ତାକୁ ପ୍ରସାର କରିବା ନିମନ୍ତେ ମୁଁ ଆପଣଙ୍କ ସହିତ ରହିଛି । ମୁଁ ଯେଉଁ ଚ୍ୟାନେଲ୍‌କୁ ରିପ୍ରେଜେଂଟ୍(ପ୍ରତିନିଧିତ୍ୱ) କରୁଛି ତାକୁ ଦେଖିବା ଲୋକଙ୍କ ସଂଖ୍ୟା ହେଉଛି ୪ମିଲିୟନ୍‌ରୁ ଅଧିକା । ମୁଁ ଆମ ଚ୍ୟାନେଲ୍‌ରେ ଆପଣଙ୍କର ବାର୍ତ୍ତାକୁ ଦେଖାଇବି ।

ସ୍ପେନ୍ ଏବଂ ଆର୍ଜେନ୍‌ଟିନାର ୱଫଦ୍‌ର ହଜୁର୍ ଅନୁୱର୍‌ଙ୍କ ସହିତ ଏହି ସାକ୍ଷାତ୍‌କାର ୮:୨୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ୱଫଦ୍‌ର ସଦସ୍ୟମାନେ ହଜୁର୍ ଅନୁୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଆୟରଲାଣ୍ଡର ୱଫଦ୍‌ଙ୍କ ସହିତ ସାକ୍ଷାତ୍‌କାର**

ଏହାପରେ ଆୟରଲାଣ୍ଡରୁ ଆସିଥିବା ୱଫଦ୍‌ର ସଦସ୍ୟଗଣ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଆୟରଲାଣ୍ଡ ୬ଜଣ ବିଶିଷ୍ଟ ଅତିଥିଙ୍କ ୱଫଦ୍ ଆସିଥିଲା । ଯାହାଙ୍କୁ ମଧ୍ୟରୁ ଜଣେ ସିନେଟର୍ Trevor O Lolchartaigh ସାହେବ୍, ଜଣେ ବରିଷ୍ଠ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Mr. Emon O Cuive ସାହେବ୍ ଏବଂ National Diversity Police ର ଅଧ୍ୟକ୍ଷ Darren Howlett Coventry ସାହେବ୍ ମଧ୍ୟ ସାମିଲ୍ ଥିଲେ ।

ୱଫଦ୍ ମେମ୍ବରମାନଙ୍କ ଠାରୁ ପରିଚୟ ହାସଲ କରିବା ପରେ ହଜୁର୍ ଅନୁୱର୍ ଅ:ବ:ଅ ଜଲସା ସାଲାନର ବ୍ୟବସ୍ଥା ବାବଦରେ କହିଲେ ଏଠାରେ ଗୋଟିଏ ଅସ୍ଥାୟୀ ଭିଲେଜ୍ ନିର୍ମାଣ କରାଯାଇଛି । ପ୍ରତ୍ୟେକ ବ୍ୟବସ୍ଥା ଅସ୍ଥାୟୀ ଓ ସମସ୍ତ କାର୍ଯ୍ୟ ସ୍ୱେଚ୍ଛାସେବୀ କର୍ମୀମାନେ କରିଛନ୍ତି । ବର୍ଷା ଏବଂ ଖରା ମୌସମ ଯୋଗୁ ଯଦି ଆପଣଙ୍କର ଆତିଥ୍ୟତା ଓ ଅନ୍ୟାନ୍ୟ ବ୍ୟବସ୍ଥା ଇତ୍ୟାଦିରେ କୈାଣସି କମି ରହିଯାଇଥିବ ତେବେ ସେଥିପାଇଁ ଆମେ ଦୁଃଖିତ । ଏଠାରେ ଯେଉଁ ଅସ୍ଥାୟୀ ବ୍ୟବସ୍ଥା ଅଛି, ଯଦି ଆପଣମାନେ କିଛି ଦିନ ପରେ ପୁନର୍ବାର ଏଠାକୁ ଆସି ଦେଖିବେ ତେବେ ଆପଣଙ୍କୁ ଏହି ସବୁ ସ୍ଥାନରେ କେବଳ ସବୁଜ ପଡ଼ିଆ ଦୃଷ୍ଟିଗୋଚର ହେବ ।

ୱଫଦ୍‌ରେ ସାମିଲ୍ ହୋଇଥିବା ଜଣେ ମହିଳା ଅତିଥି କହିଲେ ଯେ ଆୟାରଲାଣ୍ଡର ମୁବଲିଗ୍ ଇବ୍ରାହିମ୍ ନୁନନ୍ ସାହେବ୍ ଜଣେ ବିନମ୍ର ବ୍ୟକ୍ତି ଅଟନ୍ତି ଓ ଅନ୍ୟମାନଙ୍କର ବହୁତ ଧ୍ୟାନ ରଖୁଛନ୍ତି ।

ଏହାର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ:- ଆମ ମୁରବୀମାନଙ୍କୁ ଏହିପରି ହେବା ଉଚିତ୍ । ମାନବିକତା ଦୃଷ୍ଟିକୋଣରୁ ସମସ୍ତଙ୍କୁ ଜଣେ ଅନ୍ୟ ଜଣଙ୍କର ଧ୍ୟାନ ରଖିବା ଉଚିତ୍ ଏବଂ ଜଣେ ଅନ୍ୟଜଣଙ୍କର କାର୍ଯ୍ୟରେ ଆସିବା ଉଚିତ୍ ।

Darren Howlett Coventry ସାହେବ୍ ଯିଏ National Diversity Police ର ଅଧ୍ୟକ୍ଷ ଅଟନ୍ତି ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏହା ମୋର ପ୍ରଥମ ଜଲସା ସାଲାନା ଥିଲେ । ଏହି ଜଲସା ଅବସରରେ ମୋତେ ଯମାତ୍ ଅହେମଦୀୟାର ସତ୍ ସାହସ, ସେବା ମନୋବୃତି ଓ ପୁଣ୍ୟବାନ୍ ଲୋକମାନଙ୍କ ସହିତ ମିଶିବା ପାଇଁ ଅବସର ମିଳିଲା, ଯେଉଁମାନେ ''ମହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ'' ର କେବଳ ଶବ୍ଦକୁ ପ୍ରକାଶ କରୁନାହାଁନ୍ତି ବରଂ ଏହି ସମସ୍ତ କର୍ମୀମାନେ ଏବଂ ଯୋଗ ଦେଇଥିବା ଲୋକମାନେ ନିଃସ୍ୱାର୍ଥପର ଏବଂ ସ୍ୱେଚ୍ଛାସେବୀ ମନବୃତି ଦ୍ୱାରା ଏହି କଥାକୁ କାର୍ଯ୍ୟରେ ପ୍ରକାଶ କଲେ ।

ଇମାମ୍ ଯମାତ୍ ଅହେମଦୀୟାଙ୍କର ଭାଷଣରେ ନ୍ୟାୟ ଓ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏକାଏକା ଓ ଦଳଗତ ରୂପେ ଚେଷ୍ଟା କରିବା ପାଇଁ ଉପଦେଶ ଦିଆଗଲା । ଅଭିଭାଷଣ ପୂର୍ବରୁ ଯେଉଁ ନଜମ୍ ପଢ଼ାଗଲା ତାହା ମଧ୍ୟ ମୋ ଉପରେ ବହୁତ ପ୍ରଭାବ ପକାଇଛି ।

ମୁଁ ଆପଣମାନଙ୍କୁ ବହୁତ କୃତଜ୍ଞତା ଜ୍ଞାପନ କରୁଛି ଯେ ମୋତେ ଏହି ମହାନ୍ ମୌକା ପ୍ରଦାନ କରିଛନ୍ତି । ଯାହା ଦ୍ୱାରା ମୋତେ ଇସ୍‌ଲାମ୍ ସମ୍ପର୍କରେ ଚିନ୍ତା କରିବା ଓ ଜଲସା ସାଲାନର ପ୍ରୋଗ୍ରାମରୁ ଆନନ୍ଦ ଉଠାଇବା ପାଇଁ ମୌକା ମିଳିଲା ।

ଆଉ ଜଣେ ଅତିଥି ଇମନ୍ ଉକିଓ ଯିଏ ବରିଷ୍ଠ ମେମ୍ବର ଅଫ୍ ପାର୍ଲିଆମେଂଟ୍ ଅଟନ୍ତି ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ-ମୁଁ ଯମାତ୍ ଅହେମଦୀୟାକୁ ବହୁତ କୃତଜ୍ଞତା ଜ୍ଞାପନ କରୁଛି ଯେ ସେ ଦ୍ୱିତୀୟ ଥର ପାଇଁ ମୋତ ଏ ଜଲସାରେ ସାମିଲ୍ ହେବା ପାଇଁ ନିମନ୍ତ୍ରଣ ଦେଲେ । ଏପରି ତ ସାରା ଜଲସା ବହୁତ ଭଲ ଥିଲା କିନ୍ତୁ ମୋର ଏହି ଭିଜିଟ୍‌ରେ ସବୁଠାରୁ ଉତମ କ୍ଷଣ ଇମାମ୍ ଯମାତ୍ ଅହେମଦୀୟାଙ୍କ ସହିତ ସାକ୍ଷାତ୍‌କାର୍ ଥିଲା । ଖଲିଫତୁଲ୍ ମସିହ୍ ଜଣେ ମହାନ୍ ମାର୍ଗଦର୍ଶକ ଓ ବହୁତ ସ୍ନେହି ବ୍ୟକ୍ତି ବିଶେଷ ଅଟନ୍ତି ।

ଆୟରଲାଣ୍ଡର ଆଉ ଜଣେ ଅତିଥି Trevor O Lolchartaigh ସାହେବ ଯିଏ ଜଣେ ସିନେଟର୍ ମଧ୍ୟ । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ମୁଁ ସାରା ଦୁନିଆରୁ ଆସିଥିବା ଅହେମଦୀମାନଙ୍କ ସହିତ ସମୟ ବିତାଇଥିବାରୁ ନିଜକୁ ସୌଭାଗ୍ୟଶାଳୀ ମନେକରୁଛି । ଯେଉଁ ଜିନିଷଟି ମୋତେ ବହୁତ ପ୍ରଭାବିତ କଲା ତାହା ହେଉଛି ଆପଣମାନଙ୍କର ଆତିଥ୍ୟତାର ଚରିତ୍ର । ଜମାତ୍ ଅହେମଦୀୟାର ଏକଥା ମୋତେ ମଧ୍ୟ ବହୁତ ଭଲ ଲାଗିଲା ଯେ ସେ ପ୍ରତ୍ୟେକ ପ୍ରକାରର ପ୍ରଶ୍ନ ଶୁଣିବା ପାଇଁ ପ୍ରସ୍ତୁତ ରହିଛି । ଏବଂ ସମସ୍ୟାଠାରୁ ଦୂରେଇ ରହୁନାହିଁ ବରଂ ପ୍ରତ୍ୟେକ ପ୍ରକାର ସମସ୍ୟାର ସମାଧାନର ରାସ୍ତା ମଧ୍ୟ ବତାଉଛି । ସାରା ଦୁନିଆରୁ ଏଠାକୁ ଆସିଥିବା ବିଭିନ୍ନ ଧର୍ମ ଓ ଜାତିର ଲୋକମାନଙ୍କ ସହିତ ସାକ୍ଷାତ୍‌କାର୍ ମଧ୍ୟ ବହୁତ ଭଲ ଲାଗିଲା । ବିଭିନ୍ନ ଜାତି ଓ ଧର୍ମର ଲୋକମାନଙ୍କୁ ଗୋଟିଏ ଯାଗାରେ ଏକାଠି କରିବା ଏକଥାର ପ୍ରମାଣ ଯେ ଯମାତ୍ ଅହେମଦୀୟା ଏକତା ଓ ଜଣେ ଅନ୍ୟଜଣଙ୍କୁ ବୁଝିବା ପାଇଁ ପ୍ରତ୍ୟେକ ସମୟ ପ୍ରସ୍ତୁତ ଅଛି । ପୁଣି ଜଲ୍‌ସାସାଲାନାର ବ୍ୟବସ୍ଥା ଗୁଡିକ ଏବଂ ତାର ବ୍ୟାପକତା ମଧ୍ୟ ଆଶ୍ଚର୍ଯ୍ୟଜନକ ଥିଲା । ଏହି ଜଲ୍‌ସାକୁ ସଫଳ କରିବା ପାଇଁ ଆପଣମାନେ ଯେଉଁ ଚେଷ୍ଟା କରିଛନ୍ତି ତାହା ପ୍ରକୃତରେ ଆପଣଙ୍କର ଧର୍ମ ଏବଂ ଆପଣଙ୍କର ବିଶାଳ ହୃଦୟକୁ ସ୍ପଷ୍ଟ କରୁଛି ।

ହଜୁର୍ ଅନୁୱର୍‌ଙ୍କ ସାକ୍ଷାତ୍ କରିବା ପରେ ସେ କହିଲେ ଯେ ଇମାମ୍ ଯମାତ୍ ଅହେମଦୀୟା ମିର୍ଜା ମସରୁର୍ ଅହେମଦ୍ ସାହେବ୍‌ଙ୍କ ସହିତ ସାକ୍ଷାତ୍ କରିବା ଆମପାଇଁ ଗର୍ବର ବିଷୟ ଥିଲା । ଆପଣ ଜଣେ ବିଶେଷ ବ୍ୟକ୍ତିତ୍ୱ ଅଟନ୍ତି । ଯାହାଙ୍କ ବ୍ୟକ୍ତିତ୍ୱର ପ୍ରଭାବ ଲକ୍ଷ ଲକ୍ଷ ଲୋକଙ୍କ ଉପରେ ପଡୁଛି ।

ଆୟାରଲାଣ୍ଡରୁ ଆସିଥିବା ୱଫଦ୍‌ଙ୍କ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଏହି ସାକ୍ଷାତ୍‌କାର ୮:୩୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ୱଫଦ୍‌ର ପ୍ରତ୍ୟେକ ସଦସ୍ୟ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

**ହଲାଣ୍ଡର ୱଫଦ୍ ସହିତ ସାକ୍ଷାତ୍‌କାର**

ଆୟାରଲାଣ୍ଡର ୱଫଦ୍‌ଙ୍କ ପରେ ହଲାଣ୍ଡରୁ ଆସିଥିବା ଅତିଥିମାନେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ହଲାଣ୍ଡରୁ ୩ଜଣ ଅତିଥି ଆସିଥିଲେ । ସେମାନଙ୍କ ମଧ୍ୟରୁ ହଲାଣ୍ଡର ପୂର୍ବତନ M.P Mr. Harry Van Bommel ମଧ୍ୟ ସାମିଲ୍ ଥିଲେ, ଯିଏ ୨୦୧୫ ମସିହାରେ ଯେତେବେଳେ ହଜୁର୍ ଅନୁୱର୍ ଅ:ବ:ଅ ହଲାଣ୍ଡ୍ ଯାଇଥିଲେ ଏବଂ ୬ ଅକ୍ଟୋବରକୁ ହଜୁର୍ ଅନୁୱର୍ ଅ:ବ:ଅ ହଲାଣ୍ଡର ନ୍ୟାସନାଲ୍ ପାର୍ଲିଆମେଂଟ୍‌ରେ ନିଜର ଅଭିଭାଷଣ ଉପସ୍ଥାପନ କରିଥିଲେ ସେତେବେଳେ Mr. Harry Van Bommel ଏହି ଉତ୍ସବର ଆୟୋଜନ କରିଥିଲେ ସେ ସେତେବେଳେ ଫରେନ୍ ଆଫାୟାର୍‌ସ୍ କମିଟିର ଜଣେ କାଏମ୍ ମକାମ୍ (କାର୍ଯ୍ୟନିର୍ବାହୀ ପ୍ରତିନିଧି) ଚେୟାରମ୍ୟାନ୍ ଥିଲେ ।

ହଜୁର୍ ଅନୁୱର୍ ଅ:ବ:ଅ ଅତିଥି ମାନଙ୍କର ପରିଚୟ ହାସଲ କରିବା ପରେ କହିଲେ ଜଲସା ସମୟରେ ବର୍ଷା ହେଉଥିଲା ଏବଂ ଠିକ୍ ମୌସମ୍ ନଥିଲା କିନ୍ତୁ ଆମେ ଯଥା ସମ୍ଭବ ଚେଷ୍ଟା କଲୁ ଯେ ଅତିଥିମାନଙ୍କୁ କମ୍‌ରୁ କମ୍ କଷ୍ଟ ହେଉ । ଏଠିକାର ପ୍ରତ୍ୟେକ ବ୍ୟବସ୍ଥା ଅସ୍ଥାୟୀ ହୋଇଥାଏ ଏବଂ ଅସ୍ଥାୟୀ ବ୍ୟବସ୍ଥା ଅନ୍ତର୍ଗତ ଏହି ଗୋଟିଏ ସହର ସ୍ଥାପନ କରାଯାଇଛି ।

ଏଥିରେ Mr. Harry Van Bommel ସାହେବ୍ କହିଲେ-ସବୁ ବ୍ୟବସ୍ଥା ବହୁତ ଭଲ ଥିଲା ଏବଂ ଆମର ସମସ୍ତ ପ୍ରକାରର ଧ୍ୟାନ ରଖାଗଲା ଓ ଆମକୁ ସମ୍ମାନିତ ମଧ୍ୟ କରାଯାଉଅଛି । ଏହି ୱଫଦ୍‌ରେ ଦୁଇଜଣ ଯୁବକ ମଧ୍ୟ ସାମିଲ୍ ଥିଲେ । ସେ ଦୁଇଜଣଯାକ କହିଲେ ଏବେ ଆମେ ଭାବୁଛୁ ଯେ ଆମେ ବୟତ୍ ପାଇଁ ପ୍ରସ୍ତୁତ ଅଛୁ ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ବୟତ୍ କରିବା ତ ହୃଦୟର ନିଷ୍ପତି ଅଟେ । ଯେତେବେଳେ ମନ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହୋଇଯିବ ତେବେ ପୁଣି ବୟତ କରିନେବେ ।

ପୂର୍ବତନ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Mr. Harry Van Bommel ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ମୁଁ ଏ ଜଲସାରେ ସାମିଲ୍ ହୋଇ ଏପରି ଗୋଟିଏ ଦୁନିଆ ଦେଖିଛି ଯେଉଁଠି 'ମହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ' ର ସ୍ଲୋଗାନ୍ କାର୍ଯ୍ୟରେ ପରିପ୍ରକାଶ ହୋଇଥିଲା । ଏ ଯମାତ୍ ଚ୍ୟାରିଟି ଓ ମାନବିକ ଅଧିକାର ପାଇଁ ସାରା ଦୁନିଆରେ ଚେଷ୍ଟା କରି ଚାଲିଛି । ପୂର୍ବେ ହଲାଣ୍ଡର ପାର୍ଲିଆମାନି କମିଟି ହଜୁର୍ ଅନୁୱର୍ ଅ:ବ:ଅ ଙ୍କୁ ଆତିଥ୍ୟତା ପ୍ରଦାନ କରିଥିଲା । ଭବିଷ୍ୟତରେ ମଧ୍ୟ ଆମେ ପାକିସ୍ତାନ୍, ଆଫ୍ରିକା ଓ ଦୁନିଆର ଅନ୍ୟ ଦେଶଗୁଡିକରେ ବାକ୍ ସ୍ୱାଧିନତା, ଲୋକମାନଙ୍କର ଅଧିକାର ଓ ଗଣତନ୍ତ୍ର ପାଇଁ ଚେଷ୍ଟା କରୁଥିବା ଯମାତ୍ ଅହେମଦୀୟା ସହିତ ମିଳିମିଶି କାମ କରିବୁ ।

ସେ ହଦିକତୁଲ୍ ମେହଦୀରେ ପ୍ରବେଶ କରିବା ସମୟରେ ସ୍ୱେଚ୍ଛାସେବୀ ଖୁଦାମ୍‌ମାନେ ମୁଷଳାଧାର ବର୍ଷା ସମୟରେ କାମ କରୁଥିବାର ଦେଖି କହିଲେ ଯେ ମୁଁ ୧୬ବର୍ଷ ବୟସରୁ ରାଜନିତୀରେ ଅଛି ଏବଂ ଏହି ପୋଜିସନ୍ ପର୍ଯ୍ୟନ୍ତ ପହଂଚିବା ପାଇଁ ମୁଁ ବିଭିନ୍ନ ମିଟିଂଗ୍ ଓ କନ୍‌ଫରେନ୍‌ସ ମଧ୍ୟ କରୁଛି । ବିଭିନ୍ନ କନ୍‌ଫରେନ୍‌ସରେ ସାମିଲ୍ ମଧ୍ୟ ହେଉଛି । କିନ୍ତୁ ଯମାତ୍ ଅହେମଦୀୟାର ଏହି ମାହୋଲ୍‌କୁ ଦେଖି ମୋତେ ବହୁତ କିଛି ଶିଖିବା ପାଇଁ ମୌକା ମିଳିଲା । ମୁଁ ଯମାତ ଅହେମଦୀୟାର ସ୍ୱେଚ୍ଛାକୃତ ସେବା ବିଷୟରେ ବହୁତ ଶୁଣିଥିଲି । କିନ୍ତୁ ନିଜେ ପ୍ରଥମଥର ଏପରି ହେବାର ଦେଖୁଅଛି । ରାସ୍ତାରେ କିଛି ଗାଡ଼ି କାଦୁଅରେ ପସି ଯାଇଥିଲା । ସ୍ୱେଚ୍ଛାସେବୀ ଖୁଦାମ୍ ମାନେ ସେଗୁଡିକୁ ଧକ୍କାଦେଇ କାଦୁଅରୁ ବାହାର କରୁଥିଲେ । ଯେତେବେଳେ ତାଙ୍କ ଗାଡ଼ି କାଦୁଅରେ ପସିଗଲା ସେ କହିଲେ ଯେ ମୋର ଏହି ବିଶ୍ୱାସ ଅଛି ମୋ ଗାଡ଼ି ପସି ଯାଇଥିବା ଯୋଗୁ ମୋର ସୁଟ୍ ବୁଟ୍ ବା କପଡ଼ା ଖରାପ କରିବାକୁ ହେବନାହିଁ ବରଂ ଖୁଦାମ୍ ସାହାଯ୍ୟ କରିବେ ଏବଂ ଏପରି ହେଲା ଯେ ପାଂଚ ଛଅ ଜଣ ଖୁଦାମ୍ ଆମ ଗାଡ଼ି ଆଡ଼କୁ ଧାଇଁ ଆସିଲେ । ୧୦ ମିନିଟ୍ ଚେଷ୍ଟା ପରେ ଗାଡ଼ିକୁ କାଦୁଅରୁ ବାହାର କରିଦେଲେ । ସେ ସମୟରେ ସେମାନଙ୍କ ଚେହେରାରେ ମଧ୍ୟ ଗାଡ଼ିର ଚକ ଘୁରିବା ଯୋଗୁ କାଦୁଅ ଛିଟା ପଡ଼ିଥିଲା । ଏସବୁ ଦେଖି ସେ କହିଲେ ଆପଣଙ୍କ ଯମାତ୍‌ର ଲୋକମାନେ କେବଳ ଆତିଥ୍ୟତାରେ ସମସ୍ତଙ୍କଠାରୁ ଆଗରେ ନାହାଁନ୍ତି ବରଂ ନିଜ ଅତିଥି ମାନଙ୍କର ସବୁ ପ୍ରକାର ଧ୍ୟାନ ରଖିଥାନ୍ତି । ଏବଂ ଏକଥା ଦୁନିଆର ଅନ୍ୟ କୌଣସି ତନଜିମ୍‌ରେ ଦେଖିବାକୁ ମିଳେନାହିଁ ।

ହଲାଣ୍ଡରୁ ଆସିଥିବା ଆଉ ଜଣେ ଅତିଥି Mr. Arnaud Van Doorn

ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଜଲ୍‌ସା ସାଲାନର ପରିବେଶ ବହୁତ ବନ୍ଧୁତ୍ୱପୂର୍ଣ୍ଣ ଥିଲା । ଏହି ମହାନ୍ ଉତ୍ସବରୁ ମୁଁ ବହୁତ କିଛି ଶିଖିଲି । ଏହି ମୌକାରେ ମୁଁ ଲୋକମାନଙ୍କ ସହିତ ସ୍ମୃତିପୂର୍ଣ୍ଣ ସାକ୍ଷାତ୍‌କାର କଲି । ପରିବେଶରେ ଏକ ସକାରାତ୍ମକ ବାର୍ତାର ବାସ୍ନା ଥିଲା । ଯୁବକମାନଙ୍କର ଏଥିରେ ଭରପୁର ଯୋଗଦାନ ଏବଂ ନିଃସ୍ୱାର୍ଥପର ସେବା କରିବା ବିଶେଷ ରୂପେ ମୋତେ ପ୍ରଭାବିତ କରିଛି । ଯୁବକମାନଙ୍କୁ କାମ କରିବାର ଦେଖିଲା ପରେ ମୋ ଭିତରେ ଏକ ନୂଆ ଆଶାର ସଂଚାର ହେଲା । ମୁଁ ଅନେକ ମୁସ୍‌ଲିମ୍ ଏବଂ ଅଣମୁସ୍‌ଲିମ୍ ଉତ୍ସବରେ ଯୋଗଦେଇଛି କିନ୍ତୁ ଯୁବକ ମାନଙ୍କର ଏପରି ଭରପୁର ଯୋଗଦାନ ଏବଂ ସହଯୋଗ କରିବା ହେଉଛି ମୋର ପ୍ରଥମ ଅନୁଭବ ।

ହଲାଣ୍ଡରୁ ଆସିଥିବା ୱ୍ଫଦ୍‌ର ଏହି ସାକ୍ଷାତ୍ ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ସାକ୍ଷାତ୍‌କାର୍‌ର ଶେଷରେ ୱ୍ଫଦ୍‌ର ପ୍ରତ୍ୟେକ ସଦସ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ସିରିଆଲିଓନ୍‌ର ୱ୍ଫଦ୍‌ଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ସିରିଆଲିଓନ୍‌ରୁ ଆସିଥିବା ଜଣେ ମହିଳା ଅତିଥି Haja Hawa Bangura ସାହିବା ଜହୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ସେ ସିରିଆଲିଓନ୍‌ର ଆସନ୍ତା ରାଷ୍ଟ୍ରପତି ନିର୍ବାଚନରେ ରାଷ୍ଟ୍ରପତି ପ୍ରାର୍ଥିନୀ ହେବାପାଇଁ ଆଶା କରିଛନ୍ତି । ଏବଂ ଏହା ପୂର୍ବରୁ ସରକାରରେ ମନ୍ତ୍ରୀ ପଦବୀରେ ରହିସାରିଛନ୍ତି । ତତ୍ ସହିତ ସିରିଆଲିଓନ୍ ତରଫରୁ ଜାତିସଂଘ ପାଇଁ ପ୍ରତିନିଧିତ୍ୱ କରିଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ତାଙ୍କୁ ଜଲ୍‌ସା ସାଲାନାର ବ୍ୟବସ୍ଥା ବିଷୟରେ ପଚାରି ବୁଝିଲେ ଯେ ଆପଣଙ୍କୁ କୌଣସି ପ୍ରକାର କଷ୍ଟ ତ ହୋଇନାହିଁ ?

ଏଥିରେ ସେ କହିଲେ-ମୋର ସବୁ କ୍ଷେତ୍ରରୁ ଧ୍ୟାନ ରଖାଯାଇଛି । ଏବଂ ମୋତେ ବହୁତ ସମ୍ମାନ ମଧ୍ୟ ଦିଆଯାଇଛି । ସେଥିଯୋଗୁ ମୁଁ ଆପଣମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ଜଲ୍‌ସାର ବ୍ୟବସ୍ଥା ଗୁଡିକ ବହୁତ ସୁସଂଗଠିତ ଥିଲା । ପ୍ରତ୍ୟେକ କାର୍ଯ୍ୟ ଉତମ ଶୈଳୀରେ କରାଯାଇଥିଲା । ମୁଁ ଦେଖିଲି ଛୋଟ ଓ ବଡ଼ ସମସ୍ତେ ସେବା କରୁଥିଲେ । ଏପରି ନିଜାମ୍ ମୁଁ ମୋ ଜୀବନରେ ଆଉ କେଉଁଠାରେ ଦେଖିନାହିଁ ।

**ଅତିଥିମାନଙ୍କ ସମ୍ମାନରେ ରାତ୍ରିଭୋଜ**

ଆଜି ପ୍ରୋଗ୍ରାମ୍ ମୁତାବକ ସଂରକ୍ଷଣ ବିଭାଗ-୧ ରେ ଓକାଲତେ ତବଶିର୍ ଅନ୍ତର୍ଗତ ବିଭିନ୍ନ ଦେଶରୁ ଆସିଥିବା ଅତିଥିମାନଙ୍କ ସମ୍ମାନରେ ରାତ୍ରି ଭୋଜନର ବ୍ୟବସ୍ଥା କରାଯାଇଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଏହି ପ୍ରୋଗ୍ରାମ୍‌ରେ ଯୋଗ ଦେବା ପାଇଁ ପହଁଚିଲେ ।

ଏହି ଉତ୍ସବରେ ସାମିଲ୍ ହୋଇଥିବା ଅତିଥିମାନଙ୍କ ଭିତରେ ବିଭିନ୍ନ ଦେଶର ମନ୍ତ୍ରୀ / ପାର୍ଲିଆମେଂଟ୍‌ର ମେମ୍ବର୍‌ଗଣ, ବିଭିନ୍ନ ଦେଶର ଆମ୍ବାସିର ପ୍ରତିନିଧିଗଣ, ପାରାମାଉଂଟ୍ ଚିଫ୍‌ସ, ଜଜେସ୍, ବଲିଷ୍ଠ ଓକିଲମାନେ, ବିଭିନ୍ନ ଦେଶର ଜାତୀୟ ମିଡ଼ିଆ ଓ ପ୍ରେସ୍‌ର ପ୍ରତିନିଧିଗଣ, ସାମ୍ବାଦିକ, ଭିନ୍ନ ଭିନ୍ନ ତନ୍‌ଜିମ୍(ଗୋଷ୍ଠୀମାନେ), ସୋସାଇଟି ଓ କାର୍ଯ୍ୟାଳୟ ଗୁଡିକର କାର୍ଯ୍ୟାଧ୍ୟକ୍ଷ, ବିଭିନ୍ନ ଧର୍ମର ନେତୃସ୍ଥାନୀୟ ବ୍ୟକ୍ତିବିଶେଷ, ୟୁନିଭରସିଟି ଓ କଲେଜ୍‌ର ପ୍ରିନ୍‌ସିପାଲ୍, ଭାଇସ୍ ଚ୍ୟାନ୍‌ସେଲର୍, ପ୍ରଫେସର୍ ଏବଂ ବିଭିନ୍ନ ବିଭାଗ ସହିତ ସମ୍ପର୍କ ରଖିଥିବା ଅତିଥିଗଣ ସାମିଲ୍ ହୋଇଥିଲେ ।

ପାଖାପାଖି ୯:୨୫ ପର୍ଯ୍ୟନ୍ତ ଏହି ଉତ୍ସବର ପରିସମାପ୍ତିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜଲ୍‌ସାଗାଃ ର ପୁରୁଷ ହଲ୍‌ରେ ପ୍ରବେଶ କରି ନମାଜ ମଗ୍‌ରିବ୍ ଓ ଇଶା ଜମାକରି ପଢ଼ାଇଲେ । ନମାଜ ପାଠ କରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଆବାସ ସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**୩୦ ଜୁଲାଇ ୨୦୧୭ (ରବିବାର)**

ଆଜି ଜଲ୍‌ସାର ତୃତୀୟ ଏବଂ ଶେଷ ଦିବସ ଥିଲା । ସକାଳର ଇଜ୍‌ଲାସ୍ ପରେ ଦିନ ୧ଟାରେ ବୟତ୍‌ର ପ୍ରୋଗ୍ରାମ୍ ଥିଲା । ବିଭିନ୍ନ ଦେଶରୁ ଆସିଥିବା ଅଣ ଯମାତ୍ ଏବଂ ଅଣ ମୁସ୍‌ଲିମ୍ ଅତିଥିମାନେ ଯେଉଁଠି ଆଲମୀ ବୟତ୍ (ଆନ୍ତର୍ଜାତୀୟ ବୟତ)ର ଦୃଶ୍ୟକୁ ଦେଖୁଛନ୍ତି ସେଠାରେ କିଛି ବୟତ ଉତ୍ସବରେ ମଧ୍ୟ ସାମିଲ୍ ହେଉଛନ୍ତି । ଏବଂ ସେମାନଙ୍କ ମଧ୍ୟରୁ କିଛି ଲୋକ ବୟତ କରି ଅହେମଦୀୟତ୍‌ରେ ଦାଖଲ ମଧ୍ୟ ହେଉଛନ୍ତି ।

**ଆଲମି ବୟତ୍**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଠିକ୍ ୧:୧୦ ରେ ପୁରୁଷଙ୍କ ଜଲ୍‌ସାଗାଃରେ ପଦାର୍ପଣ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ଙ୍କ କୋଟ୍ ପିନ୍ଧିଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଆଗମନ ପୂର୍ବରୁ ଷ୍ଟେଜ୍ ସମ୍ମୁଖରେ ଥିବା ଗ୍ରୀନ୍ ଏରିଆରେ ବିଭିନ୍ନ ଦେଶରୁ ଆସିଥିବା ଯମାତ୍‌ର ପ୍ରତିନିଧିମାନେ, ମର୍କଜ୍ କାଦିଆନ, ମର୍କଜ୍ ରବ୍‌ଓ୍ୱାରୁ ଆସିଥିବା ୱ୍ଫଦ୍ ଏବଂ ବିଭିନ୍ନ କୌମ୍ ସହିତ ସମ୍ପର୍କ ରଖିଥବା ନୌମୁବାଇନ୍ କ୍ରମାନୁସାରେ ଧାଡ଼ିଧାଡ଼ି ହୋଇ ବସିଥିଲେ ।

ବୟତ ନେବା ପୂର୍ବରୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏହି ବର୍ଷ ଭିତରେ ହୋଇଥିବା ବୟତ୍ ଗୁଡିକର ଘୋଷଣା କଲେ ଯେ 'ଏବର୍ଷ ଅଲ୍ଲାଃଙ୍କ କୃପାଦ୍ୱାରା ୧୨୪ ଦେଶରୁ ୨୫୭ କୌମ୍ ସହିତ ସମ୍ପର୍କ ରଖିଥିବା ଛଅଲକ୍ଷ ନଅହଜାର୍ ପାଂଚଶହ ଛପନ ଜଣ ଲୋକ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ଙ୍କ ସତ୍ୟତାକୁ ଗ୍ରହଣ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ବୟତ ସମୟରେ ନିମ୍ନରେ ଦର୍ଶାଯାଇଥିବା ସଦସ୍ୟମାନେ ହଜୁର୍ ଅନୁଓ୍ୱର୍‌ଙ୍କ ପବିତ୍ର ହସ୍ତ ଉପରେ ହାତ ରଖିବାର ସୌଭାଗ୍ୟ ପ୍ରାପ୍ତ କଲେ ।

(୧)ମୋକରମ୍ ଫଜ୍‌ଲୁର୍ ରହ୍‌ମାନ୍ ସାହେବ୍ ନାଜିର୍ ଉମୁରେ ଆମା ଭାରତ (ମର୍କଜ କାଦିଆନ୍‌ର ପ୍ରତିନିଧି), (୨)ମୋକରମ୍ ସାଲିକ୍ ଅହେମଦ୍ ସାହେବ୍, ସଦର ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ପାକିସ୍ତାନ୍ (ମର୍କଜ୍ ରବ୍‌ଓ୍ୱାର ପ୍ରତିନିଧି), (୩)ମୋକରମ୍ ଅବ୍‌ଦୁଲ୍ ରହିମ୍ ଜଲାଲ୍ ସାହେବ୍, ଆଫ୍ରିକାନ୍ ଆମେରିକାନ୍ (ଆମେରିକା ମହାଦେଶର ପ୍ରତିନିଧି), (୪)ମୁକରମ୍ ମହମ୍ମଦ୍ ଅଲୀ କାଏରେ ସାହେବ୍, ଅମୀର ଯମାତ୍ ୟୁଗାଣ୍ଡା (ଆଫ୍ରିକା ମହାଦେଶର ପ୍ରତିନିଧି), (୫)ମୋକରମ୍ ଇବ୍ରାହିମ୍ ଇଖ୍‌ଲଫ୍ ସାହେବ୍, ସେକ୍ରେଟାରୀ ତବ୍‌ଲିଗ୍ ୟୁ.କେ (ୟୁରୋପ ଓ ଆରବ ଦେଶ ଗୁଡିକର ପ୍ରତିନିଧି), (୬)(ମାଉରି ଅହେମଦୀ)ମୋକରମ୍ ମାଥ୍ୟୁ ଅବୁବକର୍ ସାହେବ୍ (ଅଷ୍ଟ୍ରେଲିଆ ମହାଦେଶ ଓ ଜଜାଏର୍ ଦେଶଗୁଡିକର ପ୍ରତିନିଧି) ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ବୟତ୍‌ର ଶବ୍ଦଗୁଡିକ ପଢୁଥିଲେ ଏବଂ ଏଠିକାର ଜଲ୍‌ସାରେ ଉପସ୍ଥିତ ସମସ୍ତ ଲୋକେ ଓ ସାରା ଦୁନିଆର ଅହେମଦୀମାନେ ଏମ୍.ଟି.ଏ ଇଂଟର୍‌ନ୍ୟାସ୍‌ନାଲ୍ ଜରିଆରେ ଲାଇଭ୍ ଏହି ବାବର୍‌କତ୍ ଉତ୍ସବରେ ନିଜ ନିଜର ମସ୍‌ଜିଦ୍, ସେଂଟର୍ ଏବଂ ଘରେ ବସି ହଜୁର୍ ଅନୁଓ୍ୱର୍‌ଙ୍କ ଦ୍ୱାରା କୁହାଯାଇଥିବା ଶବ୍ଦଗୁଡିକୁ ଦୋହରାଉଥିଲେ । ପ୍ରଥମେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଆରବୀ ବାକ୍ୟ ପଢ଼ିଲେ । ପରେ ଇଂରାଜୀରେ ଅହ୍‌ଦେ ବୟତ୍ (ବୟତ୍ କରିବାର ଶପଥ) କୁ ଦୋହରାଇଲେ ଓ ବିଭିନ୍ନ ଭାଷାରେ ଅନୁବାଦକାରୀ ସଙ୍ଗେସଙ୍ଗେ ଅନୁବାଦ କରୁଥିଲେ । ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କେବଳ ଉର୍ଦ୍ଦୁ ଶବ୍ଦଗୁଡିକ ଦ୍ୱାରା ଅହ୍‌ଦେ ବୟତ୍‌କୁ ଦୋହରାଇ ବୟତ ନେଲେ ।

ଆଲମି ବୟତ୍ ପରେ ସବୁ ଲୋକମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଅନୁଶରଣରେ ନିଜର ମୌଲା କରିମ୍‌ଙ୍କ ଦରବାରରେ ସଜ୍‌ଦାଏ ଶୁକର୍ (ଧନ୍ୟବାଦ ସ୍ୱରୂପ କରାଯାଉଥିବା ସଜ୍‌ଦା) ପ୍ରଦାନ କଲେ । ଏହିପରି ଏହି ଉତ୍ସବର ପରିସମାପ୍ତି ହେଲା ।

ଆଲମି ବୟତ୍ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଷ୍ଟେଜ୍ ଉପରେ ପହଂଚିଲେ । ଯେଉଁଠି ଆପଣ ନମାଜ୍ ଜୋହର୍ ଏବଂ ଅସର ଜମାକରି ପଢ଼ାଇଲେ ଏବଂ ନମାଜ ପଢ଼ାଇବା ପରେ ଆପଣ ନିଜର ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**ଆଲମି ବୟତ୍ ସମ୍ବନ୍ଧରେ ଅତିଥିମାନଙ୍କର ମନୋଭାବ**

ଏହି ଉତ୍ସବରେ ପ୍ରତ୍ୟକ୍ଷ ରୂପେ ସାମିଲ୍ ହୋଇଥିବା ଲୋକଙ୍କ ବ୍ୟତୀତ ଅଣ ଯମାତ୍ ଅତିଥିମାନଙ୍କର ଗୋଟିଏ ବହୁତ ବଡ଼ ସଂଖ୍ୟା ଏହାକୁ ଦେଖିଲା ଏବଂ ଏ ବିଷୟରେ ନିଜର ଭାବନାକୁ ପରିପ୍ରକାଶ କଲେ । ଏହିପରି କିଛି ନୌମୋବାଇନ୍‌ମାନେ ମଧ୍ୟ ନିଜର ଭାବନାକୁ ବ୍ୟକ୍ତ କଲେ । ସେମାନଙ୍କ ମଧ୍ୟରୁ କିଛି ତାସୁରାତ୍(ଭାବନାବ୍ୟକ୍ତ) ନିମ୍ନରେ ଦିଆଯାଉଛି ।

ମେକ୍‌ସିକୋରୁ ଆସିଥିବା ଜଣେ ନୌମୁବାଏ ମହିଳା Rosalina Lara Flota ସାହିବା କହୁଛନ୍ତି ଆଲମି ବୟତ ସମୟରେ ଏପରି ଅନୁଭବ ହେଉଥିଲା, ପ୍ରତ୍ୟେକ ଶବ୍ଦକୁ ଦୋହରାଇବା ସମୟରେ ଖୁଦାତାଲାଙ୍କ ନିକଟରେ ଦ୍ୱିତୀୟଥର ବୟତ୍ ଉପରେ ଅମଲ କରିବା ପାଇଁ ଶପଥ ନେଲି । ଏବଂ ବୟତ ମାଧ୍ୟମରେ ମୋ ଇମାନ୍‌କୁ ବହୁତ ଶକ୍ତି ମିଳିଲା । ମୁଁ ଯମାତ୍ ଅହେମଦୀୟାର ଅଂଶ ହୋଇଥିବାରୁ ଗର୍ବ ଅନୁଭବ କରୁଛି । ଏବଂ ଏହି ଯମାତ ସାରା ଦୁନିଆର ଉନ୍ନତି ନିମନ୍ତେ ଶିକ୍ଷା ପେଶ୍ କରୁଛି । ଏବଂ ବିଭିନ୍ନ ଉପାୟରେ ମାନବଜାତିର ସାହାଯ୍ୟ କରୁଛି । ମୋତେ ଜଲ୍‌ସା ସାଲାନା ସମୟରେ ଇସ୍‌ଲାମ୍ ଏବଂ ଯମାତ୍ ବିଷୟରେ ଜାଣିବା ପାଇଁ ବହୁତ କିଛି ମିଳିଲା ।

ତୁର୍କ୍‌ମେନିସ୍ତାନ୍ ର ଜଣେ ବନ୍ଧୁ ଅବ୍‌ଦୁର୍ ରଶିଦ୍ ସାହେବ୍ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ବୟତ ପ୍ରସଙ୍ଗରେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଯେଉଁସମୟରେ ମୁଁ ବୟତ କରୁଥିଲି ମୋ ଆଖିରୁ ଅଶ୍ରୁ ବୋହୁଥିଲା ଓ ଏହା ହେଉଛି ଏପରି ଅଶ୍ରୁ ଯାହା ମୋ ବାପାଙ୍କ ମୃତ୍ୟୁରେ ମଧ୍ୟ ବାହାରି ନଥିଲା । ଏ ଅଶ୍ରୁ ବହିବା ଏପରି ଲାଗୁଥିଲା ଯାହାକି ଏହା ବିନା କାରଣରେ ବହିଚାଲିଛି କିନ୍ତୁ ପରେ ମୁଁ ବୁଝିପାରିଲି ଯେ ଏ ପୃଥିବୀରେ ଏବେ ଗୋଟିଏ ଏପରି ଆଶା ସଂଚାର ହୋଇଯାଇଛି ଏବଂ ଲକ୍ଷ ଲକ୍ଷ ଲୋକଙ୍କର ଗୋଟିଏ ଏପରି ଯମାତ୍ ସୃଷ୍ଟି ହୋଇସାରିଛି ଯେଉଁମାନେ ନିଜେ ଅନୁପମ ଓ ଅଦିତୀୟ ଅଟନ୍ତି । ଏବଂ ଏ ଯମାତ୍ ନିଜର କାର୍ଯ୍ୟ ଦ୍ୱାରା ପ୍ରତ୍ୟେକ କଠିନତା ଓ ବିପଦକୁ ଦୁନିଆରୁ ଦୂର କରିବା ପାଇଁ ଓ ପବିତ୍ର କରିବା ନିମନ୍ତେ ସବୁପ୍ରକାର ବଳିଦାନ ଦେବାପାଇଁ ପ୍ରସ୍ତୁତ ।

ଏହିପରି କ୍ରୋରୋସିଏନ୍ ପାର୍ଲିଆମେଂଟ୍‌ର ଆସେମ୍ବ୍ଲି ମେମ୍ବର୍ Mr. Hajdukovic Domangoj ମଧ୍ୟ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ଆଲମି ବୟତ ପ୍ରସଙ୍ଗରେ କହିଲେ । ଆଲମି ବୟତର ଉତ୍ସବ ମୋ ଉପରେ ବହୁତ ପ୍ରଭାବ ପକାଇଲା । ମୁଁ ଇସାଇ ଧର୍ମର Faith Re-confirmation ଉତ୍ସବରେ ଅନେକ ଥର ସାମିଲ୍ ହୋଇଛି । କିନ୍ତୁ ଯେଉଁପ୍ରକାର ଭାବନା, ନିଷ୍ଠା ଓ ଧର୍ମ ସହିତ ପ୍ରେମ କରିବାର ଶପଥ ଯମାତ୍ ଅହେମଦୀୟାର ଆଲମି ବୟତ୍‌ରେ ଦେଖିବାକୁ ପାଇଲି ତାହା ଆଶ୍ଚର୍ଯ୍ୟଜନକ ଅନୁଭବ ଥିଲା, ଯାହାକୁ ମୁଁ ସାରାଜୀବନ ମନେରଖିବି ।

ଡାକ୍ତର ହାନି ରଶ୍‌ଓ୍ୱାନ୍ ଙ୍କ ସମ୍ପର୍କ ମିଶର୍ ଦେଶ ସହିତ ଅଛି । ଏବଂ ସେ ଆରବୀ ଓ ପୁରାତନ ମିଶରୀୟ ଭାଷାରେ ପାରଙ୍ଗମ ଅଟନ୍ତି, ସେ ମଧ୍ୟ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ଆଲମି ବୟତ ହେବା ସମୟରେ ଜଲ୍‌ସାଗାଃ ରେ ପ୍ରବେଶ କଲେ । ଲୋକମାନଙ୍କର ଧାଡ଼ି ଯାହା ଜଲ୍‌ସାଗାଃ ର ବାହାରେ ବହୁଦୂର ପର୍ଯ୍ୟନ୍ତ ଲମ୍ବି ଯାଇଥିଲା ତାକୁ ଦେଖି ସେ ଅତ୍ୟନ୍ତ ପ୍ରଭାବିତ ଏବଂ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ।

ସେ କହିଲେ ଯେ ଆମଦେଶ ମିଶର୍‌ରେ ଏପରି ଶୃଙ୍ଖଳିତ ବ୍ୟବସ୍ଥା କରିବା ଅସମ୍ଭବ । ସେ ଭାବନାରେ ଏତେ ବୁଡିଗଲେ ଯେ ବୟତ ସମୟରେ ଗୋଟିଏ ଧାଡ଼ିରେ ସାମିଲ୍ ହୋଇଗଲେ ଓ ହଜୁର୍‌ଙ୍କ ପଛରେ ଇସ୍‌ତେଗ୍‌ଫାର୍‌ର ଆରବୀ ବାକ୍ୟ ଗୁଡିକୁ ଦୋହରାଇବାକୁ ଲାଗିଲେ । ଏହିପରି ସେ ଜଲ୍‌ସାର ପରିବେଶ ଦ୍ୱାରା ବହୁତ ପ୍ରଭାବିତ ହେଲେ ।

ଜଲ୍‌ସାରେ ସାମିଲ୍ ହୋଇଥିବା ଜଣେ ସାମ୍ବାଦିକା ମହିଳା ଆଲମି ବୟତ ଅବସରରେ ବୟତ୍‌ର ଶବ୍ଦଗୁଡିକୁ ସଙ୍ଗେସଙ୍ଗେ

ଦୋହରାଇବାରେ ଲାଗିଗଲେ । ତାଙ୍କୁ ପରେ ପଚାରିବାରୁ ସେ କହିଲେ-

ମୁଁ ଜାଣିନାହିଁ ସେ ସମୟରେ ମୋ ସହିତ କଣ ହେଲା । ମୋ ଜୀବନରେ ଏପରି ଭାବନା ପୂର୍ବରୁ କେବେ ଅନୁଭବ ହୋଇନାହିଁ । ମୁଁ ଅଚାନକ ଶବ୍ଦଗୁଡିକୁ ଦୋହରାଇବା ଆରମ୍ଭ କରିଦେଲି । ପ୍ରଥମେ ମୁଁ ଭାବୁଥିଲି ଯେ ଏପରି ଉତ୍ସବରେ ମନୋଭାବିକୁ ଉଜାଗର କରିବା ପାଇଁ ମ୍ୟୁଜିକ୍ ହେବା ଆବଶ୍ୟକ । କିନ୍ତୁ ଏବେ ମୁଁ ଜାଣିପାରିଲି ଯେ ଆଲମି ବୟତ ସମୟରେ ଏ ମନୋଭାବ ଅହେମଦୀୟଙ୍କ ହୃଦୟରୁ ପ୍ରତ୍ୟକ୍ଷ ରୂପେ ପ୍ରକଟ ହେଉଥିଲା ଏବଂ କୌଣସି ପ୍ରକାରର ମ୍ୟୁଜିକ୍‌ର ଆବଶ୍ୟକ ନଥିଲା ।

Edward Goodall ସାହେବ୍ ଏଠାରେ ଗୋଟିଏ ମେଂଟାଲ୍ ହସ୍ପିଟାଲ୍‌ରେ ସାଇକିଆଟ୍ରିଷ୍ଟ୍ ଅଛନ୍ତି । ସେ ଆଲମି ବୟତ ଦ୍ୱାରା ବହୁତ ପ୍ରଭାବିତ ହୋଇଛନ୍ତି ଓ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଯେ ମୁଁ ପ୍ରଥମେ ୧୦ଶରାୟତ୍ ବୟତ୍ ଦୋହରାଇଲି ଏବଂ ତାପରେ ଭାବିଲି ଯେ ବୟତ୍ କରିବା ମୋ ଉପରେ ଧାର୍ଯ୍ୟ ହୋଇଯାଇଛି । ବୟତରେ ସାମିଲ୍ ହୋଇ ମୁଁ ସମ୍ପୂର୍ଣ୍ଣ ରୂପେ ଆଧାତ୍ମିକତା ଦୃଷ୍ଟିକୋଣରୁ ନିଜକୁ ଅନ୍ୟ ସହିତ ଯୋଡ଼ା ଯାଉଥିବାର ଅନୁଭବ କରୁଥିଲି । ସେ ଯାହା ହେଉ ଏହା ଆତ୍ମାକୁ ଛୁଇଁ ଦେଉଥିବା ଭଳି ଅନୁଭବ ଥିଲା ।

ଆଜି ମଧ୍ୟ ପ୍ରୋଗ୍ରାମ୍ ମୁତାବକ ଜଲସା ସାଲାନାର ସନ୍ଧ୍ୟାର ଉଦ୍‌ଘାପନୀ ଉତ୍ସବ ପରେ ୱଫଦ୍‌ମାନଙ୍କ ସହିତ ସାକ୍ଷାତ୍କାରର ପ୍ରୋଗ୍ରାମ୍ ଥିଲା । ୮ଟି ଦେଶର ୱଫଦ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍କାର କରିବାର ସୌଭାଗ୍ୟ ପାଇଲେ । ଏହି ସାକ୍ଷାତ୍କାର୍ ମଧ୍ୟ ହଦିକତୁଲ୍ ମେହ୍‌ଦୀଠାରେ ଅନୁଷ୍ଠିତ ହେଲା । ସାକ୍ଷାତ୍କାର ପୂର୍ବରୁ ବିଭିନ୍ନ ବିଭାଗର ସଦସ୍ୟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ଏହି ବିଭାଗ ଗୁଡିକ ହେଲା ହ୍ୟୁମାନିଟି ଫାଷ୍ଟ୍ ପାକିସ୍ତାନ, ଖୁଦାମୁଲ୍ ଅହେମଦୀୟାର ସଦରମାନେ, ଅନ୍‌ସାରୁଲ୍ଲାଃର ସଦର୍‌ମାନେ, ଅହେମଦୀୟା ଆର୍କିଟେକ୍ସ୍ ଆଣ୍ଡ ଇଞ୍ଜିନିୟରସ୍ ଆସୋସିଏସନ, ଅଲ୍ ଇସ୍‌ଲାମ୍ ୱେବ୍‌ସାଇଟ୍ ଟିମ୍ ଏବଂ ନରୱେ ର ସ୍କାନିଂ ଟିମ୍ ।

ଏହି ଫଟୋଉଠା କାର୍ଯ୍ୟକ୍ରମ ପରେ ଠିକ୍ ୭:୫୦ ରେ ୱଫଦ୍‌ଙ୍କ ସହିତ ସାକ୍ଷାତ୍କାରର ସିଲସିଲା ଆରମ୍ଭ ହେଲା ।

**ସ୍ୱିଡେନ୍ ୱଫଦ୍‌ଙ୍କ ସହିତ ସାକ୍ଷାତ୍କାର**

ସର୍ବପ୍ରଥମେ ସ୍ୱିଡେନ୍‌ରୁ ଆସିଥିବା ୱଫଦ୍ ହଜୁର ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ ।

ସ୍ୱିଡେନ୍‌ରୁ ଆସିଥିବା ୱଫଦ୍‌ରେ ସେଠିକାର ସିନିୟର୍ ପୋଲିସ୍ ଅଫିସର୍ Ulf Bostrom ସାହେବ୍, ଜଣେ ସ୍ୱିଡେଶ୍ ନୌମୁବାଏ Sten Muhammad Yussif Widhe ସାହେବ୍ ଏବଂ Rida Hani ସାହେବ୍ ସାମିଲ୍ ଥିଲେ ।

ମୁଲାକାତ୍ ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସ୍ୱିଡେସ୍ ନୌମୁବାଏ ବନ୍ଧୁ Sten Muhammad Yussif Widhe ସାହେବ୍ ଙ୍କ ଠାରୁ ତାଙ୍କର ରହିବା ବିଷୟ ପଚାରି ବୁଝିଲେ । ଏଥିରେ ସେ କହିଲେ ଯେ ତାଙ୍କର ରହିବାର ବ୍ୟବସ୍ଥା ହୋଟେଲ୍‌ରେ କରାଯାଇଥିଲା । ତାଙ୍କର ସବୁ ପ୍ରକାର ଧ୍ୟାନ ରଖାଗଲା । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଜଲ୍‌ସାଗାଃ ଭିତରେ ରହିବାର ବ୍ୟବସ୍ଥାର ମଜା ଅଲଗା ଅଛି ।

ସେ କହିଲେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଅଭିଭାଷଣ ତାଙ୍କ ମନରେ ବହୁତ ଗଭୀର ପ୍ରଭାବ ପକାଇଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଅଭିଭାଷଣ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବତାଇଲେ ଯେ କିପରି ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ । ଯଦି ଦାୟିତ୍ୱବାନ୍ ଲୋକମାନେ ହଜୁର୍ ଅନୁଓ୍ୱର୍ ଙ୍କ କଥାକୁ ଶୁଣିବେ ଓ ତା ଉପରେ ଅମଲ କରିବେ ତେବେ ନିଶ୍ଚିତ ରୂପେ ଦୁନିଆରୁ ଫସାଦ୍(କଳହ) ଶେଷ ହୋଇଯିବ ।

ରଜାହାନି ସାହେବ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଠାରୁ ନିଜ ଘର ଲୋକଙ୍କ ପାଇଁ ତବରୁକ୍ ମାଗିଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ତାଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତ୍କାର ପରେ ପୋଲିସ୍ ଅଫିସର୍ Ulf Bostrom ସାହେବ୍ କହିଲେ ଯେ ହଜୁର୍ ଅନୁଓ୍ୱର୍‌ଙ୍କ ସମ୍ମୁଖରେ କଥା ହେବା ବହୁତ କଠିନ ଜଣାପଡୁଥିଲା । ଜଲ୍‌ସା ପରେ ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ମୁଁ ପୂର୍ବରୁ ମଧ୍ୟ ଏ ଜଲ୍‌ସାରେ ସାମିଲ୍ ହୋଇଛି । ଏ ବର୍ଷ ମଧ୍ୟ ଯୋଗଦେବା ପାଇଁ ଅବସର ମିଳିଲା । ଜଲ୍‌ସାର ସବୁକାମ ଦିନକୁ ଦିନ ବହୁତ ଭଲ ହୋଇ ଚାଲିଛି । କିଛି ଲୋକଙ୍କୁ ବହୁତ କଠିନ କାମର ଦାୟିତ୍ୱ ଦିଆଯାଇଥିଲା । କିନ୍ତୁ ଯେଉଁଠାରେ ବି ଯମାତ୍ ଅହେମଦୀୟାର ଲୋକଙ୍କ ସହିତ ମିଶିବାର ମୌକା ମିଳିଲା ସେମାନଙ୍କୁ ଆନନ୍ଦିତ ଓ ଖୁସି ହେବାର ମୁଁ ଦେଖିବାକୁ ପାଇଲି । ପ୍ରତ୍ୟେକ ନିଜ ନିଜର ଦାୟିତ୍ୱରେ ନେଇଥିବା ଡ୍ୟୁଟିକୁ ବହୁତ ଶ୍ରଦ୍ଧାର ସହିତ ତୁଲାଉଥିଲେ । ଜଲ୍‌ସାର ଚତୁଃପାର୍ଶରେ ଏକ ଶାନ୍ତିପ୍ରିୟ ପରିବେଶ ଛାଇ ରହିଥିଲା । ଯମାତ୍‌ର ମୋଟୋ 'ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ' ଚାରିଆଡ଼େ ପ୍ରକାଶ ହେଉଥିଲା ।

ମୁଁ ଏହା ଦେଖିବାକୁ ପାଇଲି ଯେ ଇମାମ୍ ଯମାତ୍ ଅହେମଦୀୟା ଜ୍ଞାନର ବହୁତ ସମ୍ମାନ କରୁଛନ୍ତି । ଯମାତ୍ ଅହେମଦୀୟା ଲୋକମାନଙ୍କର ଜ୍ଞାନ ପ୍ରତି ଥିବା ସ୍ପୃହାକୁ ଜଲ୍‌ସା ସମୟରେ ଉତ୍ସାହିତ କରାଗଲା । ଜ୍ଞାନ ବହୁତ ଆବଶ୍ୟକ ଜିନିଷ ଅଟେ । ଏବଂ ଏହି ଜ୍ଞାନ ଯୋଗୁ ଯମାତ୍ ଅହେମଦୀୟା ଦୁନିଆର କୋଣ ଅନୁକୋଣରେ ଲୋକସେବାରେ ଲାଗି ରହିଛି । ଯମାତ୍ ଅହେମଦୀୟା ସ୍କୁଲ୍ ନିର୍ମାଣ କରି ସାହାଯ୍ୟ କରୁଛି ଓ ଲୋକମାନଙ୍କୁ ନିଜ ଗୋଡରେ ଛିଡ଼ା ହେବା ପାଇଁ ଶିଖାଇ ଦେଉଛି । ଯମାତ୍ ଯାହାବି ସେବା କରୁଛି ତା ବଦଳରେ କଦାପି କୌଣସି ପ୍ରତିବଦଳ ଚାହୁଁନାହିଁ । ମୋ ମତରେ ଏହାଠାରୁ ବଳି ମାନବ ଜାତିର ଉତ୍ତମ ସେବା କରିବ ଅସମ୍ଭବ । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ହୃଦୟର ଗଭୀରତାରୁ ଧନ୍ୟବାଦ ଅର୍ପଣ କରୁଛି ଯେ ଆପଣ ମୋତେ ଏହି ଜଲ୍‌ସାରେ ସାମିଲ୍ ହେବା ପାଇଁ ନିମନ୍ତ୍ରଣ ଦେଲେ ଓ ମୋତେ ବହୁତ ସ୍ନେହ କଲେ ।

ସ୍ୱିଡେନ୍‌ର ୱଫଦ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ କରିଥିବା ଏହି ସାକ୍ଷାତ୍କାର ୮ଟା ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ୱଫଦ୍‌ର ସଦସ୍ୟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ରିଭ୍ୟୁ ଅଫ୍ ରିଲିଜିଅନ୍‌ସ ବିଭାଗ ଅନ୍ତର୍ଗତ ଜଲ୍‌ସାରେ ସାମିଲ୍ ହୋଇଥିବା କିଛି ଅଣ ମୁସ୍‌ଲିମ୍ ସଦସ୍ୟଙ୍କ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍କାର**

ରିଭ୍ୟୁ ଅଫ୍ ରିଲିଜିଅନ୍‌ସ ବିଭାଗ ଅନ୍ତର୍ଗତ ଜଲ୍‌ସାରେ କିଛି ଅଣ ମୁସ୍‌ଲିମ୍ ବନ୍ଧୁ ସାମିଲ୍ ହୋଇଥିଲେ । ଏହି ଅତିଥିମାନେ ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ରିଭ୍ୟୁ ଅଫ୍ ରିଲିଜିଅନ୍‌ସ ବିଭାଗ ଜଲ୍‌ସାଗାଃ ରେ ଗୋଟିଏ ପ୍ରଦର୍ଶନୀର ବ୍ୟବସ୍ଥା କରିଥିଲା । ଯେଉଁଠି Shroud Turin (କଫ୍‌ନେ ମସିହ୍ ଅର୍ଥାତ୍ ମସିହ୍‌ଙ୍କ କଫନ) ସମ୍ବନ୍ଧୀୟ ପ୍ରଦର୍ଶନୀ ମଧ୍ୟ ଥିଲା । ଏ ପ୍ରସଙ୍ଗରେ Shroud Turin ର କିଛି ଗବେଷକ ଓ ଇସ୍‌ଲାମୀୟ ଇତିହାସର କିଛି ଗବେଷକ ଗଣ ବିଶେଷ ରୂପେ ଏହି ଜଲ୍‌ସାରେ ସାମିଲ୍ ହେବା ପାଇଁ ଆସିଥିଲେ । ସେହି ଅତିଥିମାନଙ୍କ ମଧ୍ୟରେ ନିମ୍ନଲିଖିତ ଲୋକମାନେ ଏଥିରେ ସାମିଲ୍ ହୋଇଥିଲେ ।

(୧)ଡାଃ ଓକାଶୁଦ୍ ଦୌଲା ଯିଏ Egyptology and Medeaval Arabic ର Leading expert ଅଛନ୍ତି ଏବଂ ଲଣ୍ଡନ୍‌ର UCL University ରେ ପ୍ରଫେସର ଅଛନ୍ତି ।

(୨)ଡାଃ ବାନି ରଶ୍‌ୱାନ୍ । ତାଙ୍କର ସମ୍ପର୍କ ମଧ୍ୟ ମିଶର୍ ଦେଶ ସହିତ ଅଛି ଓ ସେ ଆରବୀ ଓ ପୁରାତନ ମିଶରୀୟ ଭାଷାରେ ପାରଙ୍ଗମ ।

(୩)Olaf Jostein Andreassen ଙ୍କ ସମ୍ପର୍କ ନରୱେ ଦେଶ ସହିତ ଅଛି ଏବଂ ତାଙ୍କର ଗଣନା ମଧ୍ୟ କଫ୍‌ନେ ମସିହ୍ ର ବିଖ୍ୟାତ ଗବେଷକଙ୍କ ମଧ୍ୟରେ କରାଯାଏ ।

(୪)Mr. Burno Barberis ଟ୍ୟୁରିନ୍‌ର ଗୋଟିଏ ବିଖ୍ୟାତ ସାଇଂଟିଫିକ୍ କମିଟିର ଅଧ୍ୟକ୍ଷ ଅଛନ୍ତି ।

(୫)Peter Sanders ସେ ଜଣେ ବିଖ୍ୟାତ୍ ଫଟୋଗ୍ରାଫର୍ ।

(୬)David Rolfe ଯିଏ ବ୍ରିଟିସ୍ ସୋଶାଇଟି ଶେରାଉଡ୍ ନିଉଜ୍ ଲେଟର୍‌ର ଏଡିଟର୍ ଅଛନ୍ତି ଓ ସେ ବିଗତ ୪୦ ବର୍ଷ ହେବ କଫ୍‌ନେ ମସିହ୍ ଉପରେ ଗବେଷଣା କରୁଛନ୍ତି ଏବଂ ଏ ବିଷୟରେ ଡକ୍ୟୁମେଂଟାରୀ ମଧ୍ୟ ନିର୍ମାଣ କରିଛନ୍ତି ।

(୭)Bame M Schwortz ସାହେବ୍‌ଙ୍କ ଗଣନା ମଧ୍ୟ କଫ୍‌ନେ ମସିହ୍‌ର ବିଖ୍ୟାତ ଗବେଷକ ମାନଙ୍କ ଭିତରେ କରାଯାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏହି ସବୁ ଅତିଥିମାନଙ୍କୁ ସମ୍ବୋଧନ କରି କହିଲେ ମୁଁ ଏବର୍ଷ ପ୍ରଦର୍ଶନୀ ଦେଖିବାକୁ ଆସିପାରିବି ନାହିଁ । ଆସିବାକୁ ଦୁଇଥର ମନ ବଳାଇଥିଲି କିନ୍ତୁ ବର୍ଷା ଓ ନିଜର କାର୍ଯ୍ୟବ୍ୟସ୍ତତା ଯୋଗୁ ଆସିପାରିଲି ନାହିଁ ।

ଆଉଜଣେ ଅତିଥି Barrie Schwartz ସାହେବ୍ କହିଲେ ଯେ ଆପଣମାନଙ୍କର ଜଲ୍‌ସା ମୋତେ ବହୁତ ଭଲ ଲାଗିଲା । ଏଠାରେ ମୋତେ ଏତେ ମାତ୍ରାରେ ସ୍ନେହ ମିଳିଲା ଯାହା ମୋତେ ମୋ ପରିବାରଠାରୁ ମଧ୍ୟ ମିଳୁନାହିଁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯିଏ ଥରେ ଆମର ବନ୍ଧୁ ହୋଇଯାଏ ସେ ସବୁବେଳ ପାଇଁ ଆମର ବନ୍ଧୁ ହୋଇ ରହେ । ଏବଂ ଆମେ ବନ୍ଧୁର ହକ୍ ମଧ୍ୟ ପ୍ରଦାନ କରିଥାଉ ।

ସେ ବିଗତ ତିନିବର୍ଷ ହେବ ଏହି ପ୍ରଦର୍ଶନୀ ପ୍ରସଙ୍ଗରେ ଜଲ୍‌ସାସାଲାନା ୟୁ.କେ ରେ ଯୋଗ ଦେବାପାଇଁ ଆସୁଛନ୍ତି । ସେ କହିଲେ ମୁଁ ଆପଣଙ୍କୁ ଦେଖାଇବାକୁ ଚାହୁଁଛି ଯେ ମୁଁ ଡ୍ୟୁଟି ବ୍ୟାଚ୍ ଲଗାଇଛି । ପଛବର୍ଷ ହଜୁର ନିର୍ଦ୍ଦେଶ ଦେଇଥିଲେ ଯେ ମୁଁ ଏବେ ଅତିଥି ନୁହେଁ ବରଂ ମେଜ୍‌ବାନ୍ (ଆତିଥ୍ୟକର୍ତା) ଅଟେ । ଏବଂ ଏହି ପ୍ରଦର୍ଶନୀର ବ୍ୟବସ୍ଥାପିକାରେ ସାମିଲ୍ ଅଛି । ତେଣୁ ମୋତେ ଡ୍ୟୁଟି ବ୍ୟାଚ୍ ଲଗାଇବା ଉଚିତ୍ ହେବ । ସେଇଥିପାଇଁ ମୁଁ ଏହି ଡ୍ୟୁଟି ବ୍ୟାଚ୍‌କୁ ଲଗାଇଛି । (ସେ ମାଓ୍ୱିନ୍ ର ବ୍ୟାଚ୍ ଲଗାଇଥିଲେ)

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆସନ୍ତା ବର୍ଷ ଆସିଲେ ଆପଣଙ୍କ ପାଖରେ ମାଓ୍ୱିନ୍ (ସାହାଯ୍ୟକାରୀ)ର ବ୍ୟାଚ୍ ନୁହେଁ ବରଂ ନୀଳ ରଙ୍ଗର ବ୍ୟାଚ୍ ରହିବା ଉଚିତ୍ ହେବ ।

ଏଥିରେ ଅତିଥି ଜଣକ କହିଲେ ଏହାର ଅର୍ଥ ହେଉଛି ହଜୁର୍ ଆପଣ ମୋତେ ଆସନ୍ତା ବର୍ଷ ମଧ୍ୟ ଜଲ୍‌ସାରେ ଯୋଗଦେବା ପାଇଁ ନିମନ୍ତ୍ରଣ ଦେଉଛନ୍ତି । ପୁଣି ସେ କହିଲେ ମୋତେ ଜଲ୍‌ସାରେ ଯୋଗଦେବାକୁ ତିନିବର୍ଷ ହୋଇଗଲାଣି । ମୋ ପାଇଁ ଏହା ଏକ ଆଶ୍ଚର୍ଯ୍ୟ ବିଷୟ ଯେ ମୁଁ କଦାପି କୌଣସି ଖରାପ ଘଟଣା ହେବାର ଏଠାରେ ଦେଖିନାହିଁ । ମୁଁ ପ୍ରତ୍ୟେକ ବର୍ଷ ନିଜର ଲାପଟପ୍ ବ୍ୟାଗ୍‌କୁ ପ୍ରଦର୍ଶନୀ ଟେଂଟ୍ ଭିତରେ ଗୋଟିଏ ସ୍ଥାନରେ ଛାଡ଼ି ଯାଉଛି । କିନ୍ତୁ କେବେ ମଧ୍ୟ ମୋର ଏହି ବ୍ୟାଗ୍ ନିଜ ଯାଗରୁ ଏପଟ ସେପଟ ହୋଇନାହିଁ ।

ମୁଁ ଅନେକଥର ଏହି ଜଲ୍‌ସାକୁ ଆସିବା ପରେ ଏକଥା ସ୍ପଷ୍ଟ କରିଛି ଯେ ମୋତେ ମୋ ନିକଟ ସମ୍ପର୍କୀୟଙ୍କଠାରୁ ଅଧିକ ପ୍ରେମ ଅହେମଦୀମାନଙ୍କଠାରୁ ମିଳିଥାଏ । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ଜଣେ ମହାନ୍ ବ୍ୟକ୍ତି ରୂପେ ବିବେଚନା କରୁଛି ଯାହାଙ୍କ ଜ୍ଞାନର ପରିସୀମା ବହୁତ ବ୍ୟାପକ । ତାଙ୍କ ସହିତ କିଛି କ୍ଷଣ ବିତାଇବା ପରେ ମୁଁ ବି ଏହା ବୁଝିପାରୁଛି ଯେ ଅହେମଦୀମାନେ କାହିଁକି ନିଜ ଖଲିଫାଙ୍କ ସହିତ ଏତେପ୍ରେମ କରୁଛନ୍ତି ।

ଆଉ ଜଣେ ଅତିଥି କହିଲେ ମୁଁ ନିଜକୁ Jewish Member of Ahmadiyya Community ରୂପେ ବିବେଚନା କରୁଛି ।

ଏବର୍ଷ କଫ୍‌ନେ ମସିହ୍ ସହିତ ସମ୍ପର୍କ ରଖିଥିବା କିଛି ନୂଆ ପ୍ରବୀଣ ବ୍ୟକ୍ତି ବିଶେଷ ମଧ୍ୟ ଆସିଥିଲେ । ହଜୁର୍ ଅନୁଓ୍ୱର୍ ସେମାନଙ୍କୁ ସମ୍ବୋଧନ କରି କହିଲେ ଏହା ବହୁତ ଭଲ କଥା ଯେ ନୂଆ ନୂଆ ସ୍କଲାର୍‌ମାନେ ମଧ୍ୟ ଆସିଛନ୍ତି । ଲୋକମାନଙ୍କୁ ଆପଣଙ୍କ ନିକଟରୁ ନୂଆ ନୂଆ ଇନ୍‌ଫରମେସନ୍ ମିଳିବ । ଏବେ ଏହି ପ୍ରଦର୍ଶନୀ ଅଧିକା ବଢ଼ିଗଲାଣି ଏବଂ ବଢ଼ି ଚାଲିଛି । ⌘⌘⌘ ⌘⌘⌘ ⌘⌘⌘

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2017-2019 Vol.2 Thursday 07 DEC 2017 Issue No. 49**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜଲ୍‌ସା ସାଲାନା ବ୍ରିଟେନ୍-୨୦୧୭ ଅବସରରେ କାର୍ଯ୍ୟବ୍ୟସ୍ତତା

## ହଜୁର୍ ଅନୁଓ୍ୱର୍‌ଙ୍କୁ ମୁଁ ଜଣେ ମହାନ୍ ବ୍ୟକ୍ତି ରୂପେ ବିବେଚନା କରୁଛି । ଯାହାଙ୍କ ଜ୍ଞାନର ପରିସୀମା ଅତ୍ୟଧିକ ଅଟେ ।

■ଯମାତ୍ ଅହେମଦୀୟା ପବିତ୍ର କୋରାନ୍‌ର ଶିକ୍ଷାପ୍ରତି ଲୋକମାନଙ୍କୁ ଆହ୍ୱାନ ଦେଉଅଛି । ଯାହା ମୋତେ ମାତ୍ରାଧିକ ପ୍ରଭାବିତ କରିଛି । ଯମାତ୍ ଅହେମଦୀୟାଙ୍କ ଖଲିଫାଙ୍କ ସହିତ ସାକ୍ଷାତ୍‌କାର ଗଭୀର ପ୍ରଭାବ ପକାଇଛି । ଦୁନିଆର କଠିନତମ ସମସ୍ୟାର ସମାଧାନ ଖଲିଫା ବହୁତ ସହଜ ଓ ସାଧା ଶବ୍ଦ ଦ୍ୱାରା ବର୍ଣ୍ଣନା କରିଦେଉଛନ୍ତି । (ୟୁନାନ୍‌ର ମହିଳା ଜର୍ନାଲିଷ୍ଟ୍ ସୁଫିଆ ସାହିବା)

■ଏ ଜଲ୍‌ସାରେ ଆମେ ଇସ୍‌ଲାମ୍‌ର ଗୋଟିଏ ଏପରି ଚେହେରା ଦେଖିଲୁ ଯାହାକୁ ଏପର୍ଯ୍ୟନ୍ତ ଆମେ ଉପେକ୍ଷା କରୁଥିଲୁ । ଏକଥା ସ୍ୱଷ୍ଟ ହୋଇଗଲା ଯେ ଇସ୍‌ଲାମ୍‌ର ବାର୍ତା ହେଉଛି ଶାନ୍ତି, ଭାଇଚାରା, ପ୍ରେମ ଏବଂ ଏହା ସବୁ ଅନ୍ୟମାନଙ୍କ ପାଇଁ ମଧ୍ୟ । ଧର୍ମୀୟ ତାରତମ୍ୟ ସତ୍ତ୍ୱେ ଆପଣ ମାନଙ୍କର ଆତିଥ୍ୟତା ଓ ପ୍ରେମ କରିବା ଯୋଗୁଁ ଆମେ ବହୁତ କୃତଜ୍ଞ । (ଡାକ୍ତର ଗେରାଡୁ ଆମାରିଲା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଉରୁଗୁଏ)

■ଯମାତ୍ ଅହେମଦୀୟାର ଚିନ୍ତାଧାରା ବହୁତ Moderate । ଯମାତ୍ ଅହେମଦୀୟା ଯୋଗୁଁ ଇସ୍‌ଲାମ୍‌ର ଅସଲ ସ୍ୱରୂପ ଲୋକମାନଙ୍କର ସମ୍ମୁଖକୁ ଆସୁଅଛି । ସେ ସବୁ ହେଉଛି ଉତମ ଚରିତ୍ର, ଭାଇଚାରା ଏବଂ ପ୍ରତ୍ୟେକ ପ୍ରକାରର କଠୋରପନ୍ଥୀ କାର୍ଯ୍ୟକଳାପ ବିରୋଧରେ ଜିହାଦ୍ କରିବାର ଶିକ୍ଷା । (ସ୍ୱେନ୍‌ରୁ ଆସିଥିବା ରିପୋର୍ଟର ରଫାଇଲ୍ ସାହେବ୍)

■ମୋର ଏହି ଭିଜିଟ୍‌ର ସବୁଠାରୁ ଉତମ କ୍ଷଣ ହେଉଛି ଇମାମ୍ ଯମାତ୍ ଅହେମଦୀୟାଙ୍କ ସହିତ ସାକ୍ଷାତ୍‌କାର ଥିଲା । ଖଲିଫତୁଲ୍ ମସିହ୍ ହେଉଛନ୍ତି ଜଣେ ମହାନ୍ ମାର୍ଗଦର୍ଶକ ଓ ବହୁତ ସ୍ନେହି ବ୍ୟକ୍ତି । (ଇମନ୍ ଔକିଓ ସାହେବ୍ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଆୟର୍‌ଲ୍ୟାଣ୍ଡ)

■ଯମାତ୍ ଅହେମଦୀୟାର ଏକଥା ମୋତେ ବହୁତ ଭଲ ଲାଗିଲା ଯେ ସେ ପ୍ରତ୍ୟେକ ପ୍ରକାର ପ୍ରଶ୍ନକୁ ଶୁଣିବା ପାଇଁ ପ୍ରସ୍ତୁତ ଅଛି । କୌଣସି ପ୍ରକାର ସମସ୍ୟାରୁ ପଛଘୁଂଚା ଦେଉନାହିଁ ବରଂ ପ୍ରତ୍ୟେକ ପ୍ରକାର ସମସ୍ୟାର ସମାଧାନର ବାଟ ଦେଖାଉଛି । (ଆୟର୍‌ଲ୍ୟାଣ୍ଡ୍‌ର ଜଣେ ସିନେଟର୍)

■ମୋତେ ନିଜ ଆତ୍ମୀୟ ସ୍ୱଜନଙ୍କଠାରୁ ମଧ୍ୟ ଅଧିକା ପ୍ରେମ ଅହେମଦୀଙ୍କ ନିକଟରୁ ମିଳୁଛି । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ଜଣେ ମହାନ୍ ବ୍ୟକ୍ତି ରୂପେ ବିବେଚନା କରୁଛି ଯାହାଙ୍କର ଜ୍ଞାନ ବହୁତ ବ୍ୟାପକ ଏବଂ ତାଙ୍କ ସହିତ କିଛି କ୍ଷଣ ବିତାଇବା ପରେ ମୁଁ ଅନୁଭବ କରିପାରୁଛି ଯେ ଅହେମଦୀମାନେ କାହିଁକି ନିଜ ଖଲିଫାଙ୍କ ସହିତ ଏତ ପ୍ରେମ କରୁଛନ୍ତି । (କଫନ୍ ମସିହ୍‌ର ପ୍ରସିଦ୍ଧ ଗବେଷକ ବେରିଏମ୍ ଶ୍ୱାଟର୍ଜ ସାହେବ୍)

**ଜଲ୍‌ସାରେ ସାମିଲ୍ ହୋଇଥିବା ସମ୍ମାନୀୟ ବ୍ୟକ୍ତିବିଶେଷଙ୍କ ଇମାନ୍ ଅଫ୍‌ରୋଜ୍ ଭାବବ୍ୟକ୍ତ**

## ଏ ଜଲ୍‌ସାରେ ସାମିଲ୍ ହୋଇଥିବା ଦୁନିଆର ବିଭିନ୍ନ ଦେଶର ଓ୍ୱଫୁଦ୍ (ପ୍ରତିନିଧି ଦଳ) ଙ୍କ ସହିତ ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍‌କାର୍

*(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)*

ଜଲ୍‌ସା ସାଲାନା ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ସତ୍ୟତାର ଏକ ଶକ୍ତିଶାଳୀ ଓ ସ୍ଥାୟୀ ନିଦର୍ଶନ ଅଟେ । ୧୮୯୧ ମସିହାରେ ଯେବେ ଜଲ୍‌ସା ସାଲାନାର ମୂଳଦୁଆ ରଖାଗଲା ସେତେବେଳେ ଅକ୍‌ଦସ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ଖୁଦାତାଲାଙ୍କଠାରୁ ଖବର ପାଇ ଏ ଘୋଷଣା କରିଥିଲେ ଯେ ‘‘ଏ ଜଲ୍‌ସାକୁ ମାମୁଲି ଜଲ୍‌ସା ରୂପେ ଭାବନ୍ତୁ ନାହିଁ । ଏହାର ମୂଳଦୁଆ ଅଲ୍ଲାଃଙ୍କର ନିର୍ମଳ ସହଯୋଗ ଓ ଇସ୍‌ଲାମୀ କଲ୍‌ମାର ସର୍ବୋଚ୍ଚ ସ୍ତର ଉପରେ ପର୍ଯ୍ୟବେଶିତ । ଏହି ସିଲ୍‌ସିଲାର ମୂଳଦୁଆ ପଥରକୁ ଅଲ୍ଲାଃତାଲା ନିଜ ହାତରେ ରଖିଛନ୍ତି । ଏଥିନିମନ୍ତେ କୌମ୍(ଜାତି) ପ୍ରସ୍ତୁତ କରିଛନ୍ତି । ଯେଉଁମାନେ ଯଥାଶିଘ୍ର ଏଥିରେ ଆସି ମିଶିବେ । କାରଣ ଏହା ସେହି ଶକ୍ତିଶାଳୀଙ୍କର କାର୍ଯ୍ୟ ଅଟେ ଯାହାଙ୍କ ସମ୍ମୁଖରେ କୌଣସି କଥା ଅସମ୍ଭବ ନୁହେଁ ।

ଏହି ଘୋଷଣା ଏପରି ସମୟରେ କରାଯାଇଥିଲା ଯେତେବେଳେ ହିନ୍ଦୁସ୍ତାନରେ କେବଳ କିଛି ହାତଗଣତି ଲୋକ ଯମାତ୍ ଅହେମଦୀୟାରେ ସାମିଲ୍ ହୋଇଥିଲେ । ପ୍ରଥମ ଜଲ୍‌ସା ସାଲାନାରେ କେବଳ ୭୫ ଜଣ ଲୋକ ସାମିଲ୍ ହୋଇଥିଲେ । ପୁଣି ଧିରେ ଧିରେ ସଂଖ୍ୟା ବଢ଼ି ଚାଲିଲା । ଏପରିକି ୧୯୮୩ ମସିହାରେ ରବ୍‌ୱାଠାରେ ଅନୁଷ୍ଠିତ ହୋଇଥିବା ଶେଷ ଜଲ୍‌ସାରେ ଅଢ଼େଇ ଲକ୍ଷରୁ ଅଧିକ ଲୋକ ସାମିଲ୍ ହୋଇଥିଲେ ।

୧୯୮୪ ମସିହାରେ ପାକିସ୍ତାନ୍‌ରୁ ହିଜ୍‌ରତ୍ କରିବା ପରେ ଏହି ଜଲ୍‌ସା ଲଣ୍ଡନ୍‌ରେ ଅନୁଷ୍ଠିତ ହେଉଅଛି । ଏବଂ ଲଣ୍ଡନ୍‌ର ଜଲ୍‌ସାରେ ଖଲିଫତୁଲ୍ ମସିହ୍‌ଙ୍କ ଉପସ୍ଥିତି ଓ ଯୋଗଦେବା ଯୋଗୁଁ ଏହା ମର୍କଜ (କେନ୍ଦ୍ର)ର ସ୍ଥିତି ରୂପେ ବିବେଚିତ ହୋଇଯାଇଛି ।

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ଅଲ୍ଲାଃତାଲାଙ୍କ ଠାରୁ ଖବର ପାଇ ଯେଉଁ ଘୋଷଣା କରିଥିଲେ କି ଖୁଦାତାଲା ଏହି ସିଲ୍‌ସିଲା ନିମନ୍ତେ କୌମ୍ ପ୍ରସ୍ତୁତ କରିଛନ୍ତି, ଯେଉଁମାନେ ଯଥାଶିଘ୍ର ଏଥିରେ ଆସି ମିଶିବେ’ । ତାହା ଆଜି ବଡ଼ ବୈଭବର ସହିତ ଏହି ଜଲ୍‌ସା ସାଲାନା ଦ୍ୱାରା ପୂରଣ ହେଉଅଛି । ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ୟୁ.କେର ଜଲ୍‌ସା ସାଲାନାରେ ପ୍ରତ୍ୟେକ ବର୍ଷ ଦୁନିଆର ଭିନ୍ନ ଭିନ୍ନ ଦେଶରୁ ବିଭିନ୍ନ କୌମ୍ ସହିତ ସମ୍ପର୍କ ରଖିଥିବା ଲୋକମାନେ ଦଳ ଦଳ ହୋଇ ସାମିଲ୍ ହୋଇଛନ୍ତି । ଆଫ୍ରିକା ମହାଦେଶ ହେଉ ବା ଆମେରିକା, ୟୁରୋପ ହେଉ ବା ଏସିୟା, ଅଷ୍ଟ୍ରେଲିୟା ହେଉ ବା ଜଜାଇର୍‌ର ଦେଶଗୁଡିକ ହୁଅନ୍ତୁ, ପ୍ରତ୍ୟେକ ସ୍ଥାନରୁ ଓ୍ୱଫୁଦ୍(ପ୍ରତିନିଧିମାନେ) ବହୁତ ଲମ୍ବା ଓ ସମୟ ସାପେକ୍ଷ ଯାତ୍ରା ଅତିକ୍ରମ କରି ଜଲସା ସାଲାନାରେ ସାମିଲ୍ ହେଉଛନ୍ତି । ଏହି ଦେଶମାନଙ୍କୁ ଆସିଥିବା ଓ୍ୱଫୁଦ୍ ମାନଙ୍କ ଭିତରେ ଗୋଟିଏ ବହୁତ ବଡ଼ ସଂଖ୍ୟା ଏପରି ଅତିଥିମାନଙ୍କର ଅଟେ ଯେଉଁମାନେ ଏପର୍ଯ୍ୟନ୍ତ ଅହେମଦୀୟତ୍‌ରେ ସାମିଲ୍ ହୋଇନାହାଁନ୍ତି ।

ସେମାନଙ୍କ ମଧ୍ୟରୁ ବିଭିନ୍ନ ଦେଶର ମନ୍ତ୍ରୀ / ପାର୍ଲିଆମେଂଟ୍‌ର ମେମ୍ବର୍‌ଗଣ, ବିଭିନ୍ନ ଦେଶର ଆମ୍ବାସିର ପ୍ରତିନିଧିଗଣ, ପାରାମାଉଂଟ୍

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**